

ଭୁଲ୍‌ଭୁଲେୟା ୪ରେ ଅନନ୍ୟା

▸ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-130 ◆THURSDAY ◆6 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୩୦ ◆ଗୁରୁବାର ◆୬ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଜୋହରନ୍ ମମ୍‌ଦାନୀ ନ୍ୟୁୟର୍କର ମେୟର ନିର୍ବାଚିତ



**ରାଉରକେଲା ଜନ୍ମିତ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ମୀରା ନାୟାରଙ୍କ ପୁଅ ମମ୍‌ଦାନୀ**

**ସୁନ୍ଦରଗଡ଼ର ପୂର୍ବତନ ଜିଲ୍ଲାପାଳ ଅମୃତଲାଲ ନାୟାରଙ୍କ ନାତି**

**ଶୁଭେଚ୍ଛା ଜଣାଇଲେ ନବୀନ**

■ **ଭୁବନେଶ୍ୱର/ନ୍ୟୁୟର୍କ, ୫ ।୧୧ (ସମିସ):** ଭାରତୀୟ ବଂଶୋଦ୍ଭବ ଜୋହରନ୍ ମମ୍‌ଦାନୀ ଆମେରିକାରେ ଇତିହାସ ରଚିଛନ୍ତି। ଗତକାଲି ଅନୁଷ୍ଠିତ ମେୟର ନିର୍ବାଚନରେ ସେ ଡେମୋକ୍ରାଟିକ୍ ପାର୍ଟିରୁ ଲଢ଼ି ନ୍ୟୁୟର୍କର ପୂର୍ବତନ ଗଭର୍ଣ୍ଣର ତଥା ନିର୍ଦ୍ଦଳୀୟ ପ୍ରାର୍ଥୀ ଆଣ୍ଡ୍ରୁ କୁଓମୋ ହରାଇ ଇତିହାସ ରଚନା କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ କର୍ଟିସ୍ ସ୍ଲିୱା ତୃତୀୟ ସ୍ଥାନରେ ରହିଛନ୍ତି। ଏହି ବିଜୟ ସହିତ ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ମୁସଲିମ ମେୟର ହେବାର ସୌଭାଗ୍ୟ ପାଇଛନ୍ତି। ତାଙ୍କୁ ୫୦.୪ ପ୍ରତିଶତ ମତଦାନ ମିଳିଥିଲା ବେଳେ ଆଣ୍ଡ୍ରୁ କୁଓମୋ ୪୧ ପ୍ରତିଶତ ମତଦାନ (୮.୫ ଲକ୍ଷ ଭୋଟ୍) ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ପ୍ରାର୍ଥୀ କର୍ଟିସ ସିଲୱା ମାତ୍ର ୭.୧ ପ୍ରତିଶତ ଭୋଟ (୧.୪୫ ଲକ୍ଷ) ପାଇ ତୃତୀୟ ସ୍ଥାନରେ ରହିଛନ୍ତି।

୩୪ବର୍ଷୀୟ ଜୋହରାନ୍ ହେଉଛନ୍ତି ସୁନ୍ଦରଗଡ଼ର ପୂର୍ବତନ ଜିଲ୍ଲାପାଳ ଅମୃତଲାଲ ନାୟାରଙ୍କ ନାତି। ୧୯୫୮ରେ ଅମୃତଲାଲ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ଜଣେ ବିଚାରବନ୍ତ, ଦୂରଦୃଷ୍ଟିସମ୍ପର୍ଣ୍ଣ ଜିଲ୍ଲାପାଳ ଭାବେ ସୁନ୍ଦରଗଡ଼ର ବିକାଶ ପାଇଁ ଅନେକ ଲୋକପ୍ରିୟ କାର୍ଯ୍ୟ କରିଛନ୍ତି। ତାଙ୍କ ଉଦ୍ୟମରେ ସୁନ୍ଦରଗଡ଼ରେ ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟ ▸ପୃଷ୍ଠା-୭

## ମହାକାଶରେ ଡାଟା ସେଣ୍ଟର ନିର୍ମାଣ କରିବ ଗୁଗଲ୍



**ପ୍ରୋଜେକ୍ଟ 'ସନ୍ କ୍ୟାଚର୍' ଘୋଷଣା**

**୨୦୨୭ରେ ଲଞ୍ଚ ହେବ ୨ ପ୍ରୋଟୋଟାଇପ୍ ସାଟେଲାଇଟ୍**

■ **ୱାଶିଂଟନ୍, ୫।୧୧(ଏଜେନ୍ସି):** ଟେକ୍ ଜାଏଣ୍ଟ ଗୁଗଲ୍ ଏବେ ମହାକାଶରେ ଏକ ଡାଟା ସେଣ୍ଟର ନିର୍ମାଣ କରିବାକୁ ଯୋଜନା କରୁଛି। ଏହି ପ୍ରୋଜେକ୍ଟକୁ 'ସନ୍ କ୍ୟାଚର୍' ' ନାମ ଦିଆଯାଇଛି। ଗୁଗଲ୍ ସିଇଓ ସୁନ୍ଦର ପିଚାଇ ଏକ୍ସ' ରେ ଏକ ପୋଷ୍ଟରେ ଏହି ସୂଚନା ସେୟାର କରିଛନ୍ତି। ଏହି ପ୍ରୋଜେକ୍ଟ ଅନ୍ତର୍ଗତ, ଗୁଗଲ୍ ସୌର ପ୍ୟାନେଲ୍ ସହିତ ସଜ୍ଜିତ ସାଟେଲାଇଟ୍ ମହାକାଶକୁ ପଠାଇବ। ଏହାର ଅର୍ଥ ହେଉଛି ସେମାନେ ଶକ୍ତି ପାଇଁ ସୂର୍ଯ୍ୟକିରଣ ବ୍ୟବହାର କରିବେ। କାରଣ ପୃଥିବୀରେ ଥିବା ଡାଟା ସେଣ୍ଟରଗୁଡ଼ିକ ବିଦ୍ୟୁତ୍, ପାଣି ଏବଂ ସ୍ଥାନ ସହିତ ବଢ଼ୁଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସାଟେଲାଇଟ୍‌ଗୁଡିକ ଏଆଇ କାର୍ଯ୍ୟ ପାଇଁ ଡିଜାଇନ୍ ହୋଇଥିବା ଗୁଗଲ୍‌ର ସର୍ବଶେଷ ଏଆଇ ଚିପ୍ସ, ଟ୍ରିଲିୟମ୍‌ଟିପିୟୁଏସ୍ ସହିତ ସଜ୍ଜିତ ହେବ। ଏହି ସାଟେଲାଇଟ୍ ଗୁଡିକ ଫ୍ରି-ସ୍ପେସ୍ ଅପ୍ଟିକାଲ୍ ଲିଙ୍କ୍ ନାମକ ଏକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପରସ୍ପର ସହିତ ସଂଯୋଗ ହେବେ। ଗୁଗୁଲ୍ କହିଛି ଯେ ୮୧ ଟି ଉପଗ୍ରହର କ୍ଲଷ୍ଟର ମାତ୍ର ୧ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଉଡ଼ିବ, ଯାହା ଡାଟା ସ୍ଥାନାନ୍ତରକୁ ସହଜ କରିବ। ଏହାର ଅର୍ଥ ହେଉଛି ସେମାନେ ଲେଜର ଆଲୋକ ବ୍ୟବହାର କରି କୌଣସି ଓ୍ୱାର ବିନା ହାଇ-ସ୍ପିଡ୍ ଡାଟା ସେୟାର କରିବେ। ସରଳ ଭାଷାରେ, ପୃଥିବୀରେ ବିଦ୍ୟୁତ୍ ଅଭାବ ଏବଂ ଅନ୍ୟାନ୍ୟ ସମସ୍ୟାକୁ ଏଡାଇବା ପାଇଁ ଗୁଗଲ୍ ମହାକାଶରେ ସୂର୍ଯ୍ୟର ମୁକ୍ତ ଶକ୍ତିକୁ ବ୍ୟବହାର କରି ଏଆଇକୁ ସୁପରଫାଷ୍ଟ କରିବାକୁ ଚାହୁଁଛି।

ଏ ସମ୍ପର୍କରେ ଗୁଗଲ୍ ର ବରିଷ୍ଠ ନିର୍ଦ୍ଦେଶକ ଟ୍ରାଭିସ୍ ବିଲ୍ସ କହିଛନ୍ତି ଯେ ସୂର୍ଯ୍ୟ ହେଉଛି ଆମର ସୌରମଣ୍ଡଳ ପାଇଁ ସର୍ବୋତ୍ତମ ଶକ୍ତି ଉତ୍ସ, ଯାହା ବିଶ୍ୱର ମୋଟ ▸ପୃଷ୍ଠା-୭

## 'ବ୍ଲାକ୍‌ଲିଷ୍ଟ' ସଂସ୍ଥାକୁ ଆଦର

### ଗାଡ଼ିରେ ଭିଏଲ୍‌ଟିଡି ଲଗାଇବ ସିଡିଏସି



**ନିର୍ଦ୍ଦିଷ୍ଟ ସଂସ୍ଥା ପାଇଁ କୋହଳ ହୋଇଛି ସବୁ ସରକାରୀ ନିୟମ**

**ବିଏସ୍‌ଏନ୍‌ଏଲ୍‌କୁ ଛାଡ଼ି ଘରୋଇ ସଂସ୍ଥା ସହ ଚୁକ୍ତି ଯୋଜନାକୁ ନେଇ ଉଠିଲା ପ୍ରଶ୍ନ**

■ **ଭୁବନେଶ୍ୱର, ୫।୧୧ (ସମିସ):** ଦେଶକୁ ଦୋହଲାଇ ଦେଇଥିବା ନିର୍ଭୟା ଘଟଣା ପରେ ସୁପ୍ରିମକୋର୍ଟ ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ 'ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍' (ଭିଏଲ୍‌ଟିଡି) ବ୍ୟବସ୍ଥା ଆପଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ରାଜ୍ୟ ସରକାର ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ ଭିଏଲ୍‌ଟିଡି ଲଗାଉଛନ୍ତି। ଓଡ଼ିଶାରେ ଏଯାଏ ୫୨ ହଜାର ଗାଡ଼ିରେ ଏହି ବ୍ୟବସ୍ଥା ହୋଇ ସାରିଛି ଓ ଆହୁରି ୨ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ିରେ ଏହି ଯନ୍ତ୍ରାଂଶ ଲଗାଯିବା ବାକିଅଛି । ସମ୍ପ୍ରତି ଏହି ଯନ୍ତ୍ରାଂଶ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ସିଡ଼ିଏସି ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି ଓ ଦିନେ ଦୁଇଦିନ ମଧ୍ୟରେ ଏଥିନେଇ ଚୁକ୍ତିନାମା ସ୍ୱାକ୍ଷର ହେବ ବୋଲି ସୂଚନା ମିଳିଛି । ମାତ୍ର ପଞ୍ଜାବରେ କଳାତାଲିକାଭୁକ୍ତ ହୋଇଥିବା ଓ କାର୍ଯ୍ୟରେ ବିଳମ୍ବ ଯୋଗୁଁ ପଶ୍ଚିମବଙ୍ଗରେ ଜୋରିମାନା ଦେଇଥିବା ଏହି ସଂସ୍ଥାପ୍ରତି ରାଜ୍ୟ ପରିବହନ ବିଭାଗର ଅହେତୁକ ଆଦର ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ରାଜ୍ୟରେ ଭିଏଲ୍‌ଟିଡ଼ି ବ୍ୟବସ୍ଥାରେ ସହଭାଗୀ ହେବା ନିମନ୍ତେ ଭାରତୀୟ ସଂଚାର ନିଗମ (ବିଏସ୍‌ଏନ୍‌ଏଲ୍) ଏବଂ ଟିସିଆଇଏଲ୍ ଭଳି ଦୁଇଟି ରାଷ୍ଟ୍ରାୟତ୍ତ ସଂସ୍ଥା ଆଗ୍ରହ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଟେଣ୍ଡର ବିଧିବ୍ୟବସ୍ଥା ଅନୁଯାୟୀ ଆବେଦନ କରିଥିଲେ। ଟେଣ୍ଡର ନିୟମ ଅନୁଯାୟୀ କେବଳ ସୋସାଇଟି ଆକ୍ଟରେ ପଞ୍ଜିକରଣ ସଂସ୍ଥା ଓ ରାଜ୍ୟରେ ଜିଏସ୍‌ଟି କରିଥିବା ସଂସ୍ଥାକୁ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ହେଲେ ସିଡିଏସି ପକ୍ଷରେ ଏହାକୁ ବ୍ୟତିକ୍ରମ ହୋଇଛି। କାରଣ 'ସିଡିଏସି' ଟ୍ରଷ୍ଟ ଆଇନ୍ ଅନୁସାରେ ଓ ଅଲଗା ରାଜ୍ୟର ପଞ୍ଜିକୃତ ଏକ ସଂସ୍ଥା। ଅତୀତରେ ପଶ୍ଚିମବଙ୍ଗ ସରକାର ଏହି ସଂସ୍ଥା ଉପରେ ଜୋରିମାନା ଲାଗୁ କରିବା ସହ ଏହି ସଂସ୍ଥାର କାର୍ଯ୍ୟାଦେଶ ବାତିଲ କରିଛନ୍ତି। ସେହିପରି ପଞ୍ଜାବ ସରକାର ମଧ ଏହି ସଂସ୍ଥାକୁ ପ୍ରଶ୍ନପତ୍ର ଲିକ୍ ମାମଲାରେ କଳାତାଲିକା ଭୁକ୍ତ କରିଛନ୍ତି। ସେହିପରି ରାଷ୍ଟ୍ରାୟତ୍ତ ସଂସ୍ଥା ପକ୍ଷରୁ ଦିଆଯାଇଥିବା କୋଟେସନ ତୁଳନାରେ ଏହି ସଂସ୍ଥା ୨ ଗୁଣା ଅଧିକ ଦର ଧାର୍ଯ୍ୟ କରିଥିବା ସତ୍ତ୍ୱେ ଏହି ସଂସ୍ଥା ସହିତ ଚୁକ୍ତି କରିବା ପାଇଁ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଏହି ସଂସ୍ଥା ଆଗାମୀ ୩ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିମାନା କରିବ। ସମସ୍ତ ଯୋଗ୍ୟତା ସତ୍ତ୍ୱେ ଏହି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦିଆଯାଇ ସିଡିଏସି କାର୍ଯ୍ୟଭାର ▸ପୃଷ୍ଠା-୭




## ୭ରେ ପୁଣି ନୂଆପଡ଼ା ଯିବେ ନବୀନ

■ **ଭୁବନେଶ୍ୱର, ୫।୧୧ (ସମିସ):** ଆସନ୍ତା ୭ ତାରିଖରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦ୍ୱିତୀୟଥର ପାଇଁ ନୂଆପଡ଼ା ଗସ୍ତରେ ଯିବେ। ବୁଧବାର ନବୀନ ଏ ନେଇ ନିଜେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ନୂଆପଡ଼ାବାସୀଙ୍କୁ ଜୁହାର ଜଣାଇ ନବୀନ କହିଛନ୍ତି ଯେ କୋମନାର ସଭା ଲାଗି ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ। ମୁଁ ପୁଣିଥରେ ୭ ତାରିଖ ନୂଆପଡ଼ା ଆସୁଛି। ନୂଆପଡ଼ା ଆଉ ଖରିଆର ରୋଡ ଯିବି। ଆପଣମାନଙ୍କ ସହ ଦୁଇପଦ କଥା ହେବି। ଆଉ ଆଶୀର୍ବାଦ ମାଗିବି ବୋଲି ନବୀନ କହିଛନ୍ତି। ସୂଚନା ଅନୁଯାୟୀ ନବୀନ ୭ ତାରିଖରେ ଖରିଆର ରୋଡଠାରୁ ନୂଆପଡା ଯାଏଁ ବିଶାଳ ରୋଡ ଶୋ କରିବାର କାର୍ଯ୍ୟକ୍ରମ ରହିଛି ।

**ଆଜି ପ୍ରଚାର କରିବେ ମୋହନ-ବିଷ୍ଣୁଦେବ**

ଗତ ୩ ତାରିଖରେ ନବୀନ ନୂଆପଡ଼ା କୋମନା ବ୍ଲକ ଅନ୍ତର୍ଗତ ଧାନମଣ୍ଡି ପଡ଼ିଆଠାରେ ଆୟୋଜିତ ବିଶାଳ ସମାବେଶରେ ଯୋଗ ଦେଇଥିଲେ। ସମାବେଶ ସ୍ଥଳରୁ ନବୀନ ▸ପୃଷ୍ଠା-୭

## ୭ରେ ଆସିବେନି ରେବନ୍ତ!

**ସନ୍ଦେହରେ ସଚିନ ପାଇଲଟ୍ ଓ କହ୍ନେୟାଙ୍କ ଗସ୍ତ**

■ **ଭୁବନେଶ୍ୱର, ୫।୧୧ (ସମିସ):** ଆସନ୍ତା ୭ ତାରିଖରେ ନୂଆପଡ଼ା ଗସ୍ତରେ ଆସି ନ ପାରନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ। ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପାଇଁ ଭୋଟ୍ ଭିକ୍ଷା କରାବା ନେଇ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା; ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଗସ୍ତ ସମ୍ପର୍କରେ ତେଲେଙ୍ଗାନା ▸ପୃଷ୍ଠା-୭

## ରାଜ୍ୟରେ ପହିଲି ଶୀତ

■ **ଭୁବନେଶ୍ୱର, ୫।୧୧ (ସମିସ):** ରାଜ୍ୟରେ ଆରମ୍ଭ ହୋଇଛି ଶୀତର ପ୍ରଭାବ। ଗତ ୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ହ୍ରାସ ହୋଇଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ କମିଛି। ଏହାଦ୍ୱାରା ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ଫୁଲବାଣୀ ୧୨.୫ ଡିଗ୍ରୀ ସହ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ଏଠାରେ ୨୪ ଘଣ୍ଟା ମଧ୍ୟରେ ତାପମାତ୍ରା ପ୍ରାୟ ୨.୫ ଡିଗ୍ରୀ ଖସିଛି। ସେହିପରି ଦାରିଙ୍ଗବାଡ଼ିରେ ତାମାତ୍ରା ୧୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୩.୩ ଡିଗ୍ରୀ ତାପମାତ୍ରା କମି ୧୪.୫ ଡିଗ୍ରୀ ରେକର୍ଡ ହୋଇଛି। ଏହା ବ୍ୟତତୀ ଅନୁଗୁଳ, ରାଉରକେଲା, କେନ୍ଦୁଝର ଓ ଢେଙ୍କାନାଳରେ ତାପମାତ୍ରା ୧୫ ଡିଗ୍ରୀକୁ ଖସିଛି। ବଡ଼ କଥା ହେଉଛି ଯେ ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳରେ ୬.୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ଏହା ବ୍ୟତୀତ ଦେଶର ରାଜଧାନୀ ନୂଆଦିଲ୍ଲୀଠାରୁ ରାଜ୍ୟର ରାଜଧାନୀରେ ଅଧିକ ଥଣ୍ଡା ଅନୁଭୂତ ହୋଇଛି। ଆଜି ରାଜଧାନୀ ▸ପୃଷ୍ଠା-୭

**୧୨ ଡିଗ୍ରୀକୁ ଖସିଲା ତାପମାତ୍ରା**

## ଆଜି ବିହାରରେ ଭୋଟ୍

### ପ୍ରଥମ ପର୍ଯ୍ୟାୟରେ ୧୨୧ ଆସନରେ ହେବ ମତଦାନ



**ତେଜସ୍ୱୀ, ତେଜପ୍ରତାପଙ୍କ ସମେତ ୧, ୩୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ**

■ **ପାଟନା, ୫ ।୧୧ (ଏଜେନ୍ସି):** ବିହାର ବିଧାନସଭା ପାଇଁ ଆସନ୍ତାକାଲି ଗୁରୁବାର ଦିନ ହେବାକୁ ଯାଉଛି ପ୍ରଥମ ପର୍ଯ୍ୟାୟ ମତଦାନ। ରାଜ୍ୟର ୧୮ଟି ଜିଲ୍ଲାର ୧୨୧ଟି ନିର୍ବାଚନ ମଣ୍ଡଳୀରେ ମତଦାନ ହେବ। ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ୧୧ତାରିଖରେ ଅବଶିଷ୍ଟ ଆସନରେ ଭୋଟ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଆସନ୍ତାକାଲି ଯେଉଁ ନେତାମାନଙ୍କର ଭାଗ୍ୟ ନିର୍ଦ୍ଧାରିତ ହେବ ସେମାନଙ୍କ ମଧ୍ୟରେ ଅଛନ୍ତି ଆରଜେଡି ନେତା ତେଜସ୍ୱୀ ଯାଦବ, ତାଙ୍କ ଭାଇ ତେଜପ୍ରତାପ ଯାଦବ, ବିଜେପି ନେତା ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନା ଓ ଅନନ୍ତ ସିଂହ। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ସାମିଲ ଥିବା ୧୮ଟି ଜିଲ୍ଲା ହେଲା ପାଟନା, ଭୋଜପୁର, ବକ୍ସର, ଗୋପାଳଗଞ୍ଜ, ସିବାନ, ସାରନ, ମୁଜାଫରପୁର, ବୈଶାଳୀ, ସମଷ୍ଟିପୁର, ମାଧେପୁରା, ସହର୍ଶା, ଖାଗାରିଆ, ବେଗୁସରାଇ, ମୁଙ୍ଗେର, ଲକ୍ଷିସରାଇ, ଶେଖପୁରା ଓ ନାଳନ୍ଦା। ଏହି ନିର୍ବାଚନରେ ଦରଭଙ୍ଗା, ମୁଙ୍ଗେର ଓ ପାଟନା ଡିଭିଜନ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

ଶାସକ ଏନ୍‌ଡିଏରୁ ଜେଡିୟୁ ୫୭, ବିଜେପି ୪୮, ଏଜେପି (ରାମ ବିଳାଶ) ୧୩, ଆରଏଲ୍ଏମ୍ ୨, ହାମ୍ ଗୋଟିଏ ଆସନରେ ପ୍ରାର୍ଥୀ ଦେଇଛନ୍ତି। ସେହିପରି ଇଣ୍ଡିଆ ମହାମେଣ୍ଟ ପକ୍ଷରୁ ଆରଜେଡି ୭୨, କଂଗ୍ରେସ ୨୪, ସପିଆଇ(ଏମ୍‌ଏଲ) ୧୪ ଓ ଭିଆଇପି ଏବଂ ସିପିଆଇ ୬ଟି ଲେଖାଏ ଆସନରେ ପ୍ରାର୍ଥୀ ଦେଇଛନ୍ତି।

## ଓପିଏସ୍ ନିଯୁକ୍ତି ଆଶାୟୀ ନିରାଶ

### କେବଳ ପଦୋନ୍ନତିରେ ୮୯% ପଦ ପୂରଣ

**ମାତ୍ର ୧୧ ପ୍ରତିଶତ ନୂତନ ପିଲାଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି**

**ନିଯୁକ୍ତି ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

■ **ଭୁବନେଶ୍ୱର, ୫।୧୧ (ସମିସ):** ରାଜ୍ୟରେ ଖାଲି ପଡ଼ିଛି ଶତାଧିକ ଓଡ଼ିଶା ପୁଲିସ ସେବା (ଓପିଏସ୍) ପଦ। ହେଲେ ନୂତନ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। କେବଳ ପଦୋନ୍ନତି ମାଧ୍ୟମରେ ଓପିଏସ୍ ଅର୍ଦ୍ଧାଧିକ ପଦ ପୂରଣ କରାଯାଉଛି। ଯାହାକୁ ଆଶାୟୀମାନେ ଦୃଢ଼ ବିରୋଧ କରିଛନ୍ତି। ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପରୀକ୍ଷା ସମୟରେ ପର୍ଯ୍ୟାପ୍ତ ଓପିଏସ୍ ପଦ ବାହାର କରିବା ପାଇଁ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଆଇନ୍‌ରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୧ରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାଜ୍ୟରେ ମୋଟ୍ ୯୦୮ ଜଣ ଓପିଏସ୍ ଅଧିକାରୀ ପଦ ପୂରଣ କରାଯାଇଛି। ହେଲେ ତନ୍ମଧ୍ୟରୁ ୮୦୬ଟି ପଦରେ ଇନ୍ସପେକ୍ଟରଙ୍କୁ ପଦୋନ୍ନତି ଦିଆଯାଇ ଓପିଏସ୍ ପଦ ପୂରଣ କରାଯାଇଛି। ସେମାନଙ୍କୁ ଡିଏସ୍‌ପି ଭାବେ ଅବସ୍ଥାପିତ କରାଯାଉଛି। ଅନୁରୂପ ଭାବେ ଠିକ୍ ଏହି ସମୟଅବଧି ମଧ୍ୟରେ ମାତ୍ର ୧୦୨ ଜଣ ପ୍ରାର୍ଥୀଙ୍କୁ ନୂତନ ଭାବେ ନିଯୁକ୍ତି ଦିଆଯାଇଛି। ଅର୍ଥାତ୍ ମାତ୍ର ୧୧ ପ୍ରତିଶତ ପଦରେ ଛାତ୍ରଛାତ୍ରୀଙ୍କୁ ସିଧାସଳଖ ଭାବେ ନିଯୁକ୍ତି ▸ପୃଷ୍ଠା-୭

## ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ

### ସରିଲା ରିମାଣ୍ଡ ଅବଧି, ଜେଲ୍ ଗଲେ ମୁନା ସମେତ ୩ ଦଲାଲ

■ **ବ୍ରହ୍ମପୁର, ୫।୧୧(ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଗିରଫ ମୁନା ମହାନ୍ତି, ପ୍ରିୟଦର୍ଶିନୀ ସାମଲ ଓ ଲୋକନାଥ ସାହୁଙ୍କ ୫ଦିନିଆ ରିମାଣ୍ଡ ଶେଷ ପରେ ବୁଧବାର କ୍ରାଇମବ୍ରାଞ୍ଚ ସ୍ଥାନୀୟ କୋର୍ଟରେ ହାଜର କରି ବ୍ରହ୍ମପୁର ଜେଲ୍‌କୁ ପଠାଇଦେଇଛି।

ଏମାନଙ୍କୁ କଟକରେ ଜେରା ପରେ ବୁଧବାର ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଥିଲା। ସେହିପରି ମଙ୍ଗଳବାର ସନ୍ଧ୍ୟା ୫ଟା ୨୦ରେ କ୍ରାଇମବ୍ରାଞ୍ଚ ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ବାଲେଶ୍ୱରର ଦଲାଲ ଅରବିନ୍ଦ ଦାଶଙ୍କୁ ୫ଦିନିଆ ରିମାଣ୍ଡରେ ନେଇଛି। ଉଭୟ ଶଙ୍କର ଓ ଅରବିନ୍ଦଙ୍କୁ ଅଧିକ ପଚରାଉଚରା ପାଇଁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମ୍‌ଏଫ୍‌ସି ରୁରାଲ କୋର୍ଟରେ ୭ଦିନିଆ ରିମାଣ୍ଡ ଆବେଦନ କରିଥିଲା। ତେବେ ପିଟିସନର ଶୁଣାଣି କରି କୋର୍ଟ ▸ପୃଷ୍ଠା-୭

**ଶଙ୍କର ଓ ଅରବିନ୍ଦଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା**

## ଓସିଏର ଖର୍ଚ୍ଚ ଅପର୍ଯ୍ୟାପ୍ତ; ଫଳ ଅପଯଶ

### ଜାତୀୟ କ୍ରିକେଟରେ ପରିଚୟ ଖୋଜୁଛି ଓଡ଼ିଶା

**ଭୋଟ୍ ରାଜନୀତିରେ ଫସିଛି ଖେଳାଳିଙ୍କ ଭାଗ୍ୟ!**


**ଅଣଓଡ଼ିଆ ପ୍ରଶିକ୍ଷକଙ୍କୁ ନେଇ ବଢୁଛି ଅସନ୍ତୋଷ**

■ **ଭୁବନେଶ୍ୱର, ୫।୧୧ (ସମିସ):** କ୍ରିକେଟ ଏବେ ଦେଶର ସବୁଠାରୁ ଲୋକପ୍ରିୟ ଖେଳ। ଏହି ଖେଳରେ ରହିଛି ଅର୍ଥ, ସମ୍ମାନ ଓ ପ୍ରତିଷ୍ଠିତ ହେବାର ସୁଯୋଗ। ଏଥିଲାଗି ଯୁବପିଢ଼ି ଏହି ଖେଳ ପଛରେ ପଡ଼ିଛନ୍ତି। ଏଥିରୁ ବାଦ୍ ପଡ଼ିନାହାନ୍ତି ଓଡ଼ିଶାର ଯୁବ ପିଢ଼ି ଓ କର୍ମକର୍ତ୍ତା। ଭିତ୍ତିଭୂମି, ପ୍ରତିଭା, ସୁବିଧା ସୁଯୋଗ ସବୁକିଛି ଓଡ଼ିଶାରେ ଉପଲବ୍ଧ ବୋଲି ରାଜ୍ୟ କ୍ରିକେଟ ପରିଚାଳନାର ଭାର ବହନ କରିଥିବା ଓଡ଼ିଶା କ୍ରିକେଟ ସଂଘ ବା ଓସିଏ ସର୍ବଦା ଦାବି କରୁଆସୁଛି। ଏହି ଦାବି କିନ୍ତୁ ପ୍ରଦର୍ଶନରେ ରୂପାନ୍ତରିତ ହୋଇ ପାରୁନାହିଁ। ଓସିଏ କିନ୍ତୁ କୌଣସି ସମୟରେ ଦଳର ଏହି ବିଫଳତା ଲାଗି ନିଜକୁ ଦୋଷୀ କରିନାହିଁ। କିନ୍ତୁ ଭିଜନ-୨୦୨୪ ଅନୁଯାୟୀ ସମଗ୍ର ରାଜ୍ୟରେ ଭିତ୍ତିଭୂମି ସଜାଡିବା, ପ୍ରତିଭା ଚିହ୍ନଟ କରି ଅତ୍ୟାଧୁନିକ ଓ ଉନ୍ନତ ପ୍ରଶିକ୍ଷଣ ଦେଇ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳି ସୃଷ୍ଟି କରିବାରେ ଓସିଏ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ଘୋଷଣା ଏଯାଏ କାର୍ଯ୍ୟକାରୀ ହୋଇପାରିନି; କିନ୍ତୁ କୋଟି କୋଟି ଟଙ୍କା ବ୍ୟୟ ହୋଇଛି। ଏହି ଘଟଣା ଓସିଏର ପାରିବା ପଣିଆକୁ ପଦାରେ ପକାଇ ଦେଇଛି। ଏଭଳି ଅନେକ ପ୍ରସଙ୍ଗ ଏବେ କ୍ରିକେଟପ୍ରେମୀଙ୍କୁ ବ୍ୟଥିତ କରିଛି। ସବୁଠୁ ଅଧିକ ବ୍ୟଥିତ କରିଛି ଚଳିତବର୍ଷ ରଣଜୀ ଟ୍ରଫିର ପ୍ରଥମ ୩ଟି ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ। କ୍ରିକେଟରେ ୩ଟି ଫର୍ମାଟ ଖେଳାଯାଉଥିଲାବେଳେ ୪ ଦିନରେ ଖେଳାଯାଉଥିବା ରଣଜୀ ଟ୍ରଫିକୁ ଦେଶର ସର୍ବଶ୍ରେଷ୍ଠ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୋଲି ବିବେଚନା କରାଯାଏ। ଏହି ଟୁର୍ଣ୍ଣାମେଣ୍ଟରୁ ଖେଳାଳି ଚୟନ କରାଯାଏ ଓ ଦଳର ଶକ୍ତି ଆକଳନ ହୁଏ। ଗତ କିଛି ବର୍ଷର ପ୍ରଦର୍ଶନକୁ ଦେଖିଲେ ଓଡ଼ିଶା ଏହି ଦୌଡ଼ରୁ ସତେ ଯେପରି ଓହରି ଯାଇଛି। କେବଳ ଟୁର୍ଣ୍ଣାମେଣ୍ଟର ଅଂଶଗ୍ରହଣରେ ରହିଯାଇଛି ଦଳର ପ୍ରଦର୍ଶନ ଓ ସଫଳତା। ▸ପୃଷ୍ଠା-୭

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

# ସୁନା ସହରର ଅନ୍ଧାରୀ ରୂପ



ସାରା ବିଶ୍ୱରେ ଏପରି କିଛି ସ୍ଥାନ ଅଛି ଯାହା ମଣିଷକୁ ବେଶ୍ ଆଚମ୍ବିତ କରିଥାଏ। ଦକ୍ଷିଣ ଆମେରିକାର ପେରୁରେ ଥିବା ଲା ରିନକୋନାଡା ବିଶ୍ୱର ସବୁଠୁ ଉଚ୍ଚ ଓ ବିପଦପୂର୍ଣ୍ଣ ସ୍ଥାନ ଭାବେ ଜଣାଯାଏ। ଏହି ସହର ସୁନାଖଣି ପାଇଁ ପ୍ରସିଦ୍ଧି ଲାଭ କରିଛି। ହେଲେ ଏଠାରେ ଜୀବନ ନର୍କଠାରୁ କମ୍ ନୁହେଁ। ଅପରାଧ, ପ୍ରଦୂଷଣ, ଦାରିଦ୍ର୍ୟ, ରୋଗରେ ଭରା ଏହି ସହରକୁ ଲୋକେ ନିୟମବିହୀନ ସହର ବୋଲି କୁହନ୍ତି। ନିକଟରେ ଇଟାଲୀୟ ଟ୍ରାଭେଲର 'ଜାଜା ଦି ଇଟାଲିୟାନ' ଏଠାକୁ ଯାତ୍ରା କରି ନିଜର ଅନୁଭୂତିକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ସେ ଏହାକୁ ମୃତ୍ୟୁର ନିକଟବର୍ତ୍ତୀ ସ୍ଥାନ ବୋଲି କହିଛନ୍ତି। ଏଠାରେ ସେ ଭୟାବହ ସ୍ଥିତି ଦେଖିଥିବା କଥା କହିଛନ୍ତି। ସେ ଆହୁରି ମଧ୍ୟ ଲେଖିଛନ୍ତି, ଏହି ଯାତ୍ରା ତାଙ୍କ ଜୀବନର ସବୁଠୁ କଠିନ ରେକର୍ଡିଂ ଥିଲା। ସେ ନିକଟ ସହର ଜୁଲିୟାକାରୁ ବସ୍ ଯୋଗେ ତିନିଘଣ୍ଟା ଯାତ୍ରା କରି ଲା ରିନକୋନାଡାରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବାପରେ ସେ ହାଡ଼ଭଙ୍ଗା ଶୀତ, ବରଫ ବର୍ଷା ଓ ଦୁର୍ଗନ୍ଧମୟ ପରିବଶର ସାମ୍ନା କରିଥିଲେ। ଏହି ସହରର ଦୃଶ୍ୟ ବସ୍ତି ଭଳି ଥିଲା। ରାସ୍ତାକଡ଼ରେ ପିଲାମାନେ ଖାଦ୍ୟ ରାନ୍ଧୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଲା ସ୍କୁଲ ଯାଉ ନ ଥିଲେ। କାରଣ ସେମାନଙ୍କୁ ପିଲାଦିନରୁ ଦେହ ବ୍ୟବସାୟରେ ସାମିଲ କରାଯାଉଥିଲା। ଏହି ସ୍ଥାନଟି ଅଧିକ ଉଚ୍ଚତାରେ ଥିବାରୁ ଏଠାରେ ଲୋକଙ୍କୁ ନିଃଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଏଠାକାର ଲୋକେ କ୍ରୋନିକ୍ ମାଉଣ୍ଟେନ୍ ସିକ୍‌ନେସ୍‌ରେ ପୀଡ଼ିତ। ଲା ରିନକୋନାଡାରେ ପ୍ରତି ଚାରିଜଣରେ ଜଣେ ବ୍ୟକ୍ତି ଏହି ରୋଗରେ ପୀଡ଼ିତ। ଜାଜା ଏକ ସ୍ଥାନୀୟ ହସ୍‌ପିଟାଲକୁ ଯାଇଥିଲେ। ସେଠାରେ ଜଣେ ଡାକ୍ତର ତାଙ୍କୁ କହିଥିଲେ, ଏଠାରେ ଲୋକେ ସବୁବେଳେ ନିଶାସକ୍ତ ରୁହନ୍ତି, ଅତି ମାମୁଲି କଥାରୁ ଗୁଳି ଚଳାଇ ଦିଅନ୍ତି। ସବୁଠୁ ବଡ଼ କଥା ହେଉଛି, ଜାଜା ଏହି ସହର ମଧ୍ୟକୁ ପ୍ରବେଶ କରିବାର ଘଣ୍ଟାଏ ମଧ୍ୟରେ ଗୁଳି ଶବ୍ଦ ଶୁଣିଥିଲେ। ଅବଶ୍ୟ ସେ ପୂର୍ବରୁ ଏବିଷୟରେ ଜାଣି ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ପିନ୍ଧି ସେଠାକୁ ଯାଇଥିଲେ। କିଛି ସ୍ଥାନୀୟ ଲୋକ ଜାଜାଙ୍କୁ କହିଥିଲେ, ଏଠାକାର ଲୋକେ ବାହାର ଲୋକଙ୍କ ସହ କଥାବାର୍ତ୍ତା କରନ୍ତି ନାହିଁ। ଅନେକ ଲୋକ ପରିବାର ପାଇଁ ଅଳିଆ ଆବର୍ଜନା ମଧ୍ୟରେ ସୁନା ଖୋଜୁଥିବାର ଦେଖାଯାଏ। ଏଠାରେ ଚାରିଆଡ଼େ କୁଢ଼ କୁଢ଼ ଅଳିଆ ଆବର୍ଜନା।' ସେହିଭଳି ସ୍ଥାନୀୟ ପୁଲିସ୍ ଜାଜାଙ୍କୁ କହିଥିଲେ ଯେ, 'ଏଠାରେ ସୁନା ଖଣିରେ କାମ କରୁଥିବା ଲୋକେ ଡକାୟତି, ଚୋରି, ହତ୍ୟା ଭଳି ଅପରାଧ କରିଥାନ୍ତି। ଏଠାରେ ପ୍ରଚଳିତ ଲୋକକଥା ମଧ୍ୟ ଏଠାକାର ସ୍ଥିତି ପାଇଁ ଦାୟୀ। ଲୋକକଥା ଅନୁସାରେ, ସୁନା ଖଣିରୁ ମିଳୁଥିବା ସୁନାକୁ ପରିବାର ପାଇଁ ଖର୍ଚ୍ଚ କରିବା ଅପେକ୍ଷା ମଦ, ସିଗାରେଟ୍ ଆଦିରେ ଖର୍ଚ୍ଚ କରିବା ଭଲ।'

# 'ଭୁଲଭୁଲୈୟା ୪'ରେ ଅନନ୍ୟା



ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନିକଟରେ ତାଙ୍କର ୨୭ତମ ଜନ୍ମଦିନକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଜନ୍ମଦିନ ପାଳନର କିଛି ଫଟୋ ସେୟାର୍ କରିଥିଲେ। ଅନନ୍ୟାଙ୍କ ଜନ୍ମଦିନରେ କାର୍ତ୍ତିକ୍ ଆର୍ୟନ୍ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। କାର୍ତ୍ତିକ୍ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମ ସେଟ୍‌ର ଏକ ଭିଡିଓ ସେୟାର୍ କରି ଅନନ୍ୟାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଭିଡିଓରେ ଅନନ୍ୟା ମଜାଳିଆ ଅନ୍ଦାଜରେ କହୁଛନ୍ତି- 'କାର୍ତ୍ତିକ୍, ଫିଲ୍ମରୁ ତାଙ୍କ ଗୀତ କାଟିବା ପାଇଁ ଚେଷ୍ଟା କରୁଛନ୍ତି।' ଏହାପରେ କାର୍ତ୍ତିକ୍ ହସି ହସି କହୁଛନ୍ତି- 'ତୁମ ଗୀତ, ସେଥିରେ ମୁଁ କ'ଣ ନାହିଁ।' ଏହାପରେ ଅନନ୍ୟା କହୁଛନ୍ତି – 'ଆମ ଗୀତ।' ଏହାପରେ ଅନନ୍ୟା 'ଭୁଲଭୁଲୈୟା ୪'ରେ ମଞ୍ଜୁଲିକା ହେବେ ବୋଲି କହୁଛନ୍ତି। ଯାହାକୁ ଶୁଣି କାର୍ତ୍ତିକ୍ ହସୁଛନ୍ତି। ଏଠାରେ ପ୍ରକାଶ ଥାଉ କି, 'ଭୁଲଭୁଲୈୟା' ସିରିଜ୍‌ର ଏଯାବତ୍ ତିନୋଟି ଫିଲ୍ମ ଆସିଛି। 'ଭୁଲଭୁଲୈୟା ୪'କୁ ନେଇ ବିଧିବଦ୍ଧ ଭାବେ କୌଣସି ଘୋଷଣା କରାଯାଇ ନାହିଁ।

## ଆଜିର ଇତିହାସ

- ୧୮୬୦- ଆବ୍ରାହମ୍ ଲିଙ୍କନ୍ ଆମେରିକାର ରାଷ୍ଟ୍ରପତି ହେଲେ।
- ୧୯୪୩- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଆଣ୍ଡାମାନ ନିକୋବର ଦ୍ୱୀପ ସମୂହ ସମର୍ପି ଦେଲା।
- ୧୯୬୨- ରାଷ୍ଟ୍ରୀୟ ରକ୍ଷା ପରିଷଦର ସ୍ଥାପନା।
- ୧୯୮୫- ହିନ୍ଦୀ ଫିଲ୍ମ ଅଭିନେତା ସଞ୍ଜୀବ କୁମାରଙ୍କ ମୃତ୍ୟୁ।
- ୧୯୯୦- ନୱାଜ୍ ସରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୨- ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।

# ସବୁଠୁ ବଡ଼ ମାଠିଆ

## ରହିପାରିବ ୨୦୦୦ ଲିଟର ପାଣି

ଆଗରୁ ମାଟି ଜିନିଷର ଚାହିଦା ଅଧିକ ଥିଲା। ଲୋକେ ମାଟି ତିଆରି ମାଠିଆ ବା ପାତ୍ରକୁ ବ୍ୟବହାର କରୁଥିଲେ। ଆଜି ବି ଗାଁ' ଗହଳିର ଲୋକ ପାଣି ରଖିବାକୁ ମାଠିଆ ବ୍ୟବହାର କରୁଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶର କନୌଜ ସଂଗ୍ରହାଳୟରେ ରହିଛି ବିଶ୍ୱର ସବୁଠୁ ବଡ଼ ମାଠିଆ। ଏହି ବିଶାଳକାୟ ମାଠିଆଟିକୁ କୁଶାଣ ରାଜବଂଶ ସମୟରେ ନିର୍ମାଣ କରାଯାଇଥିଲା ବୋଲି କୁହାଯାଏ। ସେତେବେଳେ ଏଭଳି ବଡ଼ ବଡ଼ ମାଠିଆରେ ପାଣି ରଖାଯାଉଥିଲା। ଏଥିରେ ୨ ହଜାର ଲିଟର ପାଣି ରହିପାରିବ। ୪୦ ବର୍ଷ ପୂର୍ବରୁ ଶେଖପୁରା ଅଞ୍ଚଳରେ ଖନନ ସମୟରେ ଏହି ମାଠିଆଟି ମିଳିଥିଲା। ୫.୪ ଫୁଟ ଉଚ୍ଚା ଓ ୪.୫ ଫୁଟ ଚଉଡ଼ାର ଏହି ମାଠିଆକୁ ଯୁଦ୍ଧ ସମୟରେ ସୈନିକମାନଙ୍କୁ ପାଣି ପିଆଇବା ପାଇଁ ବ୍ୟବହାର କରାଯାଉଥିଲା। ମାଟିରେ ତିଆରି ହୋଇଥିଲେ ବି ଏବେବି ଏହା ସୁରକ୍ଷିତ ଅବସ୍ଥାରେ ରହିଛି।




# ଭିନ୍ନ ଜଣେ ଯୁବକ


## ପିନ୍ଧନ୍ତି ପଣ ଅଜାଙ୍କ ପୋଷାକ

ବ୍ରିଟେନରେ ରହୁଥିବା ଜ୍ୟାକ୍ ପିନସେଣ୍ଟ ନାମକ ଯୁବକ ତାଙ୍କର ଅଜବ ଫେଶନ ପାଇଁ ଚର୍ଚ୍ଚାରେ ରହିଛନ୍ତି। ସେ ଭିଣ୍ଟେଜ୍ ଫ୍ୟାଶନକୁ ଆପଣାଇ ଶହେ ଦୁଇଶହ ବର୍ଷ ତଳର ପୋଷାକ ପିନ୍ଧନ୍ତି। ସେ ଭିକ୍ଟୋରିଆ ଅମଳର ୱେଷ୍ଟକୋଟ୍, କୋଟ୍ ଓ ବୁଟ୍ ପିନ୍ଧନ୍ତି। ଜିନ୍ସ, ଟିସାର୍ଟ ଆଦି ପୋଷାକ ପିନ୍ଧିବାକୁ ସେ ପସନ୍ଦ କରନ୍ତିନି। ତାଙ୍କ କହିବାନୁସାରେ, ଆଧୁନିକ ପୋଷାକ ପିନ୍ଧା ଶୈଳୀ କେବଳ ଅସୁବିଧାଜନକ ନୁହେଁ, ଆତ୍ମାକୁ ପ୍ରକାଶ କରିବାକୁ ସୁଯୋଗ ମିଳେନାହିଁ। ଜ୍ୟାକଙ୍କର ଏକ ସର୍ଟ ଫିଲ୍ମ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଜ୍ୟାକ୍ ତାଙ୍କର କାହାଣୀ କହୁଥିବାର ନଜର ଆସିଛନ୍ତି। ଜ୍ୟାକ୍ ଇନ୍‌ଷ୍ଟାଗ୍ରାମରେ ପିନ୍‌ସେଣ୍ଟ ଟେଲରିଂ ନାମରେ ପରିଚିତ। ସେ ନିଜର ପଣଅଜାଙ୍କ ଆଲମାରୀରୁ ମିଳିଥିବା ପୋଷାକଗୁଡ଼ିକୁ ସମ୍ଭାଳି ରଖିଛନ୍ତି। ତନ୍ମଧ୍ୟରୁ କିଛିକୁ ସାଇତି ରଖିଥିବାବେଳେ ଆଉ କିଛି ସିଲେଇ କରିଛନ୍ତି। ସେ ଆଧୁନିକ ପୋଷାକକୁ ବୋରିଂ ଓ ପରିବେଶ ପାଇଁ କ୍ଷତିକାରକ ବୋଲି ଭାବନ୍ତି। ଏହା ବଦଳରେ ସିଲ୍କ ଟାଇ, ଉଲ୍ କୋଟ, ଚମଡା ବେଲ୍ଟ ପସନ୍ଦ କରନ୍ତି। ସେ ଘରୁ ବାହାରକୁ ଗଲେ, ଲୋକେ ତାଙ୍କୁ ଘୂରି ଘୂରି ଦେଖନ୍ତି। ଏସବୁ ସତ୍ତ୍ୱେ ବି ସେ ପୁରୁଣା ପୋଷାକ ଛାଡ଼ିବେ ନାହିଁ ବୋଲି ଜ୍ୟାକ୍ କହିଛନ୍ତି।



# ଏସି ବଢ଼ାଏ ରକ୍ତ ଶର୍କରା!

ଗରମରୁ ଆଶ୍ୱସ୍ତି ପାଇବା ପାଇଁ ଆଜିକାଲି ଲୋକେ ଘରେ ତଥା ଅଫିସ୍‌ରେ ଏସି ବ୍ୟବହାର କରୁଛନ୍ତି। ଏସିରେ ଘଣ୍ଟା ଘଣ୍ଟା ଧରି ବସିବାରୁ ଲୋକଙ୍କୁ ଆରାମ ଲାଗୁଛି। ହେଲେ ଏବେ ପ୍ରଶ୍ନ ଉଠୁଛି, ଏସିର ଅତ୍ୟଧିକ ବ୍ୟବହାର ରକ୍ତ ଶର୍କରା ଉପରେ କି ପ୍ରଭାବ ପକାଏ? ଏନେଇ ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ଦୀର୍ଘ ସମୟ ଧରି ଏସିର ବ୍ୟବହାର ମଧୁମେହ ରୋଗୀଙ୍କ ଲାଗି ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଥଣ୍ଡା ପବନରେ ବସିଲେ ଶରୀରକୁ ଆରାମ ଲାଗିଥାଏ ଏବଂ ଶକ୍ତି ସଞ୍ଚୟ ହୁଏ। ତେବେ ବାସ୍ତବରେ ଏନର୍ଜି ସେଭିଂ ମୋଡ ଶରୀରର ମେଟାବଲିଜମକୁ ଧୀମା କରେ। ଯେତେବେଳେ ମେଟାବଲିଜିମ୍ ଧୀମା ହୁଏ, ଶରୀରର ଗ୍ଲୁକୋଜକୁ ଏହା ଠିକ୍ ଭାବେ ବ୍ୟବହାର କରିପାରେ ନାହିଁ। ଏହାର ସିଧା ପ୍ରଭାବ ରକ୍ତ ଶର୍କରା ଉପରେ ପଡ଼ିଥାଏ। ଧୀରେ ଧୀରେ ରକ୍ତ ଶର୍କରା ସ୍ତର ବଢ଼ିଯାଏ। ଦୀର୍ଘ ସମୟ ଏସିରେ ବସିବା ଦ୍ୱାରା ଶାରୀରିକ ଗତିବିଧି ମଧ୍ୟ କମ୍ ହୋଇଯାଏ। ଗରମରେ ଝାଳ ବୋହିଲେ ଶରୀରର କ୍ୟାଲୋରି ହ୍ରାସ ପାଇଥାଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ। ହେଲେ ଏସିରେ ବସିବା ଦ୍ୱାରା ଶରୀରର ଏହି ପ୍ରାକୃତିକ ପ୍ରତିକ୍ରିୟାରୁ ବଞ୍ଚିତ ରହେ। ଏହାର ଅର୍ଥ ହେଉଛି ଯେତିକି କ୍ୟାଲୋରି ଏବଂ ଶର୍କରା ଗରମ ଏବଂ ଝାଳରୁ ବାହାରକୁ ବାହାରିବାର ଥାଏ, ତାହା ଶରୀରରେ ଜମା ହୋଇ ରୁହେ। ତେବେ ଜଣେ ମଧୁମେହ ରୋଗୀ ନିତିଦିନ ୮-୧୦ ଘଣ୍ଟା ଏସିରେ ବସୁଥିଲେ, ଶରୀରରେ ଶର୍କରା ନିୟନ୍ତ୍ରଣର ପ୍ରାକୃତିକ ପ୍ରକ୍ରିୟା ଧୀମା ହୋଇଥାଏ। ତେଣୁ ମଧୁମେହ ରୋଗୀ ଦୀର୍ଘ ସମୟ ଏସିରେ ରହିବା ବିପଜ୍ଜନକ ହୋଇପାରେ। ଏହାର ଅର୍ଥ ନୁହେଁ, ଏସିର ବ୍ୟବହାର ସେମାନେ ଆଦୌ କରିବେ ନାହିଁ। ପ୍ରତି ଦୁଇ ତିନି ଘଣ୍ଟାରେ ଏସି ରୁମ୍‌ରୁ ବାହାରି କିଛି ସମୟ ପାଇଁ ଚଲାବୁଲା କଲେ ଶରୀର ସକ୍ରିୟ ରହିଥାଏ। ହାଲକା ଷ୍ଟ୍ରେଚିଂ ଏବଂ ବ୍ୟାୟାମ କରିବା ଦ୍ୱାରା ମେଟାବଲିଜିମ୍ ସକ୍ରିୟ ରହେ। ତେବେ ଏସିକୁ ଆବଶ୍ୟକତାକୁ ଅଧିକ ଥଣ୍ଡା ନ କରି ୨୪-୨୬ ଡିଗ୍ରୀ ସେଲ୍‌ସିୟସ ରଖିବା ଦରକାର।



# ୪ କୋଟି ଥାଇ ବି ଦୁଃଖରେ କଟୁଛି ଜୀବନ

ଆଜିକାଲି ସମସ୍ତେ ଅର୍ଥ ପଛରେ ଦୌଡ଼ୁଛନ୍ତି। ଲୋକେ ଭାବୁଛନ୍ତି ଟଙ୍କାପଇସାରେ ହିଁ ଜୀବନର ସମସ୍ତ ଖୁସି ଯୋଡ଼ି ହୋଇ ରହିଛି। ହେଲେ ଜାପାନର ଜଣେ ବ୍ୟକ୍ତିଙ୍କ ପାଖରେ ୪ କୋଟି ଟଙ୍କା ଥାଇ ମଧ୍ୟ ସେ ଆଦୌ ଖୁସି ନ ଥିବା କହିଛନ୍ତି। ସୁଜୁକି ନାମକ ଏହି ବ୍ୟକ୍ତି ଜଣକ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ଛୋଟମୋଟ ଜିନିଷରେ ସଞ୍ଚୟ କଲେ। ଏମିତି ସଞ୍ଚୟରୁ ତାଙ୍କ ପାଖରେ ୪କୋଟି ଟଙ୍କା ହୋଇଗଲା। ଏବେ ୬୭ ବର୍ଷ ବୟସରେ ତାଙ୍କ ପାଖରେ ସବୁକିଛି କିଣିବା ଭଳି ଅର୍ଥ ଅଛି। ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସୁଜୁକି ପିଲାଦିନରୁ ହିଁ ବୁଝିଥିଲେ ଯେ, ଅର୍ଥ ସଞ୍ଚୟ କରିବା କେତେ ଜରୁରି। ସ୍କୁଲ ସମୟରୁ ସେ ପାର୍ଟ ଟାଇମ୍ କରୁଥିଲେ। ପ୍ରତ୍ୟେକ ଖର୍ଚ୍ଚ ସେ ଭାବିଚିନ୍ତି କରନ୍ତି। ତାଙ୍କ ଜୀବନର ମନ୍ତ୍ର ଥିଲା କମ୍ ଆୟ, ଅଧିକ ସଞ୍ଚୟ ଉପରେ ଧ୍ୟାନ ଦେବା। ଦାମୀ ପୋଷାକ, ବାହାର ଖାଦ୍ୟ ନ ଖାଇବା, କେଉଁଠି ବୁଲାବୁଲି କରିବାକୁ ନ ଯାଇ ସେ କେବଳ ଅର୍ଥ ସଞ୍ଚୟ କରୁଥିଲେ। ଏପରିକି ତାଙ୍କ ବ୍ୟାଙ୍କ ଖାତାରେ କିଭଳି ଅର୍ଥ ବୃଦ୍ଧି ହେବ, ସେ ଉପରେ ସୁଜୁକି ଗୁରୁତ୍ୱ ଦେଉଥିଲେ। ସେହିପରି ଚାକିରି କରିବା ପରେ ବି ସୁଜୁକି କେବେ ବାଜେ ଖର୍ଚ୍ଚ କରି ନାହାନ୍ତି। ଅଫିସ୍‌ଠୁ ଦୂରରେ ଶସ୍ତାରେ ଭଡ଼ାରେ ଘର ନେଲେ। ଗାଡ଼ି ନ କିଣି ବସ୍ ଏବଂ ସାଇକଲ୍‌ରେ ଯାତ୍ରା କଲେ। କେବଳ ସେତିକି ନୁହେଁ, ବିଜୁଳି ବିଲ୍ କମ୍ କରିବା ପାଇଁ ଘରେ ଏସି ବି ଲଗାଇଲେ ନାହିଁ। ଅନ୍ୟପଟେ ବିବାହ ପରେ ସୁଜୁକିଙ୍କ ସ୍ତ୍ରୀ ମଧ୍ୟ ଏହାକୁ ମାନି ଚଳିଲେ। ଦୁଇ ଜଣ ମିଶି ଏକ ସାଧାରଣ ଜୀବନ ବଞ୍ଚିଲେ। ହେଲେ ସେମାନେ ନିଜ ଜୀବନକୁ ସବୁବେଳେ ସଞ୍ଚୟରେ ହିଁ ସୀମିତ ରଖିଲେ। ଅବଶ୍ୟ ସେମାନଙ୍କର ବର୍ଷ ବର୍ଷର ପରିଶ୍ରମ ଓ କମ୍ ଖର୍ଚ୍ଚ ବି ଜୀବନରେ ନୂଆ ରଙ୍ଗ ଆଣିଛି। ଅବସର ହେବା ବେଳକୁ ସୁଜୁକି ପ୍ରାୟ ୪ କୋଟି ଟଙ୍କା ସଞ୍ଚୟ କରି ସାରିଥିଲେ। ସୁଜୁକି ଭାବିଲେ ବାର୍ଦ୍ଧକ୍ୟାବସ୍ଥାରେ ଶାନ୍ତିର ଜୀବନ ଜିଇଁବେ। ହେଲେ ତାଙ୍କର ଅବସର ହେବାର କିଛି ମାସ ପରେ ସୁଜୁକିଙ୍କ ସ୍ତ୍ରୀ ଗମ୍ଭୀର ରୋଗରେ ପୀଡ଼ିତ ହୋଇ ୬୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା। ସ୍ତ୍ରୀର ମୃତ୍ୟୁ ପରେ ସୁଜୁକି ବୁଝିଲେ ଟଙ୍କା ଜୀବନରେ ସବୁ କିଛି ନୁହେଁ। ଏବେ ତାଙ୍କ ପାଖରେ ଟଙ୍କା ଥିଲେ ବି ଯାହା ସହ ତାକୁ ଖର୍ଚ୍ଚ କରିଥାନ୍ତେ ପାଖରେ ସେ ମଣିଷ ନାହିଁ। ଯଦିଓ ଭାରତରେ ଅନେକ ଲୋକ ସଞ୍ଚୟକୁ ଗୁରୁତ୍ୱ ଦେଇଥାନ୍ତି, ତଥାପି ସୁଜୁକିଙ୍କ ଏହି କାହାଣୀ ଏକଥା ବୁଝାଇ ଦେଇଛି ଯେ, ଟଙ୍କାଠୁ ଅଧିକ ମୂଲ୍ୟବାନ ହେଉଛି ସମୟ, ସମ୍ପର୍କ ଓ ସ୍ମୃତି। ସାମାଜିକ ଗଣମାଧ୍ୟମରେ ସୁଜୁକିଙ୍କ କାହାଣୀ ସେୟାର୍ ହେବା ପରେ ସମୟ ଓ ସମ୍ପର୍କ ଅଧିକ ମୂଲ୍ୟବାନ ବୋଲି ଏହା ଲୋକଙ୍କୁ ମନେ ପକାଇ ଦେଇଛି।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ପେଟଜନିତ ସମସ୍ୟା ଦେଖାଦେଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ବ୍ୟବସାୟରେ କ୍ଷତି ସହି ପାରନ୍ତି। ଭାଇ-ଭଉଣୀଙ୍କ ସହଯୋଗ ମିଳିବ।

**ବୃଷ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନିବେଶ କରିବାକୁ ଭଲ ସମୟ। ଚକ୍ଷୁ ସମସ୍ୟା ହୋଇପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମିଥୁନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବନି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିବେଶରୁ ଲାଭ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଖର୍ଚ୍ଚ ବଢ଼ିପାରେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେବେ।

**କର୍କଟ:** କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ପିତାମାତାଙ୍କ କଥାମାନି ଚଳନ୍ତୁ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଧାର୍ମିକସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଖର୍ଚ୍ଚ ବଢ଼ିବ। ଅଫିସ୍ କାମ ପାଇଁ ଦୂରସ୍ଥାନ ଯାତ୍ରା ଯୋଗ ରହିଛି। ଜୀବନସାଥୀଠାରୁ ଉପହାର ପାଇବେ। ଲୋକ ସମ୍ପର୍କ ବଢ଼ିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିବେଶରୁ କ୍ଷତି ସହି ପାରନ୍ତି। ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବ। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ। ଘର ପାଇଁ ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ଦୂର ସ୍ଥାନ ଯାତ୍ରା କରିପାରନ୍ତି।

**ତୁଳା:** ଅଚାନକ ଖୁସି ଖବର ପାଇବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ଯୋଜନା କରିବେ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ଦାନ ଧର୍ମ କରନ୍ତୁ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ରାଜନୀତିରେ ସକ୍ରିୟ ରହି ପାରନ୍ତି। ନୂଆ ଗାଡ଼ି କିଣିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହେବ। ଆୟ ଓ ବ୍ୟୟ ସମାନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ଧନୁ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପିଲାମାନେ ନାଚ ଗୀତରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପରିବାର ସହିତ ହସଖୁସିର ସମୟ ବିତାଇବେ।

**ମକର:** ଧାର୍ମିକ କାର୍ଯ୍ୟରେ ସମୟ ବିତିବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପୁରୁଣା ନିବେଶରୁ କ୍ଷତି ସହିବେ। ଚକ୍ଷୁ ସମସ୍ୟା ଦେଖାଦେବ।

**କୁମ୍ଭ:** ଅଫିସରେ କାର୍ଯ୍ୟ ଭାର ବଢ଼ିବ। ଜମି କ୍ରୟ କରିପାରନ୍ତି। ଉଧାର ଟଙ୍କା ଫେରି ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ମୀନ:** ଅଫିସ କାମକୁ ନେଇ ଚିନ୍ତା ବଢ଼ିବ। ଦିନଟି ମିଶ୍ରଫଳ ପ୍ରଦାନ କରିବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳମନସ୍କ ହେବେ। ଆୟ ଓ ବ୍ୟୟ ସମାନ ରହିବ।

# ସୁନାବେଶରେ ଝଟକିଲେ ମହାପ୍ରଭୁ

ପୁରୀ,୫।୧୧(ସମିସ): ଶେଷ ହେଲା ଧର୍ମମାସ କାର୍ତ୍ତିକ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ବୁଧବାର ରତ୍ନସିଂହାସନରେ ବିରାଜିତ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହୋଇଛି। ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଭକ୍ତ।



## ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ମଙ୍ଗଳବାର ସ୍ୱତନ୍ତ୍ର ନୀତି ଥିବାରୁ ଠାକୁରଙ୍କ ପହୁଡ଼ ହୋଇ ନ ଥିଲା। ତେଣୁ ବୁଧବାର ଭୋର୍ ୫ଟା ୪୦ରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଅବକାଶ ପୂଜା ପରେ ରୋଷହୋମ ସରି ଦାରୁଦିଅଁଙ୍କ ସୁନାବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହ ବହୁବିଧ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁବର୍ଣ୍ଣ ଶ୍ରୀଭୁଜ, ଶ୍ରୀପୟର, କାନ, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ବାଘ ନଖିମାଳୀ, ସେବତୀ ମାଳି, ହଳମୂଷଳ, ଚକ୍ର, ତ୍ରିଶାଖା, ଅଳକା, ଶ୍ରୀମୁଖ ପଦ୍ମ, ରୁପା ଶଙ୍ଖ, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, ତିଳକ (ଚିତା), ଘାଗଡ଼ା ମାଳି, କୁଣ୍ଡଳ ଓ ତଡ଼ଗୀ ଲାଗି ହୋଇଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଉଥିଲା। ତେବେ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ଦିବ୍ୟ ସୁନାବେଶ ଦେଖିବାକୁ ପ୍ରତ୍ୟୁଷରୁ ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଭିଡ଼ ଆରମ୍ଭ ହୋଇଥିଲା। ପାହାନ୍ତାରେ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ଡଙ୍ଗା ଭସାଇବା ପରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଅଭିମୁଖେ ଆସିଥିଲେ। ଫଳରେ ବ୍ୟାରିକେଡ୍‌ରେ ଲମ୍ବା ଧାଡ଼ି ଲଗାଇଥିଲେ।

ସୂଚନାଥାଉ କି, ବର୍ଷକ ମଧ୍ୟରେ ମହାପ୍ରଭୁଙ୍କର ପାଞ୍ଚଥର ସୁନାବେଶ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ସୁନାବେଶ ଅନ୍ୟତମ। ସେହପରି ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ଦିନ ରଥ ଉପରେ ସୁନାବେଶ ହେଉଥିବାବେଳେ ଆଶ୍ୱିନ ଶୁକ୍ଳ ଦଶମୀ, ପୌଷ ପୂର୍ଣ୍ଣିମା ଏବଂ ଦୋଳ ପୂର୍ଣ୍ଣିମାରେ ଠାକୁର ରତ୍ନସିଂହାସନରେ ସୁନାବେଶ ହୋଇଥା’ନ୍ତି।

# ନୀଳଚକ୍ର ଉହାଡ଼ରେ ‘ସୁପରମୁନ୍’



କାର୍ତ୍ତିକ ପୂର୍ଣ୍ଣମୀରେ ଦୃଶ୍ୟମାନ ବଡ଼ ଜହ୍ନ (ଫଟୋ-ଅନିଲ, ପୁରୀ)

# ସରିଲା ବ୍ରତ ଘରକୁ ଫେରିଗଲେ ହବିଷ୍ୟାଳି

ପୁରୀ,୫।୧୧(ସମିସ): ସରିଯାଇଛି ଧର୍ମ ମାସ କାର୍ତ୍ତିକ। ଏହି ପୁଣ୍ୟ ମାସର ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ପବିତ୍ର ମହୋଦଧିରେ ଡଙ୍ଗା ଭସାଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ଏମାନଙ୍କ ମଧ୍ୟରେ ରହିଥିଲେ ହଜାର ହଜାର ହବିଷ୍ୟାଳି, ଯେଉଁମାନେ ମହାପ୍ରଭୁଙ୍କୁ ଦର୍ଶନ କରି ସେମାନଙ୍କ ବ୍ରତ ଶେଷ କରିଛନ୍ତି। ଏକମାସ ଧରି ପୁରୀର ବିଭିନ୍ନ ମଠ, ଧର୍ମଶାଳା ଏବଂ ସରକାରୀ ରହଣି କେନ୍ଦ୍ରରେ ରହିଥିବା ହବିଷ୍ୟାଳି ଏବେ ଘରକୁ ଫେରିଯାଇଛନ୍ତି। ଶ୍ରୀକ୍ଷେତ୍ରରେ ଏହି ମାସକ ରହଣି ମଧ୍ୟରେ ଅନେକ ଅଚିହ୍ନା ମୁହଁକୁ ଆପଣାଇ ନେଇଥିଲେ ବହୁ ହବିଷ୍ୟାଳି। ସଞ୍ଜ, ସକାଳେ ଯାହାଙ୍କ ସହ ମିଶି ଚଉରାମୂଳେ ରାଇଦାମୋଦର ପୂଜା କରୁଥିଲେ, ଏକାଠି ମହାପ୍ରସାଦ ସେବନ କରୁଥିଲେ ଆଉ ସୁଖଦୁଃଖ ବାଣ୍ଟୁଥିଲେ,



ସେମାନଙ୍କଠାରୁ ବିଦାୟ ନେବାର ମୁହୂର୍ତ୍ତ ଥିଲା ବେଶ୍ କଷ୍ଟଦାୟକ। ଯାହାକି ରହଣି କେନ୍ଦ୍ରଗୁଡ଼ିକୁ ଦେଖିଲେ ଏହା ବାରି ହୋଇପଡୁଥିଲା। ଘରକୁ ଫେରୁଥିବାବେଳେ ଅନେକଙ୍କ ଆଖିରୁ ଝରିପଡୁଥିଲା ସ୍ନେହର ଲୁହ। କିଏ କାହାକୁ କୋଳେଇ ନେଇ ଗାଲ ଥାପୁଡ଼ାଇ ଦେଉଥିଲେ ତ ଆଉ କିଏ କାଳିଆ ଚାହିଁଲେ ପୁଣି ଆରବରଷକୁ ଦେଖାହେବ କହି କାନ୍ଦି ପକାଉଥିଲେ। ଏହି ସ୍ନେହ ଓ ଆଦର କେବଳ ହବିଷ୍ୟାଳିଙ୍କ ମଧ୍ୟରେ ସୀମିତ ନ ଥିଲା ରହଣି କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ବି ଛୁଇଁ ଯାଇଥିଲା। ଦିନତମାମ କେନ୍ଦ୍ରଗୁଡ଼ିକ ସମ୍ମୁଖରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା। ଘରକୁ ଯିବାବେଳେ ବ୍ରତଧାରୀମାନେ ଅଧିକାରୀ, ସ୍ୱେଚ୍ଛାସେବୀଙ୍କୁ ଆଶୀର୍ବାଦ ଦେଉଥିଲେ। ଯଦି ବଞ୍ଚିଥାଉ ଏବଂ କାଳିଆର ଡୋରି ଲାଗେ ପୁଣି ଆର ବରଷକୁ ଆସିବୁ ବୋଲି କହୁଥିଲେ ଅନେକ ହବିଷ୍ୟାଳି।

## ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଉଦ୍‌ଘାଟିତ

# ଓଡ଼ିଆ ଜାତିର ସାହସ, ସଂକଳ୍ପ ଓ ସାମୁଦ୍ରିକ ସଂସ୍କୃତିର ପ୍ରତୀକ ବାଲିଯାତ୍ରା: ମୁଖ୍ୟମନ୍ତ୍ରୀ

କଟକ,୫।୧୧(ସମିସ): ଶହ ଶହ ବର୍ଷ ତଳେ ଆଜିର ଦିନର କଳିଙ୍ଗର ସାଧବମାନେ ସମୁଦ୍ରରେ ବୋଇତ ନେଇ ସୁଦୂର ଦେଶକୁ ନୌବାଣିଜ୍ୟ ପାଇଁ ଯାଉଥିଲେ। ସେମାନଙ୍କ ଶୁଭ ମନାସୀ, ସୁରକ୍ଷିତ ଯାତ୍ରା ଉଦ୍ଦେଶ୍ୟରେ ଆମ ସାଧବ ବୋହୂମାନେ ପୂଜାର୍ଚ୍ଚନା କରି ମେଲାଣି ଦେଉଥିଲେ। ବାଲିଯାତ୍ରା ଆମ ଓଡ଼ିଶାର କଳା ସଂସ୍କୃତି ଏବଂ ଧାର୍ମିକ ଭାବନା ସହ ଜଡ଼ିତ। ଓଡ଼ିଶାର ଗୌରବମୟ ଇତିହାସର ସୁନ୍ଦର ପରିଚୟ ହେଉଛି ଐତିହାସିକ ବାଲିଯାତ୍ରା କଟକ। ଏହି ଦିବସର ଗୁରୁତ୍ୱକୁ ବାଦ୍ ଦେଇ ଓଡ଼ିଶାର ନୌବାଣିଜ୍ୟ ଇତିହାସ ସମ୍ପର୍କରେ ଚିନ୍ତା କରାଯାଇ ପାରିବ ନାହିଁ। ଧାର୍ମିକ, ସାଂସ୍କୃତିକ, ଅର୍ଥନୀତିକ, ପାରମ୍ପରିକ ସବୁ ଦୃଷ୍ଟିକୋଣରୁ ରହିଛି ବାଲିଯାତ୍ରାର ବୈଶିଷ୍ଟ୍ୟ ରହିଛି। ଓଡ଼ିଆ ଜାତିର ସାହସ, ସଂକଳ୍ପ ଏବଂ ସାମୁଦ୍ରିକ ସଂସ୍କୃତିର ପ୍ରତୀକ ହେଉଛି ଏହି କଟକର ବାଲିଯାତ୍ରା ବୋଲି ଐତିହାସିକ ବାଲିଯାତ୍ରା-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି କହିଛନ୍ତି।

ଗଣକବି ବୈଷ୍ଣବ ପାଣି ମଞ୍ଚରୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସମ୍ବୋଧନ କରି କହିଲେ ଯେ ପୃଥିବୀର ସବୁଠୁ ବିପଜ୍ଜନକ ସମୁଦ୍ର ହେଉଛି ବଙ୍ଗୋପସାଗର। ପ୍ରାୟ ଅକ୍ଟୋବର ମାସରେ ବଙ୍ଗୋପସାଗରରେ ଝଡ଼ ବା ବାତ୍ୟା ଆସେ। ସେତେବେଳେ ବି ଅକ୍ଟୋବରରେ ଝଡ଼ ଆସିଲା ବେଳେ ସାଧବ ପୁଅ ନୌକାରେ ପାଲ ଟାଣି ଆହୁଲା ମାରି ନୌବାଣିଜ୍ୟ ପାଇଁ ଯାଉଥିଲେ ଏବଂ ସେଥିରେ ସଫଳତା ପାଉଥିଲେ। ଈଶ୍ୱରଙ୍କ ଅପାର କରୁଣାରୁ ଓଡ଼ିଶାରେ ଖଣି ଅଛି, ଜମି ଅଛି, ପାଣି ଅଛି, ଜଙ୍ଗଲ ଅଛି, ମାନବ ସମ୍ବଳ ଅଛି। ୪୮୦ କିଲୋମିଟର ସାମୁଦ୍ରିକ ଉପକୂଳ ରହିଛି। ଏସବୁ ଓଡ଼ିଶାର ଅର୍ଥନୀତିର ଅଭିବୃଦ୍ଧିକୁ ଦୃଢ଼ କରିବ। ରାଜ୍ୟରେ ଏବେ ବନ୍ଦରଭିତ୍ତିକ ଅର୍ଥନୀତି ପାଇଁ ସଂକଳ୍ପବଦ୍ଧ ହୋଇ କାମ କରାଯାଉଛି। ହଜାରେ ବର୍ଷର ତାରକସୀ ସହର କଟକ। ସାରା ବିଶ୍ୱରେ ଏହା ରୌପ୍ୟନଗରୀ ବା ସିଲଭର ସିଟି ଭାବେ ପରିଚୟ ହାସଲ କରିଛି। ସହରର ପ୍ରାଣ ହେଉଛି ଏଠାକାର ମହାନଦୀ ଓ କାଠଯୋଡ଼ି। ଏହା ବିନା କଟକ ସହରର କଳ୍ପନା କରାଯାଇ ପାରି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ କହିଛନ୍ତି। ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଏଚ୍. କୃଷ୍ଣମୂର୍ତ୍ତି ଐତିହାସିକ ବାଲିଯାତ୍ରା କଟକ-୨୦୨୫ରେ ଇଣ୍ଡୋନେସିଆକୁ ସହଯୋଗୀ ରାଷ୍ଟ୍ର କରିଥିବାରୁ ଧନ୍ୟବାଦ ଦେଇଥିଲେ। ୨୦୦୦ରୁ ଅଧିକ ବର୍ଷ ତଳେ ଭାରତର ଲୋକ ସୁବର୍ଣ୍ଣ ଭୂମିକୁ ଯାଉଥିଲେ। ସମୁଦ୍ର ଓଡ଼ିଶା-ଇଣ୍ଡୋନେସିଆକୁ ଅଲଗା କରିପାରି ନାହିଁ ବୋଲି ସେ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ।

ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଉଚ୍ଚଶିକ୍ଷା ତଥା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ବକ୍ତବ୍ୟ ରଖିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହାବେବ ଶିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ। ଉନ୍ନୟନ ସଚିବ ଅନୁ ଗର୍ଗ, ପୁଲିସ କମିସନର ଏସ୍.ଦେବଦତ୍ତ ସିଂ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ୍ ତାପସ କୁମାର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଲିଯାତ୍ରା ସ୍ମରଣିକା-୨୦୨୫ ଉନ୍ମୋଚନ କରାଯାଇଥିଲା। ବଡମ୍ବା କଲେଜର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ସହିତ ପ୍ରଶାସନ ପକ୍ଷରୁ ଆୟୋଜନ ହୋଇଥିବା ଶ୍ରେଷ୍ଠ ନାଟକ ପାଇଁ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅନ୍ୟପଟେ ୫ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁସ୍ତକ ଉପହାର ଦେଇଥିଲେ।

## ‘ବନ୍ଦର ଅର୍ଥନୀତିର କୋଣାର୍କ ପାରାଦୀପ’

ପାରାଦୀପ,୫।୧୧(ସମିସ): ବୋଇତ ବନ୍ଦାଣ ଓ ବାଲିଯାତ୍ରା କେବଳ ଏକ ପର୍ବ ନୁହେଁ; ଏହା ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଐତିହ୍ୟ ଓ ସାଧବମାନଙ୍କ ଦୁଃସାହସିକ ମନୋବଳର ପ୍ରତୀକ। ଏହି ପରମ୍ପରା ଆଜି ବି ଓଡ଼ିଆ ଜାତିକୁ ପ୍ରେରଣା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ପାରାଦୀପ ବନ୍ଦରରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର



ପ୍ରଗତିରେ ଅଗ୍ରଣୀ ଭୂମିକା ନେଇଥିବା ପାରାଦୀପ ବନ୍ଦର ଆଜି ଭାରତର ସର୍ବଶ୍ରେଷ୍ଠ ବୃହତ୍ ବନ୍ଦର ଭାବେ ପରିଗଣିତ ହୋଇଛି। ୨୦୧୫ରେ ୭୧ ନିୟୁତ ଟନ୍ ପଣ୍ୟ ପରିବହନ କ୍ଷମତା ଥିବା ଏହି ବନ୍ଦର ୨୦୨୫ରେ ୧୫୦ ନିୟୁତ ଟନ୍ କ୍ଷମତାରେ ପହଞ୍ଚିଛି। ପାରାଦୀପ ବନ୍ଦର ଆଧୁନିକ ଓଡ଼ିଶାର ପ୍ରଗତିର ଦ୍ୱାର, ଅର୍ଥନୀତିର କୋଣାର୍କ। ‘ମାରିଟାଇମ ଇଣ୍ଡିଆ ଭିଜନ ୨୦୩୦’ ଅନୁସାରେ ବାର୍ଷିକ ୩୦୦ ନିୟୁତ ଟନ୍ ଓ ‘ବିକଶିତ ଭାରତ ୨୦୪୭’ ଯୋଜନା ଅନୁଯାୟୀ ୫୦୦ ନିୟୁତ ଟନ୍ ପର୍ଯ୍ୟନ୍ତ ପଣ୍ୟ ପରିବହନ କ୍ଷମତା ସହିତ ପାରାଦୀପ ବନ୍ଦରକୁ ଏକ ମେଗା ପୋର୍ଟ ଭାବେ ଗଢ଼ାଯିବ ବୋଲି ସେ ଘୋଷଣା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମିଳିତ ଭାବେ ଗଞ୍ଜାମ ଜିଲ୍ଲାର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ ବନ୍ଦର ଗଢ଼ିବା ପାଇଁ ଯୋଜନା କରୁଛନ୍ତି। ସେହିପରି, ମହାନଦୀ ମୁହାଣରେ ୨୪,୭୦୦ କୋଟି ଟଙ୍କା ବିନିଯୋଗରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ସ୍ଥାପନ ହେବ ଓ ପୁରୀରେ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ୍ ଗଢ଼ାଯିବ। ଏହାସହ ଭାରତ ସରକାରଙ୍କ ‘ସାଗରମାଳା, ଗତିଶକ୍ତି ଓ ନ୍ୟାସନାଲ୍ ଲଜିଷ୍ଟିକ୍ ପଲିସି’ ଯୋଜନା ସହ ସମନ୍ୱୟ କରି ଓଡ଼ିଶାରେ ବନ୍ଦର ଭିତ୍ତିକ ଅର୍ଥନୀତି ଗଢ଼ାଯାଉଛି। ‘ମାରି-ଟାଇମ୍ ଅମୃତ୍‌କାଲ୍ ଭିଜନ୍ ୨୦୪୭’ ଅନୁଯାୟୀ ଦେଶର ବନ୍ଦରଗୁଡ଼ିକୁ ବିଶ୍ୱସ୍ତରୀୟ କରାଯିବା ନେଇ ଯୋଜନା ବିଷୟରେ ସେ ଉଲ୍ଲେଖ କରିଥିଲେ।

କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ରାଜ୍ୟ ସରକାର ବନ୍ଦରକୁ କେନ୍ଦ୍ର କରି ଶିଳ୍ପଆଧାରରିତ ସଂରଚନା, ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶରେ ବିଶେଷ ଗୁରୁତ୍ୱ ଦେଉଛି। ପାରାଦୀପ ବନ୍ଦରର ବିକାଶ ମାତ୍ର ଓଡ଼ିଶାକୁ ନୁହେଁ; ସମଗ୍ର ଭାରତର ମାରିଟାଇମ୍ ଅର୍ଥନୀତିକୁ ଶକ୍ତିଶାଳୀ କରୁଛି। ପାରାଦୀପ ଆଜି କେବଳ ଏକ ବନ୍ଦର ନୁହେଁ; ଏହା ଓଡ଼ିଶାର ଅସୀମ ସମ୍ଭାବନା ଓ ନୂଆ ଭାରତ ଗଢ଼ିବାର ଶକ୍ତିର ପ୍ରତୀକ।

ଜଗତସିଂହପୁର ସାଂସଦ ଡ ବିଭୂପ୍ରସାଦ ତରାଇ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ୍.ହରନାଧ ସଭାରେ ବକ୍ତବ୍ୟ ରଖିଥିଲେ। ଜଗତସିଂପୁର ଜିଲ୍ଲାପାଳ ଜେ. ସୋନାଲ, କେନ୍ଦ୍ରାଞ୍ଚଳ ଡିଆଇଜି ଡ ସତ୍ୟଜିତ ନାଏକ ପ୍ରମୁଖ ମଞ୍ଚାସୀନ ଥିବା ବେଳେ, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଅଲେଖ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ଆଉ ନାହାନ୍ତି ‘ଜେଲ୍ ଟାଇଗର୍’

## ଯାତ୍ରାଜଗତର ଭୀଷ୍ମ ପିତାମହ ଦେବୀ ରଥଙ୍କ ପରଲୋକ

ପାରାଦୀପ, ୫।୧୧ (ସମିସ): ଆଉ ନାହାନ୍ତି ଓଡ଼ିଆ ଯାତ୍ରାଜଗତର ପ୍ରଖ୍ୟାତ ଅଭିନେତା ଦେବୀପ୍ରସାଦ ରଥ (ବୁଟୁ ନାନା)। ବୁଧବାର ସକାଳ ୫.୧୫ ମିନିଟ ସମୟରେ ପାରାଦୀପଗଡ଼ସ୍ଥିତ ତାଙ୍କ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ଗତକାଲି ରାତିରେ ବୋଇତ ବନ୍ଦାଣ ପାଇଁ ଅନୁଷ୍ଠିତ ଡିଜେ ସାଉଣ୍ଡ ପ୍ରତିଯୋଗିତାରେ ଅତ୍ୟଧିକ ସାଉଣ୍ଡ ଯୋଗୁଁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଓ ପଡ଼ୋଶୀ ଅଭିଯୋଗ କରିଛନ୍ତି।



୧୯୫୪ ମସିହାରେ ଜନ୍ମିତ ଦେବୀ ରଥ ସ୍ନାତକ ଶିକ୍ଷା ସହିତ ଅଭିନୟରେ ନିପୁଣ ଥିଲେ। ବାଲ୍ୟକାଳରୁ କଳା ପ୍ରତି ଆକୃଷ୍ଟ ହୋଇ ଗ୍ରାମରେ ଡ୍ରାମା ଓ ବିଭିନ୍ନ କଳା ଅନୁଷ୍ଠାନରେ ଅଂଶଗ୍ରହଣ କରିଥିଲେ। ୧୬ ବର୍ଷ ବୟସରେ “ବୀଣାପାଣି କଳା କୁଞ୍ଜ’ (ତାରପୁର ଅପେରା)ରେ ଶିଶୁ କଳାକାର ଭାବେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପରେ ସେ ତାରପୁର ଅପେରା, ତୁଳସୀ ଗଣନାଟ୍ୟ, ଧଉଳି ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ ଭଳି ଖ୍ୟାତନାମା ଯାତ୍ରା ଅନୁଷ୍ଠାନରେ ଅଭିନୟ କରି ଦର୍ଶକଙ୍କ ପ୍ରିୟଭାଜନ ହୋଇଥିଲେ। ତାରପୁର ଅପେରା ଦ୍ୱାରା ମଞ୍ଚସ୍ଥ ନାଟକ “ଜେଲ୍ ଟାଇଗର’ ତାଙ୍କ ଜୀବନର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଦେବୀ ରଥ ସମସ୍ତ ପ୍ରକାର ଅଭିନୟରେ ନିପୁଣ ଥିଲେ। ସେ କେବଳ ମୁଖ୍ୟ ଅଭିନେତା ଭାବେ ଅଭିନୟ କରୁ ନଥିଲେ; ଭାଇ, ବାପା, ଦାଦା ଆଦି ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ରଖୁଥିଲେ। ତାଙ୍କ ଜୀବନରେ ଅନେକ ଯାତ୍ରା ନାଟକ ମଧ୍ୟରେ ‘ଷଣ୍ଢ ଆସୁଛି ବାଟ ଛାଡ଼, ସେହି ଦିନୁ ଜାଗା ଦାସ ଗାଁକୁ ଫେରିନି, ଡିମିରି ଫୁଲ, କାଗଜ ଗୁଡି, ଅକୁହା କଥା, ପ୍ରେମ ସମାଧିରେ ବିଦାୟ ନେବି’ ଆଦି ନାଟକ ଦର୍ଶକଙ୍କ ମନକୁ ଆନ୍ଦୋଳିତ କରିଆସିଛି। ଏକାଧିକ ନାଟକରେ ଅଭିନୟ କରିବା ସହିତ ବହୁ ନାଟକର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି।

ତାଙ୍କ ମୃତ୍ୟୁ ଖବର ପାଇ ଓଡ଼ିଶାର ପୁରପଲ୍ଲୀରୁ କଳାକାର ଓ ଯାତ୍ରାପ୍ରେମୀମାନେ ତାଙ୍କ ବାସଭବନକୁ ଶେଷ ଦର୍ଶନ ପାଇଁ ଛୁଟି ଆସିଥିଲେ।

### ଜୀବନ ନେଲା ଅତ୍ୟଧିକ ଡିଜେ ସାଉଣ୍ଡ: ପରିବାର

ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଦେବଦୁର୍ଲ୍ଲଭ କର, ଅଭିନେତା ହୃଷୀକେଶ ଦାସ, ପ୍ରମୋଦ କର, ପ୍ରହ୍ଲାଦ ତରାଇ, ରମେଶଚନ୍ଦ୍ର ମହାନ୍ତି, ପ୍ରକାଶ ଦଳାଇ, ଗୋଲେଖ ନାୟକ, ଆଲୋକ କୁମାର ବେହେରା ତାଙ୍କ ବାସଭବନରେ ପହଞ୍ଚି ସଂସ୍କାର ପର୍ଯ୍ୟନ୍ତ ଗ୍ରାମ ଶ୍ମଶାନରେ ଉପସ୍ଥିତ ଥିଲେ।

# କାର୍-ପିକ୍‌ଅପ୍ ଧକ୍କା; ଫରେଷ୍ଟଗାର୍ଡ ମୃତ, ୩ ଗୁରୁତର

ପାପଡ଼ାହାଣ୍ଡି, ୫।୧୧ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ଛକ ନିକଟ ଭାରତମାଳା ରାସ୍ତାରେ କାର୍ ଓ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି।


ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ଝରିଗାଁ ରେଞ୍ଜ୍‌ର ଫରେଷ୍ଟଗାର୍ଡ ଗୁପ୍ତ ପ୍ରସାଦ ମହାନ୍ତି, ଉମରକୋଟ ଫରେଷ୍ଟର କାମାକ୍ଷା ପ୍ରସାଦ ସ୍ୱାଇଁ ଓ ଝରିଗାଁ ଫରେଷ୍ଟର ତନୁଜ କୁମାର ପରିଛା ତାଲିମ ନେବା ପାଇଁ ଅନ୍ୟ ୪ ଜଣଙ୍କ ସହ ଏକ କାର୍ ଯୋଗେ ଉମରକୋଟରୁ ଜି. ଉଦୟଗିରି ଯାଉଥିବାବେଳେ ଭାରତମାଳ ରାସ୍ତାର ଡେଙ୍ଗାଗୁଡ଼ା ନିକଟରେ ସାମ୍‌ନାପଟୁ ଆସୁଥିବା ପିକ୍‌ଅପ୍ ଏକ ଭ୍ୟାନ୍ ସହ ମୁହାଁମୁହାଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଫରେଷ୍ଟ ଗାର୍ଡ ଗୁପ୍ତ ପ୍ରସାଦ ମହାନ୍ତିଙ୍କର ମୃତ୍ୟୁ ହୋଇଯାଇଥିଲା। ଗ୍ରାମବାସୀ ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ। ଗୁରୁତର ଦୁଇ ଫରେଷ୍ଟର ବିଶାଖାପାଟଣା ମେଡିକାଲ ଏବଂ ପିକ୍‌ଅପ୍ ଡ୍ରାଇଭର ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

■ କଂଗ୍ରେସ ନେତାଙ୍କ ସାଂଘାତିକ ଅଭିଯୋଗ

# ବିଜେପି ପାଖରେ ଜୟ ବିକ୍ରି ହୋଇଛନ୍ତି

ନୂଆପଡ଼ା/ଭୁବନେଶ୍ୱର,୫।୧୧(ସମିସ): ନୂଆପଡ଼ାର ଚାଷୀଙ୍କୁ ଠିକଣା ସମୟରେ ବିହନ, ସାର, କୀଟନାଶକ ମିଳୁନାହିଁ। ସରକାର ଚାଷୀଙ୍କ ପ୍ରତି ଘୋର ଅବହେଳା କରୁଛନ୍ତି। ଉଚ୍ଚ ଶିକ୍ଷା ପାଇଁ କୌଣସି ଟେକ୍ନିକାଲ କଲେଜ ନାହିଁ। ପିଲା ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ବିଜେପି ନିର୍ବାଚନ ଘୋଷଣାର ଠିକ କିଛି ଘଣ୍ଟା ପୂର୍ବରୁ ପ୍ରଚାର କରି ନୂଆପଡାରେ ମେଡିକାଲ କଲେଜ ହେବ ବୋଲି କହିଛି। ମାତ୍ର ମେଡିକାଲ କଲେଜ ଘୋଷଣା ଡ୍ର’ ରେ ରଖାଯାଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି।

ନୂଆପଡାର ଖୁଣ୍ଟିଆ ଭବନଠାରେ ଉପନିର୍ବାଚନକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ନିଶାଣ କରି ଶ୍ରୀ ରାଉତରାୟ କହିଛନ୍ତି ଯେ ଜୟଙ୍କ ବାପାଙ୍କୁ ଯିଏ ଟିକଟ ଦେଲା, ମନ୍ତ୍ରୀ କଲା, ସେଇ ଦଳ ତ୍ୟାଗକରି ସେ ବିଜେପି ପାଖରେ ବିକ୍ରୀ ହୋଇଗଲେ। ସେଇ ବିଜେଡି ଦଳ ବିରୋଧରେ ପ୍ରେସ ମିଟ କରି ତାଙ୍କୁ ବଦନାମ କରୁଛନ୍ତି। ଯେଉଁ ଭୋଟ ଚୋରି କଥାର ରାହୁଲ ଗାନ୍ଧୀ ପର୍ଦ୍ଦାଫାଶ କରି ସାରା ଦେଶକୁ ଅବଗତ କରିଥିଲେ, ନବୀନ ବାବୁ ମଧ୍ୟ ସେହି କଥା କହିଛନ୍ତି। ବିଜେପି ଭୋଟ ଚୋରି କରିବା ସାଥିରେ ବର୍ତ୍ତମାନ ପ୍ରାର୍ଥୀ ମଧ୍ୟ ଚୋରି କରୁଛି। ନୂଆପଡାରେ ପ୍ରକୃତ ବିକାଶ ଦରକାର, ସୁଭଦ୍ରା ଯୋଜନା କରି ଦିନକୁ ୨୭ ଟଙ୍କା ଦେଇ ମହିଳାଙ୍କ ଉନ୍ନତି କରିବା ଗାଲୁଆମୀ ଛାଡି ଯୁବକ ଯୁବତୀଙ୍କୁ




ରୋଜଗାର, କୃଷକଙ୍କୁ ଜଳସେଚନ ବ୍ୟବସ୍ଥା, ମହିଳାଙ୍କୁ ସ୍ୱରୋଜଗାର, ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ, ଆଦିବାସୀଙ୍କୁ ଅଧିକାର ଲୋଡ଼ା ବୋଲି ଶ୍ରୀ ରାଉତରାୟ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, ଏସଟି ସେଲ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ସିଂ ଲାଗୁରି, ଏସସି ସେଲ ଅଧ୍ୟକ୍ଷ ମାନସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଧାନ ବିକ୍ରି ଅବ୍ୟବସ୍ଥାର ଗୁମର ଖୋଲିଲା ଦଳୀୟ ସାଂସଦଙ୍କ ଚିଠି

# ପଞ୍ଜୀକରଣ କରିପାରୁନାହାନ୍ତି ଚାଷୀ

ଭୁବନେଶ୍ୱର, ୫।୧୧ (ସମିସ): ପଞ୍ଜୀକରଣରେ ପେଞ୍ଚପାଞ୍ଚ ଯୋଗୁଁ ରାଜ୍ୟର ହଜାର ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରି ପାରି ନ ଥିବା ନେଇ କିଛିଦିନ ତଳେ ବିଜେଡି ଅଭିଯୋଗ କରିଥିଲା। ଏହି ଘଟଣାକୁ ନେଇ ଆନ୍ଦୋଳନକୁ ଓହ୍ଲାଇଥିଲା। ଏ ସଂକ୍ରାନ୍ତରେ ସମସ୍ତ ଅଭିଯୋଗକୁ ସେତେବେଳେ ସରକାର ବାଏଁବାଏଁ ଉଡ଼ାଇ ଦେଇଥିଲେ। ମାତ୍ର ଏବେ ଖୋଦ ଶାସକ ବିଜେପିର ସାଂସଦ ପ୍ରଦୀପ ପୁରୋହିତ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠି ଚାଷୀ ପଞ୍ଜୀକରଣରେ ହୋଇଥିବା ପେଞ୍ଚପାଞ୍ଚ ଉପରୁ ପରଦା ହଟାଇଛି। ତାଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ହଜାର ହଜାର ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏ ଦିଗରେ ତୁରନ୍ତ ସରକାର ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ପୁରୋହିତ।

ଶ୍ରୀ ପୁରୋହିତ କହିଛନ୍ତି ଯେ ଚାଷୀମାନେ ଉତ୍ପାଦିତ ଧାନକୁ ମଣ୍ଡିରେ ବିକ୍ରି ନିମନ୍ତେ ପଞ୍ଜୀକରଣ ଅନିବାର୍ଯ୍ୟ ବୋଲି ନିୟମ ରହିଛି। ମାତ୍ର ତାଙ୍କ ଅଞ୍ଚଳର ପ୍ରାୟ ୫ ହଜାର ଚାଷୀ ଏହି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏ ଦିଗରେ ସରକାର ପଦକ୍ଷେପ




ଗ୍ରହଣ କରିବା ସହ ବାତ୍ୟା ମୋନ୍ଥାରେ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଶ୍ରୀ ପୁରୋହିତ ଦାବି କରିଛନ୍ତି। ତେବେ କୌତୂହଳର କଥା ହେଉଛି ଶ୍ରୀ ପୁରୋହିତଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବ୍ରଜରାଜନଗର ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ସୁରେଶ ପୂଜାରୀ ସମ୍ପ୍ରତି ରାଜସ୍ୱ ମନ୍ତ୍ରୀ ଅଛନ୍ତି। ମାତ୍ର ସେହି ଅଞ୍ଚଳର ଲୋକଙ୍କୁ ମୋନ୍ଥା କ୍ଷତି ସହାୟତା ନ ମିଳିବା ଉଲ୍ଲେଖ କରି ଶ୍ରୀ ପରୋହିତ ପରୋକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

■ ବରଗଡ଼ ଓ ଝାରସୁଗୁଡ଼ାରେ ୫ ହଜାର ଚାଷୀ ବଞ୍ଚିତ
■ ସରକାରଙ୍କୁ ଘେରିଲା ବିଜେଡି

ଅନ୍ୟପକ୍ଷରେ ବିଜେଡି ଏହାକୁ ନେଇ ସିଧା ସରକାରଙ୍କୁ ନିଶାଣ କରିଛି। ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଧାନ କ୍ରୟ ହ୍ରାସ କରିବାକୁ ସରକାର ପଞ୍ଜୀକରଣ ପାଇଁ ଜଟିଳ ନିୟମ ପ୍ରଣୟନ କରିଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ପଞ୍ଜୀକରଣ ବେଳେ ଚାଷୀମାନଙ୍କୁ ନିଜ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱୀକୃତି ସହିତ କେୱାଇସି ପ୍ରଦାନ କରିବାକୁ କୁହାଯାଇଥିଲା। ଏହା ରାଜ୍ୟର ଚାଷୀ ମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଚାଷୀମାନଙ୍କ ସମସ୍ୟାକୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଏହାକୁ ନେଇ ବିଦ୍ରୋହ ଦେଖା ଦେଇଥିଲା। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନଥିଲେ। କେବଳ ଉପର ଠାଉରିଆ ଭାବେ କିଛି ନିୟମ କୋହଳ କରିଥିଲେ। ଏହାକୁ ନେଇ ଚାଷୀମାନଙ୍କ ଭିତରେ ଅସନ୍ତୋଷ ଲାଗି ରହିଥିଲା। ସମ୍ପ୍ରତି ସାଂସଦ ପ୍ରଦୀପ ପୁରୋହିତଙ୍କ ଏହି ଚିଠି ସରକାରଙ୍କୁ ଆଇନା ଦେଖାଇଛି। ଏହି ଚିଠି ପାଇବା ପରେ ରାଜ୍ୟ ସରକାରଙ୍କ ଚେତା ପଶୁ ଓ କୃଷକ ମାନଙ୍କର ଏହି ସମସ୍ୟା ସରକାର ସମାଧାନ କରିବେ ବୋଲି ଆମେ ଆଶା କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଅନୁଗୋଳ ଜିଲ୍ଲା ପାଲା ଗାୟକ ସଂଘ ସମ୍ମିଳନୀ



ଅନୁଗୋଳ,୫ ।୧୧(ସମିସ): ବାରସିଂହା ଦଣ୍ଡାଛକ ପଞ୍ଚୁକ ପୂଜା କମିଟି ଆନୁକୂଲ୍ୟରେ ଅନୁଗୋଳ ଜିଲ୍ଲା ପାଲା ଗାୟକ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସଭାପତି ଧ୍ରୁବଚରଣ ସାହୁ ଓ ସ୍ଥାୟୀ ସଭାପତି ଈଶ୍ୱର ଚନ୍ଦ୍ର ତ୍ରିପାଠୀଙ୍କ ପୌରୋହିତ୍ୟରେ ସଭା ହୋଇଥିଲା । ପ୍ରଥମ ଦିନରେ ରାଜ୍ୟ ପାଲା ଗାୟକ ପରିଷଦ ସମ୍ପାଦକ ବସନ୍ତ କୁମାର ରାଉତ, ରାଜ୍ୟ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଯୁଧିଷ୍ଠିର ପରିଜା, ସାଂସ୍କୃତିକ ସମ୍ପାଦକ ବନବିହାରୀ ଗ୍ରହାଚାର୍ଯ୍ୟ, ଅର୍ଥ ସମ୍ପାଦକ ସନ୍ତୋଷ ପଟ୍ଟନାୟକ ଏବଂ ଅନୁଗୋଳ ସଂଘ ଉପଦେଷ୍ଟା ଡ. ଆରଏନ୍ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପାଲାକାରଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା । ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ । ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଦଧିବାମନ ପ୍ରଧାନ, କବି ଧୀରେନ ମିଶ୍ର, ଆଇନଜୀବୀ ରଞ୍ଜନ ପାତ୍ର, ସଂଘ ସଭାପତି ବିଭୂତି ଭୂଷଣ ନାଥ, ଜିଲ୍ଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଗଳ ପ୍ରମୁଖ ଯୋଗଦେଇଥିଲେ । କିଛି ପାଲାକାର ପାଲା ପରିବେଷଣ କରିଥିଲେ । ବାରସିଂହା ଗ୍ରାମ ସଭାପତି ଅଭୟ ସାହୁ, ପୂଜା କମିଟି ସଭାପତି ଅନିଲ ସ୍ୱାଇଁ ଏବଂ ସମ୍ପାଦକ ଗିରୀଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ପାଲାକାରମାନେ ପ୍ରାଚୀନ ଓଡ଼ିଆ ସଂସ୍କୃତି ଓ କଳାକୁ ବଞ୍ଚାଇ ରଖିଥିବାରୁ ଅତିଥିମାନେ ସାଧୁବାଦ ଦେଇଥିଲେ ।

# ମା’ ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା

ବଅଁରପାଳ,୫ ।୧୧(ସମିସ):



ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ପୀଢ଼ସାହି ଯାତ୍ରା ପଡ଼ିଆରେ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ବର୍ଷ କାର୍ତ୍ତିକ ମାସ ପୂର୍ଣ୍ଣିମା ଦିନ ମାଆଙ୍କ ବାର୍ଷିକ ପୂଜା ମହାସମାରୋହରେ ପାଳନ ହୋଇଥାଏ । ମାଆଙ୍କ ମହିମା ଅପାର ହୋଇଥିବାରୁ ଦର୍ଶନ ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ବୁଧବାର ପ୍ରତ୍ୟୁଷରୁ ମା’ଙ୍କ ସେବକ ତଥା ଦେହୁରୀ ରଞ୍ଜନ କୁମାର ଗଡ଼ନାୟକ ତୁଳସୀପାଳରେ ଥିବା ମା’ଙ୍କ ଆଲମ ଘରେ ଯଥାରୀତି ପୂଜାର୍ଚ୍ଚନା କରିବା ପରେ ଗଡ଼ସନ୍ତ୍ରୀ ପୀଢ଼ସାହି ଯାତ୍ରା ପଡ଼ିଆରେ ଥିବା ପୀଠସ୍ଥଳୀକୁ ଯିବାକୁ ନିମନ୍ତ୍ରଣ କରିଥିଲେ । ପୂର୍ବାହ୍ନ ୯ଟାରେ ମାଆଙ୍କୁ ବିରାଟ ଶୋଭାଯାତ୍ରାରେ ଉଭୟ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମ ମୁଖ୍ୟରାସ୍ତାରେ ଯାତ୍ରା ପଡ଼ିଆକୁ ନିଆଯାଇଥିଲା । ଶହ ଶହ ଛତି, ତରାଶ ସହ ଏକାଧିକ ଡିଜେ ସାଉଣ୍ଡ, ଢୋଲ, ନିଶାଣ, ସିଂଘବାଦ୍ୟ, ଧାଙ୍ଗଡ଼ାବାଦ୍ୟ, ଲଉଡ଼ିଖେଳ, ପାଇକଖେଳ, ବାଣରୋଷଣୀ ଓ ହରିବୋଲ ହୁଳହୁଳି ଶବ୍ଦରେ ଦୁଇ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା । ପଥରେ ଗ୍ରାମର ମହିଳାମାନେ ନିଜ ଘର ସମ୍ମୁଖରେ ଘଟ ସ୍ଥାପନ କରି ବନ୍ଦାପନା କରିଥିଲେ । ଶୋଭାଯାତ୍ରା ପୀଠସ୍ଥଳୀରେ ପହଞ୍ଚିବା ପରେ ମାର୍ଜନା ସହ ଔପଚାରିକ ପୂଜାର୍ଚ୍ଚନା କରାଯାଇଥିଲା । ଅଧିଆ ପଡ଼ିଥିବା ବହୁ ସଂଖ୍ୟକ ମାନସିକଧାରୀ ପାଦୁକା ପାଇ ମାନସିକ ଭଙ୍ଗ କରିଥିଲେ ଓ ଶତାଧିକ ଶିଶୁ ମୁଣ୍ଡନ ହୋଇଥିଲେ । ନିଶାର୍ଦ୍ଧରେ ମହାଦେଶ ଆସିବା ପରେ ଗୁପ୍ତପୂଜା କରାଯାଇଥିଲା । ଯାତ୍ରା ପଡ଼ିଆରେ ପ୍ରବଳ ଜନସମାଗମ ହୋଇଥିଲା ।

ଯାତ୍ରା ପଡ଼ିଆରେ ହଜାରେରୁ ଊର୍ଦ୍ଧ୍ୱ ଛୋଟବଡ଼ ହୋଟେଲ, ମନୋହରୀ, ଗୃହସାମଗ୍ରୀ, ଫାଷ୍ଟଫୁଡ ଦୋକାନ ପଡ଼ିଛି । ଆଗାମୀ ଦିନରେ ଅଧିକ ଜନ ସମାଗମ ହେବ ଓ ଭଲ ବେପାର ହେବ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଭିଡ଼କୁ ଦୃଷ୍ଟିରେ ରଖି ଏଏସପି ରାଜୀବ ଲୋଚନ ପଣ୍ଡା, ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂ, ୩ ଡିଏସପି, ୭ଜଣ ସବଇନ୍ସପେକ୍ଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଏକ ଅସ୍ଥାୟୀ ପୁଲିସ ଶିବିର ଖୋଲାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରାଯାଉଛି । ଅଞ୍ଚଳର ଏହା ସର୍ବ ପୁରାତନ ଓ ପ୍ରସିଦ୍ଧ ଯାତ୍ରା ହୋଇଥିବାରୁ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମ ସମେତ ଆଖପାଖ ଗ୍ରାମଗୁଡ଼ିକ ଚଳଚଞ୍ଚଳ ହୋଇଛି । ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳୁଛି । ମା’ ଲୋଭୀ ଠାକୁରାଣୀ ଟ୍ରଷ୍ଟ ସଭାପତି ସୁନୀଲ କୁମାର ମାଝୀ, ସମ୍ପାଦକ ଭଜମନ ମହାନ୍ତି, ଲୋକନାଥ ମାଝୀ, ଦାଶରଥି ପାଏକ, ଦୈତାରୀ ସାହୁ, ନୀଳମଣି ବିଶ୍ୱାଳ, ଧୀରେନ୍ଦ୍ର ଗଡ଼ନାୟକଙ୍କ ସମେତ ସମସ୍ତ ଟ୍ରଷ୍ଟି ସଦସ୍ୟ ଓ ଶାନ୍ତି କମିଟି ସଦସ୍ୟ ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି ।

# କାର୍ତ୍ତିକ ପୂର୍ଣ୍ଣିମାରେ ତାଳଚେର ଉତ୍ସବମୁଖର

ତାଳଚେର,୫ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ତାଳଚେର ସହରଠାରୁ ଗ୍ରାମାଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଶୈବପୀଠ ସମେତ ବିଭିନ୍ନ ଦେବଦେବୀ ମନ୍ଦିରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇପଡ଼ିଥିଲା । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବରିଷ୍ଠ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପ୍ରାତଃ ସମୟରୁ ତାଳଚେର ସହର ନିକଟରେ ବୋହି ଯାଉଥିବା ବ୍ରାହ୍ମଣୀ ନଦୀରେ ସ୍ନାନ କରି ଆନନ୍ଦ ଉଲ୍ଲାସରେ ଡଙ୍ଗା ଭସାଇବା ସହ ଭଗବାନଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଡଙ୍ଗା ଭସାଇବାକୁ କେବଳ ଓଡ଼ିଆ କାହିଁକି ବିଭିନ୍ନ ଭାଷାଭାଷୀ ଲୋକଙ୍କ ଭିଡ଼ ଜମିଥିଲା । କିଛି ସାମାଜିକ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ମିଷ୍ଟାନ୍ନ, ରାମଖେଚୁଡ଼ି, ଖିରି, ଚା’, ପାଣି ବୋତଲ ଆଦି ବଣ୍ଟନ କରାଯାଇଥିଲା । କାର୍ତ୍ତିକ ପୂର୍ଣ୍ଣିମାରେ ଧରମପୁର, କଙ୍କିଳି, ଶୈନାଳୀ, ସାତପାଟିଆ, କାକୁଡ଼ି, ହରିହରପୁର, ବିହାରୀପୁର, ଜଗନ୍ନାଥ ମନ୍ଦିର, ଆଖଣ୍ଡଳମଣି, ଦକ୍ଷିଣକାଳୀ, କେନ୍ଦୁଆଶୁଣୀ, ମା’ ହିଙ୍ଗୁଳା, ମଙ୍ଗଳା, ରାଣୀମନ୍ଦିର, ରାମମନ୍ଦିର, ପଞ୍ଚମୁଖୀ, ବାବା ପଶ୍ଚିମେଶ୍ୱର, ଚିତ୍ରକୂଟ, ବାବା ଗଣେଶ, ସୁନାମୁଖୀ, ତାଳବେଡ଼ା, କଣ୍ଡାଳ, ଚକ୍ରଶିଳା, ବହ୍ଳର, ବନ୍ତୋଲ, ଅର୍ମାଲ, ଡେରା, ସାଉଥବଲଣ୍ଡା, ଆଦି ମନ୍ଦିର ସହ ବିଭିନ୍ନ ଶୈବପୀଠ ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ।



# ‘କଳାକାର’ ବୋଇତ ବନ୍ଦାଣ ମହୋତ୍ସବ ଉଦଯାପିତ

## ଶକ୍ତି ମିଶ୍ରଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ଅନୁଗୋଳ,୫ ।୧୧(ସମିସ): କଳାକାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ତିନିଦିନିଆ ବୋଇତ ବନ୍ଦାଣ ମହୋତ୍ସବ ବୁଧବାର ଉଦଯାପିତ ହୋଇଛି । ରାଜ୍ୟ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ଏହି ମହୋତ୍ସବର ଉଦଯାପନୀ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ । ବିଧାୟକ ପ୍ରଧାନ ନିଜ ବକ୍ତବ୍ୟରେ ପ୍ରାଚୀନ ଓଡ଼ିଶାର ସାଧବମାନଙ୍କ ସାମୁଦ୍ରିକ ଯାତ୍ରା ଦକ୍ଷତା ବର୍ଣ୍ଣନା କରିବା ସହ ରାଜ୍ୟ ସରକାର ବନ୍ଦରଗୁଡ଼ିକର କ୍ଷମତା ବୃଦ୍ଧି କରି କିଭଳି ଅଧିକ ମାଲ୍ ରପ୍ତାନି ହୋଇପାରିବ ସେ ଦିଗରେ ଧ୍ୟାନ ଦେଉଛନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ରୂପେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ତଥା ଗୌରବମୟ ଇତିହାସ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଓ ବରିଷ୍ଠ ମଞ୍ଚ ଓ ସିନେ ଅଭିନେତା ଅଶୋକ ଦାସ ଯୋଗଦେଇ ଜିଲ୍ଲାରେ ସଙ୍ଗୀତ ଓ ନାଟକର ବିକାଶ ଦିଗରେ କଳାକାର ଅନୁଷ୍ଠାନର ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ । ଏହି ଅବସରରେ ଦିବଂଗତ ସମସ୍ତ କଳାକାରଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶକ୍ତି ମିଶ୍ର କିଛି ବଛା ବଛା ଗୀତ ଗାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । କଳାକାର ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନେ ବୋଇତ ବନ୍ଦାଣ ନୃତ୍ୟନାଟିକା ପରିବେଷଣ କରିଥିଲେ । କଳାକାର ପକ୍ଷରୁ ଶକ୍ତି ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ମାନପତ୍ର ଦେଇ କଳାକାର ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଅଭିନେତା ଅଶୋକ ଦାସଙ୍କୁ ଶରତ ମାଝୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏ ଅବସରରେ ସ୍ୱର୍ଗତ ମାଝୀଙ୍କ ଧର୍ମପତ୍ନୀ ଦେବଯାନୀ ମହାପାତ୍ର ଉପସ୍ଥିତ ଥିଲେ । ପରେ ଅତିଥିମାନେ ସଂଘର ସ୍ମରଣିକା ଉନ୍ମୋଚନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ସଭାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ବିଦ୍ୟାଧର ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ । ବରିଷ୍ଠ ସଦସ୍ୟ ବୈରାଗୀ ମଲ୍ଲିକ ଓ ପ୍ରତ୍ୟୁଷା ରଥ ମଞ୍ଚ ପରିଚାଳନା କରିଥିଲେ । ଜୟନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଆକର୍ଷଣୀୟ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା ।



# ମାଣବସା ଲକ୍ଷ୍ମୀପୂଜା ଉପଲକ୍ଷେ ମାଟି ଅନୁକୂଳ



କିଶୋରନଗର,୫ ।୧୧(ସମିସ): କିଶୋରନଗର କଲେଜ ଛକ ମାଣବସା ଗୁରୁବାର ଲକ୍ଷ୍ମୀପୂଜା ଉପଲକ୍ଷେ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପାଣ୍ଡୁରୀପଥର ଯୋର ନିକଟରେ ଅରୁଣ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମାଟି ସଂଗ୍ରହ କରାଯାଇ ପୂଜାମଣ୍ଡପକୁ ଅଣାଯାଇଥିଲା । କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ଚନ୍ଦନ ସ୍ୱାଇଁ, ରାଜେନ୍ଦ୍ର ରାଉଳ, ସୁଜିତ୍ ରାଉଳ, ଅନିରୁଦ୍ଧ ବିଶ୍ୱାଳ, ପବିତ୍ର ଦେହୁରୀ, ତ୍ରିନାଥ ସାହୁ, ଆଲୋକ ପ୍ରଧାନ, ପପୁନ ପ୍ରଧାନ, ଟୁନା ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ୩୪ତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ



ନାଲକୋ ନଗର,୫ ।୧୧(ସମିସ): ଅନୁଗୋଳ ବ୍ଲକ ଗୋପୀନାଥପୁରରେ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଦିନ ପରମପୂଜ୍ୟ ଗୁରୁଦେବ ବ୍ରହ୍ମଲୀନ ୧୦୦୮ ଶ୍ରୀ ଶ୍ରୀ ଠକାନନ୍ଦଜୀ ମହାରାଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୂଜ୍ୟପାଦ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀଜୀଙ୍କ ଅଧ୍ୟକ୍ଷତାରେ ଗୋପୀନାଥପୁର ପଦ୍ମପାଦ ମଠ ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ପଦ୍ମପାଦ ଠାକୁରଙ୍କ ମନ୍ଦିରରେ ୩୪ତମ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଛି । ମଙ୍ଗଳବାରଠାରୁ ସ୍ଥାନୀୟ ଲୋକେ ପୁଷ୍କରିଣୀରୁ କଳସ ଯାତ୍ରାରେ ଜଳ ଆଣି ସ୍ଥାପନ କରିଥିଲେ । ବୁଧବାର ସକାଳେ ଗୀତା ମହାଯଜ୍ଞ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ଏଥିରେ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା । ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ପଦ୍ମପାଦ ମଠ ମହନ୍ତ ବାନପ୍ରସ୍ଥ ବୈରାଗୀ ମହନ୍ତଜୀ ସୂଚନା ଦେଇଛନ୍ତି ।

# ଭାଗବତ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ

ବଅଁରପାଳ,୫ ।୧୧(ସମିସ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ନୂଆହତାରେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ୫ ଦିନ ଧରି ଚାଲିଥିବା ଭାଗବତ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉଦଯାପିତ ହୋଇଛି । ଏହି କାର୍ଯ୍ୟକ୍ରମ ପାଇଁ ଗାଁ ଉତ୍ସବମୁଖର ହୋଇଉଠିଥିଲା । ଆଖ ପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପ୍ରତେକ ଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏଥିରେ ବାବା ସ୍ୱାମୀ ଶ୍ୟାମାନନ୍ଦ ପୁରୀ, କର୍ତ୍ତା ଶମ୍ଭୁପ୍ରସାଦ ପାଣି, ଆଚାର୍ଯ୍ୟ ବିଘ୍ନେଶ୍ୱର ପାଣି, ବ୍ରାହ୍ମଣ ପ୍ରଫୁଲ୍ଲ ନାଥ, ଶାନ୍ତନୁ ପାଣି, ବସନ୍ତ ତ୍ରିପାଠୀ, ରବିନାରାୟଣ ଶତପଥୀ, ଚିତ୍ରସେନ ଦାସ, ସିଦ୍ଧେଶ୍ୱର ପାଣିଙ୍କ ସମେତ ନୂଆହତା ଗ୍ରାମବାସୀ ସହଯୋଗ କରିଥିଲେ ।

# କାର୍ତ୍ତିକ ପୂର୍ଣ୍ଣିମା; ଗିରିଶ୍ୱର ପୀଠରେ ଭକ୍ତଙ୍କ ଭିଡ଼

ପାଲଲହଡ଼ା,୫ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାଲଲହଡ଼ା ଉପଖଣ୍ଡର ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ବିଶେଷ ଚରି ପାଲଲହଡ଼ାର ପ୍ରସିଦ୍ଧ ଗିରିଶ୍ୱର ଶୈବପୀଠରେ ସକାଳୁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ନୀତିକାନ୍ତି ପରେ ଭକ୍ତମାନେ ଭୋର ୪ଟାରୁ ମହାଦେବଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହ ଧାଡ଼ିରେ ଠିଆହୋଇ ମହାଦେବଙ୍କ ଦର୍ଶନ ଲାଭ କରିଥିଲେ । ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ । ପାଲଲହଡ଼ା ଅକ୍ସଫୋର୍ଡ ଯୁବ ପରିଷଦ ପକ୍ଷରୁ ୧୦ ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ଅନ୍ୟପଟେ ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ବାବା ଗିରିଶ୍ୱରଙ୍କ ଦର୍ଶନ ସହ ମନ୍ଦିର ପାଶ୍ୱର୍ରେ କୁଳୁକୁଳୁ ନାଦରେ ବୋହିଯାଇଥିବା ଜଳ ପ୍ରପାତର ମନରୋମ ଦୃଶ୍ୟକୁ ଭକ୍ତମାନେ ଭରପୂର ଉପଭୋଗ କରିଥିଲେ । ବାବା ଗିରିଶ୍ୱରଙ୍କ ଉପାସନା କଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ ମହାନ୍ତ ପ୍ରମୁଖଙ୍କ ସମେତ ମନ୍ଦିର ପରିଚାଳନା ସମିତି ତଥା ଅକ୍ସଫୋର୍ଡ ଯୁବପରିଷଦର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।



# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ













ବଇଣ୍ଡା,୫ ।୧୧(ସମିସ):

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ବୁଧବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ମୁଖ୍ୟବକ୍ତା ଭାବେ ବଇଣ୍ଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ବଡ଼ହୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ପୂର୍ବତନ ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ପୂଜା କମିଟି ସଭାପତି ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ । ପରମ୍ପରା ବଞ୍ଚିରହିଲେ ଓଡ଼ିଶା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଅତିଥିମାନେ କହିଥିଲେ । ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଧବ ବୋହୂ, ସାଧବ ପୁଅ, ତଅପୋଇ ହୋଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ବାଜାବାଣରେ ଗାଁ କମ୍ପି ଉଠିଥିଲା । ପରେ ଚନ୍ଦନ ପୋଖରୀରେ ଡଙ୍ଗାଭସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂଜା କମିଟିର ଗିରୀଶ ଚନ୍ଦ୍ର ବେହେରା, ସୁବାସ ସାହୁ, ଦୀପକ ଟିବ୍ରୁୱାଲା, ଜମ୍ବେଶ୍ୱର ସାହୁ, ସଞ୍ଜୟ ସାହୁ, ଅରବିନ୍ଦ ସାହୁ, ଅଜିତ ପଟ୍ଟନାୟକ, ଶୁଭେନ୍ଦୁ ସାହୁ, ଚକ୍ରଧର ବେହେରା, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

**ଅନୁଗୋଳ:** ଆମ ଅନୁଗୋଳ ଆମ ଗୌରବ ଜନ ଅନୁଷ୍ଠାନ ପକ୍ଷରୁ ନାରଣ ସାଗର କୂଳରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଛି । ଚନ୍ଦ୍ରକାନ୍ତ ଧଳଙ୍କ ନେତୃତ୍ୱରେ ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ମଗଧ ଯୁବ ବିକାଶ ସମିତି ପକ୍ଷରୁ ସମ୍ପାଦକ ସୁକାନ୍ତ ମାଝୀ ଓ ଅନ୍ୟମାନେ ସହଯୋଗ କରିଥିଲେ । ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ନଗରପାଳ ଶକ୍ତି ପଟ୍ଟନାୟକ ଓ ଆଇନଜୀବୀ ପ୍ରଦୀପ ଦେବତା ପ୍ରମୁଖ ଉପସ୍ଥିତ ରହି ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରାର ସ୍ମୃତି ରୋମନ୍ଥନ କରିଥିଲେ ।

**ନାଲକୋ ନଗର:** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାଲକୋ ଜଗନ୍ନାଥ ମନ୍ଦିର ପରିସର ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି । ମନ୍ଦିର କମିଟି ସଭାପତି ସଚ୍ଚିଦାନନ୍ଦ ଜେନା ଓ ଉପସଭାପତି ସତ୍ୟବାଦୀ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟଙ୍କ ସହଯୋଗରେ ଶ୍ରଦ୍ଧାଳୁମାନେ ବୋଇତ ବନ୍ଦାଣ କରିଥିଲେ । ନାଲକୋ ନଗରର ହଜାରେରୁ ଊର୍ଦ୍ଧ୍ୱ ଜନସାଧାରଣ ଡଙ୍ଗାଭସା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମନ୍ଦିର ପରିସରରେ ମନ୍ଦିର କମିଟି ପକ୍ଷରୁ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା । ନାଲକୋ ସିଆଇଏସ୍ଏଫ, ଦମକଳ ବାହିନୀ, ନାଲକୋ ଥାନା ପୁଲିସ, ନାଲକୋ ଠିକା ସୁରକ୍ଷାକର୍ମୀ ଶାନ୍ତିଶୃଙ୍ଖଳା ରକ୍ଷା କାର୍ଯ୍ୟରେ ନିୟୋଜିତ ଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାଲକୋ ଜଗନ୍ନାଥ ମନ୍ଦିରରେ ସୁନାବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ସକାଳେ ଜଗନ୍ନାଥ ମନ୍ଦିର ଓ ମଧ୍ୟାହ୍ନରେ ତାରଣୀ ମନ୍ଦିର ସମ୍ମୁଖରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ନାଲକୋ ଇଡି ସଚ୍ଚିଦାନନ୍ଦ ଜେନା, ସିଜିଏମ ସତ୍ୟବାଦୀ ମିଶ୍ର, ତରୁଣ ତ୍ରିପାଠୀ, ଶୁଭେନ୍ଦୁ ଘୋଷ, ଗିରୀଶ ସାହୁ ଓ ଜିଏମ ରାଜାରାମ ମିଶ୍ର, ମଦନ ମିଶ୍ରଙ୍କ ସମେତ ଶ୍ରମିକ ନେତାମାନେ ସାମିଲ ହୋଇଥିଲେ । ମଧ୍ୟାହ୍ନରେ ୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ତାରଣୀ ମନ୍ଦିର କମିଟି ପକ୍ଷରୁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା ।

# କୋଇଡ଼ା ମାଇନ୍ସ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଖମାର,୫ ।୧୧(ସମିସ): ପାଲଲହଡ଼ା ବ୍ଲକ ରୋହିଲା ପଞ୍ଚାୟତ ରଙ୍ଗିଆପାଳ ଗ୍ରାମରେ ମୋହନ ଜି ଫାଉଣ୍ଡେସନ ତରଫରୁ ବୁଧବାର ପ୍ରାଣାୟାମ ଏବଂ ଦେୟମୁକ୍ତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ରୋହିଲା, ଇଞ୍ଜିଡ଼ି ପଞ୍ଚାୟତ ସମେତ ଢେଙ୍କାନାଳ ଜିଲ୍ଲା ବାମ, ବିରାଶାଳ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ଯୋଗଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଶିବିରରେ କୋଇଡ଼ା ମାଇନ୍ସର ଡେପୁଟି ଡାଇରେକ୍ଟର ଡା. ଦେବାଶିଷ ନାୟକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଗ୍ରାମର ନରେନ୍ଦ୍ର ପିଙ୍ଗୁଆ ସହଯୋଗ କରିଥିଲେ ।




# ଓଡ଼ିଶା ନାଟ୍ୟ ସଂସଦ ସମ୍ପାଦକଙ୍କୁ ନୃତ୍ୟନୀଳୟ ପକ୍ଷରୁ ସମ୍ବର୍ଦ୍ଧନା



ଅନୁଗୋଳ,୫ ।୧୧(ସମିସ): ନବନିର୍ବାଚିତ ଓଡ଼ିଶା ନାଟ୍ୟ ସଂସଦ ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀଙ୍କୁ ନୃତ୍ୟନୀଳୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସଂସ୍ଥାର ମୁଖ୍ୟ ଯଜ୍ଞ ରାୟ ଓ ସମ୍ପାଦିକା ସ୍ୱପ୍ନାରାଣୀ ସିହ୍ନା ଦ୍ୱିବେଦୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସିହ୍ନା ଦ୍ୱିବେଦୀଙ୍କ ମଞ୍ଚ ନାଟକ ପ୍ରତି ଥିବା ନିଷ୍ଠା, ତ୍ୟାଗ ଓ ପ୍ରତିବଦ୍ଧତା ଉପରେ ଆଲୋକପାତ କରିବା ସହ ନାଟ୍ୟମ୍ ସଂସ୍ଥା ମାଧ୍ୟମରେ ମଞ୍ଚ ନାଟକକୁ ନେଇ ପରୀକ୍ଷାନିରୀକ୍ଷା କରିବା ଓ ଦର୍ଶକଙ୍କୁ କିଭଳି ନିରୁତା ମନୋରଞ୍ଜନ ଯୋଗାଇ ଆସିଛନ୍ତି ତାହା ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ନୃତ୍ୟନୀଳୟର ବହୁ ଛାତ୍ରୀ ଯୋଗଦେଇଥିଲେ ।


୧୪୩ କ୍ଲବ, ରାଜନଗର


କିଙ୍ଗସ କ୍ଲବ,ରାଜନଗର


କ୍ରିଶନା ରୟାଲ କ୍ଲବ ରାଜନଗର


ବଡ଼ଦାଣ୍ଡ, ରାଜନଗର


ଲାୟନ୍ସ କ୍ଲବ,ଗଳିଦାଣ୍ଡ ରାଜନଗର


ସପନେଶ୍ୱର କ୍ଲବ,ବଡ଼ଦାଣ୍ଡ,ରାଜନଗର

### ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ

# 'ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଉଚିତ୍'


ରାଜନଗର


ପଟ୍ଟାମୁଣ୍ଡାଇ

ରାଜନଗର,୫।୧୧(ସମିସ)

ରାଜନଗର ବ୍ଲକ୍‌ର ପ୍ରସିଦ୍ଧ ଶକ୍ତିପୀଠ ବାରଗାଁର ମା' ମାଟିଆମଙ୍ଗଳା ପୀଠରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାରଗାଁ ମାଟିଆ ମଙ୍ଗଳା ଯୁବ ପରିଷଦ ଆନୁକୂଲ୍ୟରେ ମାନସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ବିଧାନସଭାର ପ୍ରାକ୍ତନ ସଚିବ ଡ. ଦାଶରଥି ଶତପଥି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ନୌବାଣିଜ୍ୟ ସମ୍ପର୍କରେ ଏହି କାର୍ଯ୍ୟକ୍ରମ ମନେପକାଇ ଦେଉଛି ବୋଲି କହିଥିଲେ ଶ୍ରୀ ଶତପଥି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବରେଣ୍ୟ ଅତିଥି ଭାବେ ଡ. ଧରଣୀଧର ରାଉତ, ମାଧ୍ୟମିକ ଶିକ୍ଷା ପରିଷଦର ପ୍ରଶାସନିକ ଅଧିକାରୀ ଜୀବନ ପଣ୍ଡା, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ ଯୋଗଦେଇ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଭଗବତୀ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବ୍ରାହ୍ମଣୀ ନଦୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାଧବପୁଅ ଭାବେ ନିର୍ମଳ ରାଉତ, ସହଦେବ ରାଉତ, ପ୍ରଭାତ ରାଉତ, ଶଙ୍କର୍ଷଣ ପାତ୍ର, କୁବେର ରାଉଳ, ଆଶିଷ ରାଉଳ ଓ ମେଘୁ ରାଉଳ ଯାତ୍ରା କରିଥିଲେ। ତଅପୋଇ ଭାବେ ମଧୁସ୍ମିତା ରାଉତ ଯୋଗଦେଇଥିଲେ। ପରିଷଦ ପକ୍ଷରୁ ଓଏଏସ୍ ପାଇଥିବା ରାଜେନ୍ଦ୍ର ମାଝୀ, ସୁଧିରଞ୍ଜନ ଦାଶ, ସାମ୍ବାଦିକ ଜଗନ୍ନାଥ ଦାସ, କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ, ବସନ୍ତ ପାଣି ମେମୋରିଆଲ ଟ୍ରଷ୍ଟ, ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା ପ୍ରଭୃତି ଅନୁଷ୍ଠାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ ରାଉଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଓ ମହେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ୍ ରାମନଗର ବାହାକୁଦ ମହାନଦୀ ଘାଟ ନିକଟରେ ମା' ରାମଚଣ୍ଡୀ ମତ୍ସ୍ୟ ଉତ୍ପାଦକ ସମବାୟ ସମିତି ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଜମ୍ବୁଦୀପ ବୋଇତ ବନ୍ଦାଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ରାଜକିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମାଜସେବୀ ଡ. ଗନ୍ଧର୍ବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ କୈବର୍ତ୍ତ ସଂଗଠନର ଡ. ଦେବେନ୍ଦ୍ର ପ୍ରସାଦ ବେହେରା, ଅଧ୍ୟାପକ ଶୁଭ୍ରାଂଶୁ ବେହେରା, ଇଂ ବିଷ୍ଣୁ ଚରଣ ବେହେରା, ମଞ୍ଜୁବାଳା ରାୟ, କଟକ ଲିଙ୍କ ରୋଡ୍‌ସ୍ଥିତ ଅର୍ବାନ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ବେହେରା, ସରୋଜକାନ୍ତ ସାହୁ, ବରକନ୍ଧା ପଞ୍ଚାୟତ ସମିତିସଭ୍ୟ ରଞ୍ଜନ କୁମାର ଚୌଧୁରୀ, ପ୍ରଶାନ୍ତ ସେଠୀ, ପେଟଛେଲା ପଞ୍ଚାୟତ ସରପଞ୍ଚ ପ୍ରସନ୍ନ ବେହେରା, ନାରାୟଣ ପ୍ରସାଦ ବେହେରା, ଫକୀର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ବେହେରା, ଭାବଗ୍ରାହୀ ବେହେରା, ନିରଞ୍ଜନ ତରାଇ, ଅନନ୍ତ ବେହେରା, କୈଳାସ ବେହେରା, ହାବା ବେହେରା, ଗନ୍ଧର୍ବ ବେହେରା, ଶୁକଦେବ ମାହାଳି, ଅଶୋକ ବେହେରା, ମଣ୍ଟୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ଗୋବିନ୍ଦପୁର:** ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜିବିତ ରଖିବା ପାଇଁ ସାରା ଓଡ଼ିଶାର ପୁରପଲ୍ଲୀରେ ଏହି ଉତ୍ସବ ପାଳନ ହେଉଥିବାବେଳେ ଆଳି ବ୍ଲକ୍ ଅନ୍ତର୍ଗତ ଗିରିବନ୍ଧ ଗ୍ରାମର ଆରାଧ ଦେବୀ ଲକ୍ଷ୍ମୀ ନାରାୟଣଙ୍କ ପୀଠରେ ବୋଇତ ବନ୍ଦାଣ କମିଟି ପକ୍ଷରୁ ବୋଇତ ବନ୍ଦାଣ ମହୋତ୍ସବ ବେସ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ବୋଇତ ଭସାଣ ପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ବରିଷ୍ଠ କୃଷି ଉପନିର୍ଦ୍ଦେଶକ ଧରଣୀଧର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକୀୟ ପାଠ କରିଥିଲେ ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ନରହରି ପାତ୍ର। ସମ୍ମାନିତ ଅତିଥି ଭାବେ ପଦ୍ମଲୋଚନ ରାଉତ, ଶିକ୍ଷାବିତ୍ କରୁଣାକର ସାମଲ ପ୍ରମୁଖ ଯୋଗଦେଇଥିଲେ। ଚନ୍ଦନ ପରିଡ଼ା, କୃଷ୍ଣଚନ୍ଦ୍ର ସାମଲ, ପ୍ରହ୍ଲାଦ ପାତ୍ର, ଅକ୍ରୁର ବେହେରା, ସାଧୁ ଚରଣ ବେହେରା, ଦଶରଥ ସାମଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତମ ଚରଣ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ଆନୁକୂଲ୍ୟରେ ନୌବାଣିଜ୍ୟ ପରମ୍ପରାର ଅନନ୍ୟ କାର୍ଯ୍ୟକ୍ରମ ବୋଇତ ବନ୍ଦାଣ ଉତ୍ସବ ବ୍ରାହ୍ମଣୀ ସେତୁ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ପାରମ୍ପରିକ ନୃତ୍ୟଗୀତ ସାଙ୍ଗକୁ ସାଧବ-ସାଧବାଣୀ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଗହଣରେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନ୍‌ସିଲର ଗୋପୀବଲ୍ଲଭ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲ୍‌ଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ଟେଟ୍ରାହେଡ୍ରନ ଗ୍ରୁପ୍ ଚେୟାରମ୍ୟାନ୍ ତ୍ରିଦେବ ବେହେରା ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ବେଦମନ୍ତ୍ର ପାଠ କରିଥିଲେ ଏବଂ ବିକାଶ ପରିଷଦର ବରିଷ୍ଠ ସଭ୍ୟ ଶ୍ରୀଧର ରାଉତ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଆରତୀ ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ରମେଶ ଚନ୍ଦ୍ର ଜେନା, କସ୍ତୁରୀ ଚରଣ ସ୍ୱାଇଁ, ସୁରେଶ ଚନ୍ଦ୍ର ଜେନା, କବି ସଚିତ୍ର ବେହୁରା, ପରିବେଶବିତ୍ ବିଜୟ କବି, ଆଡ୍‌ଭୋକେଟ ପ୍ରମୋଦ ସାହୁ, ମିଟୁ ମନୋଜ ନାୟକ, ନବକିଶୋର ପଣ୍ଡା, ବିପିନ ବିହାରୀ ପରିଡ଼ା, କୃପାସିନ୍ଧୁ ନାୟକ, କବି ମନୋଜ ଶତପଥୀ, କବୟିତ୍ରୀ ଆରାଧନା ଦାଶ, ମଳୟ ଓଝା, ବାରେଣୀ ସେଠୀ, ଧନେଶ୍ୱର ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଅର୍ଥ ଠକେଇ ନେଇ ଥାନାର ଦ୍ୱାରସ୍ଥ ମହିଳା

ମହାକାଳପଡ଼ା,୫।୧୧(ସମିସ): ଜଣେ ମହିଳା ତାଙ୍କର ଟଙ୍କା ମାଗି ନିରାଶ ହେବା ସହ ଯେଉଁ ବ୍ୟକ୍ତିଙ୍କୁ ଟଙ୍କା ମାଗିଛନ୍ତି ସେ ବ୍ୟକ୍ତି ଜଣକ ଟଙ୍କା ନ ଦେଇ ତାଙ୍କୁ ଜାତିଆଣ ଆକ୍ଷେପ କରିବା ଓ ଜୀବନରୁ ମାରିଦେବା ଘଟଣା ନେଇ ମହାକାଳପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ମହାକାଳପଡ଼ା ଥାନା ଅଧୀନ ବାରଡାଙ୍ଗ ଗ୍ରାମର ଚରଣ ମଳିକଙ୍କ ପତ୍ନୀ କନକ ମଳିକ (୬୦) ୨୦୧୭ରେ ବାରଡାଙ୍ଗ ପୋଷ୍ଟ ଅଫିସକୁ ୨୦ ହଜାର ଟଙ୍କା ଜମା କରିବାକୁ ଯାଇଥିଲେ। ପୋଷ୍ଟାଲରେ ଥିବା ପିଅନ ଶ୍ୟାମଘନ ଦାସ ତାଙ୍କଠାରୁ ଟଙ୍କା ରଖିବା ସହିତ ଡିପୋଜିଟ୍ ପରେ ଘରେ ନେଇ ରସିଦ୍ ଦେବାକୁ କହିବା ସହ ତାଙ୍କୁ ଘରକୁ ପଳାଇବାକୁ କହିଥିଲେ। ୫ଦିନ ପରେ ପିଅନ ଜଣକ ଏକ ଆଲ୍‌କେମିଷ୍ଟ ନାମକ ଏକ ଘରୋଇ ସଂସ୍ଥାର ଡିପୋଜିଟ୍ ରସିଦ୍ ଦେବା ପରେ କନକ ପିଅନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ୫ ବର୍ଷ ପରେ ଟଙ୍କା ଦୁଇଗୁଣା ହୋଇଯିବ ବୋଲି କହିଥିଲେ। ହେଲେ ୫ ବର୍ଷ ପରେ ମହିଳା ଜଣକ ଟଙ୍କା ମାଗିବାରୁ ଆଜିକାଲି କହି ଟଙ୍କା ଦେଉନାହାନ୍ତି। ବୁଧବାର ସକାଳୁ ମହିଳା ଓ ତାଙ୍କ ପୁଅ ପିଅନଙ୍କ ଘରକୁ ଯାଇ ଟଙ୍କା ମାଗିବାରୁ ଶ୍ୟାମ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ, ଜାତିଆଣ ଆକ୍ଷେପ କରିବା ସହିତ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି ବୋଲି ସେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

● ପ୍ରଭୁ ବଳଦେବଜୀଉ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଢିଲା

## ସେବକଙ୍କ ଅଣ୍ଟାରେ ବ୍ଲେଡ୍ ମାରି ଲୁଟ୍

କେନ୍ଦ୍ରାପଡ଼ା,୫।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରଭୁ ବଳଦେବଜୀଉଙ୍କ ଦିବ୍ୟ ପଦ୍ମ ବେଶ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଜମିଥିଲା। ଏହି ଅସମ୍ଭାଳ ଭିଡ଼ ମଧ୍ୟରେ ଏକ ଲୁଟ୍ ଘଟଣା ଘଟିଛି। ଠାକୁରଙ୍କ ସେବକ ଭଗବାନ ସୁଆରଙ୍କ ଅଣ୍ଟାରେ କେହି ଦୁର୍ବୃତ୍ତ ବ୍ଲେଡ୍ ମାରି ଟଙ୍କା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଏହି ଟଙ୍କା ତାଙ୍କ ଦିନର ସମସ୍ତ ପାଉଣା ରାଶି ଥିବା କୁହାଯାଉଛି। ଘଟଣା ପରେ ସେବକ ଭଗବାନ ସୁଆର ଅନ୍ୟ ସେବକମାନଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ବ୍ଲେଡ୍‌ରେ ଲୁଗା କଟିଯାଇଥିବା ଦେଖିବାକୁ ମିଳିଛି। ଏପରି ଅଞ୍ଚଳରେ ଭକ୍ତଙ୍କ ଅପାର ଭିଡ଼ ଥିବା ସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁଁ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତୁଳସୀକ୍ଷେତ୍ର ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଅଧିକ ସୁରକ୍ଷା ବ୍ୟବସ୍ଥା ପାଇଁ ଦାବି ଉଠିଛି।

## ମାଛଧରା ବୋଟ୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ରାଜକନିକା,୫।୧୧(ସମିସ): ଆଜି ଯେତେବେଳେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ସାଧବମାନଙ୍କ କୃତୀକୁ ସ୍ମରଣ କରି ବୋଇତ ବନ୍ଦାଣ କରାଯାଉଛି ଠିକ୍ ସେତିକିବେଳେ ଡାଳିକାଏନ୍ଦାର ଏକ ମାଛଧରା ବୋଟ୍‌ରେ ଦୁର୍ବୃତ୍ତ ନିଆଁ ଲଗାଇବା ଘଟଣା ବେଶ୍ ସମ୍ବେଦନଶୀଳ ହୋଇପଡ଼ିଛି। ଅଭିଯୋଗ ମୁତାବକ, ବୁଧବାର ଭୋର୍‌ରୁ ସମୁଦ୍ରରେ ମାଛ ଧରା ପାଇଁ ବ୍ୟବହୃତ ହେଉଥିବା ଏକ ବୋଟ୍‌କୁ ନଦୀରେ କେହି ନିଆଁ ଲଗାଇ ଦେଇଥିବା ରାଜକନିକା ଥାନାରେ ଅଭିଯୋଗ ହୋଇଛି। ଡାଳିକାଏନ୍ଦା ଗାଁର ଜିତେନ୍ଦ୍ର ଦଳାଇଙ୍କ ଏହି ବୋଟ୍‌ଟି ବାତ୍ୟା ପୂର୍ବରୁ ନଦୀରୁ ଆସି ଗଡ଼ଗଡ଼ି ପୋଲ ନିକଟରେ ଲଙ୍ଗର କରି ରଖାଯାଇଥିଲା। ଭୋର୍‌ରୁ ଏହି ବୋଟ୍‌ଟି ହୁତୁହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା। ମା' ତାରିଣୀ ନାମକ ଏହି ବୋଟ୍‌ଟିର ଆନୁମାନିକ ୩୦ ଲକ୍ଷ ଟଙ୍କା ମୂଲ୍ୟର ହୋଇଥିବାବେଳେ ପୁଲିସ ପକ୍ଷରୁ ଏହି ବୋଟ୍ ପୋଡ଼ି ଘଟଣାର ଖୋଳତାଡ଼ କରାଗଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ଜଣାପଡ଼ିବ ବୋଲି ଆଶା କରାଯାଏ।

## ଥାନା ସମ୍ମୁଖ ଦୋକାନ କାନ୍ଥ ଭାଙ୍ଗି ଲୁଟ୍

ରାଜନଗର,୫।୧୧(ସମିସ): ରାଜନଗର ଥାନା ସମ୍ମୁଖରେ ଥିବା କଂସା ପିତ୍ତଳ ଦୋକାନର କାନ୍ଥ ଭାଙ୍ଗି ଦୁର୍ବୃତ୍ତ ବାସନକୁସନ ଲୁଟି ନେଇଛନ୍ତି। ଥାନା ସମ୍ମୁଖରୁ ଲୁଟ୍ ହେବା ଘଟଣା ସାଧାରଣରେ ଚିନ୍ତାର ବିଷୟ ହୋଇଛି। ରାଜନଗର ଥାନା ସମ୍ମୁଖରେ ରାଜନଗର ଗାଁର ବିଜୟ ମହାପାତ୍ର ଦୀର୍ଘବର୍ଷ ହେଲା କଂସା, ପିତ୍ତଳ ଓ ଲୁହା ସାମଗ୍ରୀ ଦୋକାନ କରି ବ୍ୟବସାୟ କରି ଆସୁଛନ୍ତି। ମଙ୍ଗଳବାର ରାତି ପ୍ରାୟ ୩ଟା ସମୟରେ ଦୋକାନରୁ ଘରକୁ ଯାଇଥିଲେ। ବୁଧବାର ସକାଳ ୭ଟାରେ ଆସି ଦୋକାନ ଖୋଲିବା ବେଳକୁ ଦୋକାନର ପଛପଟ ଇଟା କାନ୍ଥକୁ ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନରେ ପଶି ୪୦ ହଜାର ଟଙ୍କାର ପିତ୍ତଳ ବାସନ ଲୁଟି ନେଇଥିବା ଦେଖି ବିଜୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଆଗରେ ଥିବା ବ୍ୟାବସାୟିକ ପ୍ରତିଷ୍ଠାନ ଯେଉଁଠି ସୁରକ୍ଷିତ ନୁହେଁ, ସେଠାରେ ଆଇନଶୃଙ୍ଖଳା କିପରି ତାହାକୁ ନେଇ ପ୍ରଶ୍ନ ଉଠିଛି। ୪ ମାସ ତଳେ ଲଗାତାର ଚୋରି ରାଜନଗର ଅଞ୍ଚଳରେ ଚିନ୍ତା ବଢ଼ାଇଛି। ମନ୍ଦିର ଓ ବିଦ୍ୟାଳୟରୁ ଲଗାତାର ଚୋରି ହେଉଥିଲେ ହେଁ ପୁଲିସ ଚୋର ଧରିବାରେ ବିଫଳ ହୋଇଛି। ଏପରିକି ଲୋକେ ଚୋରର ଫଟୋ, ଗାଡ଼ି ନମ୍ବର ଓ ସିସିଟିଭି ଫୁଟେଜ୍ ଥାନାରେ ଦାଖଲ କରିଥିଲେ ମଧ୍ୟ ପୁଲିସ ଚୋରଙ୍କୁ ଧରିପାରୁନି।

## ପ୍ରଭୁ ବଳଦେବଜୀଉଙ୍କ ପଦ୍ମ ବେଶ

କେନ୍ଦ୍ରାପଡ଼ା,୫।୧୧(ସମିସ): ପବିତ୍ର ରାସ ପୂର୍ଣ୍ଣିମା ଅବସରରେ ବୁଧବାର ତୁଳସୀକ୍ଷେତ୍ର ମନ୍ଦିରରେ ବଳଦେବଜୀଉଙ୍କ ସୁସଜ୍ଜିତ ପଦ୍ମ ବେଶ ଦର୍ଶନ ମିଳିଛି। ପଞ୍ଚୁକ ବେଶ ନୀତି ସମ୍ପନ୍ନ ହେବା ସହିତ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତ୍ୟୁଷରୁ ବଡ଼ଠାକୁରଙ୍କ ଦ୍ୱାର ଉନ୍ମୁକ୍ତ କରାଯାଇ "ଜୟ ମଙ୍ଗଳା ଆଳତି' ହୋଇଥିଲା। ପରେ ସ୍ନାନ, ବଲ୍ଲଭ ଏବଂ ସାହାଣମେଲା ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ବଳଦେବଜୀଉଙ୍କ ସ୍ୱତନ୍ତ୍ର ସୁସଜ୍ଜିତ ପଦ୍ମ ବେଶ ଦର୍ଶନ ହୋଇଥିଲା।



## ନରସିଂହପୁର ପଞ୍ଚାୟତରେ ରାହାସ ଉତ୍ସବ ଉଦ୍‌ଯାପିତ

ଡେରାବିଶ,୫।୧୧(ସମିସ): ଡେରାବିଶ ବ୍ଲକ୍ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଦଶମୀ ତିଥିରୁ ରାଧାକୃଷ୍ଣଙ୍କ ରାହାସ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ଉପଲକ୍ଷେ ଗତ ୫ ଦିନ ହେବ ଏହି ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ପଞ୍ଚାୟତ ଅନ୍ତର୍ଗତ ବେଲରପା, ଖମାର ବେଲରପା, ମୁଣ୍ଡିଲେ, ନରସିଂହପୁର ଓ ବଘାଲୋ ଗ୍ରାମରେ ମୋଟ୍ ୧୫ଟି ମଣ୍ଡପରେ ଶ୍ରୀରାଧାକୃଷ୍ଣଙ୍କ ସମେତ ଗୋପୀଙ୍କ ମୃଣ୍ମୟ ମୂର୍ତ୍ତି ଷୋଡ଼ଶ ଉପଚାରରେ ପୂଜା ପାଇଆସୁଛି। ଏଥିପାଇଁ ପ୍ରତ୍ୟେକ ମଣ୍ଡପକୁ ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ପୂଜା ମଣ୍ଡପ ନିକଟରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟାକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମୁଛି। ମଙ୍ଗଳବାର ସନ୍ଧ୍ୟାରେ ନରସିଂହପୁର ସରପଞ୍ଚ ସୁଧିର କୁମାର ଖଟୁଆ ପ୍ରତ୍ୟେକ ପୂଜାମଣ୍ଡପକୁ ଯାଇ ଶ୍ରୀରାଧାକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଗୋଷ୍ଠୀ ସଂଘର୍ଷରେ ୧୨ ଆହତ, ୪ ଗୁରୁତର

ଆଳି, ୫।୧୧(ସମିସ): ଆଳି ଥାନା ବାଳକାଟୀ ପଞ୍ଚାୟତ ରାଣୀପୋଖରୀରେ ବୁଧବାର ମଧ୍ୟାହ୍ନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଉକ୍ତ ଗ୍ରାମରେ ନଗର କୀର୍ତ୍ତନ ଚାଲିଥିବା ବେଳେ ଦିଗାମ୍ବର ମଳିକ ମଦ୍ୟ ପାନ କରି ରାଧାକୃଷ୍ଣ ବେଶରେ ସଜ୍ଜିତ ଦୁଇ ଜଣଙ୍କୁ ଧକ୍କା ମାରି ନାଚିବାକୁ ଦେଇ ନଥିଲେ। ପ୍ରତିବାଦ କରିବାରୁ ଦିଗାମ୍ବର ଓ ତାଙ୍କ ଘର ଲୋକ ଅର୍ଜୁନ ମଳିକଙ୍କ ସାନଭାଇଙ୍କୁ ମାଡ଼ ମାରିଥିଲେ। ପରେ ଦିଗାମ୍ବର ସହ ମୋଟ ୨୮ ଜଣ ମିଶି ଅର୍ଜୁନଙ୍କ ପରିବାରବର୍ଗଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ କରାଯାଇଛି। ଏଥିରେ ଅର୍ଜୁନ ମଳିକଙ୍କ ପରିବାରର ଦୁଇ ଜଣଙ୍କ ମୁଣ୍ଡ ଫାଟିବା ସହ ଜଣଙ୍କ ହାତ ଭାଙ୍ଗିଯାଇଛି। ଜଣଙ୍କ ହାତକୁ ହାଣିଥିବା ସ୍ଥଳେ ବାକି ତିନି ଜଣଙ୍କ ଉପରେ ଇଟା ପଥର ମାଡ଼ରେ କ୍ଷତାକ୍ତ ହୋଇଥିବା ଏତଲାରେ ଦର୍ଶାଯାଇଛି। ଅପରପକ୍ଷେ ରାଣୀପୋଖରୀ ଗ୍ରାମର ଦିଗାମ୍ବର ମଳିକ ଏକ ପାଲଟା ଅଭିଯୋଗ କରିଛନ୍ତି। ନଗର କୀର୍ତ୍ତନ ଚାଲିଥିଲା ବେଳେ ତାଙ୍କ ଘର ନିକଟରେ ପୂଜା କରିବା ନିମନ୍ତେ ରାଧାକୃଷ୍ଣଙ୍କୁ ଅଟକାଇଥିଲେ ଯେ ଠାକୁର ପଛରେ ଅଛନ୍ତି ଟିକେ ଅଟକି ଯାଅ ଠାକୁର ଆସିଲେ ଭୋଗ ହେବ ତା ପରେ ତୁମେମାନେ ଯିବ। ସେହି ସମୟରେ ଅରୁଣ ମଳିକଙ୍କ ସମେତ ମୋଟ ୧୮ ଜଣ ମିଶି ସଂଘବଦ୍ଧ ଆକ୍ରମଣ କରିଥିଲେ। ଉଭୟ ପକ୍ଷରୁ ଆହତ ୧୨ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପୁଲିସକୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜ

## ଦୁଇ ବାଇକ୍ ଚୋରି; ଗୋଡ଼ାଇ ଧରିଲେ ଲୋକେ

ରାଜନଗର,୫।୧୧(ସମିସ): ରାଜନଗରରେ ପୁଲିସକୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜ। ଗୋଟିଏ ଦିନରେ ରାଜନଗର ଥାନା ଅଞ୍ଚଳରୁ ଦୁଇଟି ବାଇକ୍‌କୁ ଲୁଟିନେଇଛନ୍ତି। କିନ୍ତୁ ଚୋରଙ୍କୁ ପିଛା କରି ଲୋକେ କାବୁ କରିବା ସହ ଚୋରି ହୋଇଥିବା ବାଇକ୍‌କୁ ଜବତ କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଚୋର ଓ ଚୋରି ହୋଇଥିବା ବାଇକ୍‌କୁ ଥାନାକୁ ଆଣି ରାଜନଗର ପୁଲିସକୁ ହସ୍ତାନ୍ତର କରିଛି।

ସୂଚନା ମୁତବକ, ରାଜନଗର ବଜାର ଭିତରେ କୋଇଲିପୁର ପଞ୍ଚାୟତ ବରୁଣୀପଲା ଗ୍ରାମର ବିଭୂତିଭୂଷଣ ପ୍ରଧାନ ବାଇକ୍ ରଖି ଦୋକାନରୁ ଜିନିଷ କିଣୁଥିବାବେଳେ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ସେହିପରି ଉକ୍ତ ଥାନା ଅନ୍ତର୍ଗତ ସାନବଡ଼ଗୋପାଳପୁର ପଞ୍ଚାୟତ ଗର୍ଜନପୁର ଗ୍ରାମର ସୁଶାନ୍ତ ଦାସ ନିଜ ଘର ନିକଟରେ ବାଇକ୍ ରଖି ଘର ଭିତରକୁ ଯାଇଥିବାବେଳେ ବାଇକ୍‌ଟି ଚୋରି ହୋଇଯାଇଥିଲା। ସୁଶାନ୍ତ ଘର ଭିତରୁ ଆସି ବାଇକ୍ ନ ପାଇ ଅନ୍ୟ ଏକ ବାଇକ୍ ଯୋଗେ ଚୋରଙ୍କୁ ପିଛା କରି ପଟ୍ଟାମୁଣ୍ଡାଇ ବଜାର ପର୍ଯ୍ୟନ୍ତ ଯାଇଥିଲେ। ସେମାନଙ୍କ ସନ୍ଧାନ ନ ପାଇ ମୁଖ୍ୟ ରାସ୍ତାରେ ଘରକୁ ଫେରୁଥିବାବେଳେ ଅଢ଼ାଯୋଡ଼ି ବଜାରରେ ନିଜ ବାଇକ୍ ରାସ୍ତା ଉପରେ ଥୁଆ ହୋଇଥିବା ଦେଖିଥିଲେ। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବା ସହିତ କଖାରୁଣୀ ଗ୍ରାମର ଜଣେ ନାବାଳକ ସହ ଖଡ଼ିଅଣ୍ଟା ଗ୍ରାମର ସୁବ୍ରତ ମଳିକଙ୍କୁ ଅଟକ ରଖି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଖବର ଦେଇଥିଲେ। ପଚରାଉଚରା ପରେ ଦୁଇ ଜଣ ଦୁଇଟି ବାଇକ୍ ରାଜନଗର ଥାନା ଅଞ୍ଚଳରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ବାଟରେ ଆସିବାବେଳେ ରାଜନଗର ବଜାରରୁ ଚୋରି କରିଥିବା ବାଇକ୍‌ଟି ଖରାପ ହୋଇଯାଇଥିଲା। ଅଢ଼ାଯୋଡ଼ି ବଜାରରେ ବାଇକ୍ ସଜାଡୁଥିବାବେଳେ ଧରାପଡ଼ିଯାଇଥିଲେ। ପୁଲିସ ତଦନ୍ତ ଜାରି ରଖିବା ସହ ଦୁହେଁ ନିଜ ଗାଡ଼ି ଫେରିପାଇଛନ୍ତି।

# ଜିଲ୍ଲା ବୋଇତ ବନ୍ଦାଣ ସମିତିର ସ୍ୱନକ୍ଷତ୍ର ଦିବସ

କେନ୍ଦ୍ରାପଡ଼ା,୫।୧୧(ସମିସ)



କେନ୍ଦ୍ରାପଡ଼ା ପୌର ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ବୋଇତ ବନ୍ଦାଣ ସମିତିର ୫୭ତମ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ କେହି ମନରେ ଅହଙ୍କାର ରଖିବା ଉଚିତ୍ ନୁହେଁ। ଜିଲ୍ଲା ବୋଇତ ବନ୍ଦାଣ ସମିତି ମୁଖ୍ୟ ଉପଦେଷ୍ଟା ପ୍ରଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତଟ ରେଳବାଇର ପ୍ରାକ୍ତନ ଲୋକ ସମ୍ପର୍କ ଅଧିକାରୀ ନିରାକାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ନୌବାଣିଜ୍ୟର ଇତିହାସ ସମ୍ପର୍କରେ ଅବତାରଣା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ସୁଧିର କୁମାର ବ୍ରହ୍ମା, ସମିତି ସଭାପତି ଚିନ୍ମୟ ପ୍ରସାଦ ବେହୁରା, ତଅପୋଇ ଭାବେ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ସିଇଓ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶାଶ୍ୱତୀ ମହାପାତ୍ର, ରାଜେନ୍ଦ୍ର ମାଝୀ, ସୁପ୍ରଭାତ ମଲ୍ଲିକ, ସୁଧିରଞ୍ଜନ ଦେବଶର୍ମା ଦାଶ ଓ ଜୟ ପ୍ରକାଶ ବେହେରାଙ୍କୁ 'ମହେଶ କର ସ୍ମୃତି ସମ୍ମାନ', ଦୈନିକ ଶୃତିର ସମ୍ପାଦକ ସର୍ବେଶ୍ୱର ମିଶ୍ରଙ୍କୁ 'ସ୍ୱର୍ଗତ ଇନ୍ଦ୍ରମଣୀ ରାଉତ ସ୍ମୃତି ସମ୍ମାନ', ବରିଷ୍ଠ ଆଇନଜୀବୀ ଅକ୍ଷୟ ମହାନ୍ତିଙ୍କୁ 'ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ସ୍ମୃତି ସମ୍ମାନ', କୁଞ୍ଜବିହାରୀ ପୃଷ୍ଟିଙ୍କୁ 'ସ୍ୱର୍ଗତ ଗୟାଚାନ୍ଦ ଭୂୟାଁ ସ୍ମୃତି ସମ୍ମାନ', ଡାକ୍ତର ବୈକୁଣ୍ଠନାଥ ପଣ୍ଡାଙ୍କୁ 'ସ୍ୱର୍ଗତ ଡା. ସରୋଜକାନ୍ତ କାନୁନ୍‌ଗୋ ସ୍ମୃତି ସମ୍ମାନ', ଡା. ରଶ୍ମୀରଞ୍ଜନ ମହାନ୍ତିଙ୍କୁ ଡାକ୍ତର ଅଲେଖ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ, ସୁଶ୍ରୀ ମିତାଲି ବାରିକଙ୍କୁ ମୀନକେତନ ଦାସ ସ୍ମୃତି ସମ୍ମାନ, ଆଇନଜୀବୀ ନୃସିଂହ ଚରଣ ରାଉତଙ୍କୁ ସ୍ୱର୍ଗତ ଦୋଳଗୋବିନ୍ଦ ଜେନା ସ୍ମୃତି ସମ୍ମାନ, ମିତାରାଣୀ ମହାନ୍ତିଙ୍କୁ ନନ୍ଦିତା ବ୍ରହ୍ମା ସ୍ମୃତି ସମ୍ମାନ ଏବଂ ସୁଶ୍ରୀ ଲକ୍ଷ୍ମୀପ୍ରିୟା ଶତପଥୀଙ୍କୁ ଶରତ ପ୍ରସାଦ ସିଂ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରତିଯୋଗିତାରେ ୮୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫୁଲ୍ଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଲୋହିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାପ-ପୁଅଙ୍କୁ ଛୁରାମାଡ଼

ଆଳି, ୫।୧୧(ସମିସ): ଆଳି ଥାନା ମେଣ୍ଢପୁର ପଞ୍ଚାୟତ କଣ୍ଟିପୁରରେ ବୁଧବାର ମଧ୍ୟାହ୍ନ ସମୟରେ ସାମାନ୍ୟ ବଚସାକୁ ନେଇ ବାପପୁଅ ଉପରେ ଛୁରା ମାଡ଼ ହୋଇଛି। ଏଥିରେ ମନୋଜ ମଲ୍ଲିକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଥିଲା ବେଳେ ତାଙ୍କ ପୁଅ ଶିବସୁନ୍ଦର ମଧ୍ୟ ଖଣ୍ଡିଆଖାବରା ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମରେ ଏକ ଭୋଜିସ୍ଥଳରେ ଜଣେ ଯୁବକ ଚପଲ ପିନ୍ଧି ଚାଲିଯିବାରୁ ମଙ୍ଗଳ ମଳିକ ମାରଧର ଆରମ୍ଭ କରି ଦେଇଥିଲେ। ମନୋଜ ମଳିକ ମଙ୍ଗଳଙ୍କୁ ବୁଝାସୁଝା କରିବାରୁ ସେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲା। ଏକ ଛୁରି ଆଘାତରେ ମନୋଜଙ୍କ ଛାତି ଗଭୀର ଭାବେ କ୍ଷତାକ୍ତ ହୋଇଛି। ଶିବସୁନ୍ଦର ମଧ୍ୟ ଖଣ୍ଡିଆ ହୋଇଛନ୍ତି। ମନୋଜଙ୍କ ସ୍ତ୍ରୀ ସଞ୍ଜୁକ୍ତାଙ୍କ ଅଭିଯୋଗ ଆଧାରରେ ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଧୀରଜ ଲେଙ୍କା ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଚାଲିବାର ବେଗ ଅପେକ୍ଷା ଚାଲୁଥିବା ରାସ୍ତାର ଦୈର୍ଘ୍ୟ ଓ ଲକ୍ଷ୍ୟସ୍ଥଳ ଗୁରୁତ୍ୱପୂର୍ଣ୍ଣ ।
-କନ୍‌ଫୁସିୟସ୍

## ସୁନାମ/ ଦୁର୍ନାମ

ଜାତୀୟ କ୍ରୀଡ଼ାର ମର୍ଯ୍ୟାଦା ହାସଲ କରିଥିବା ଭାରତୀୟ ହକି ଦଳର ପ୍ରାୟୋଜକ ହେବାକୁ ପଡ଼ିଥିଲା ଓଡ଼ିଶା ସରକାରଙ୍କୁ । କ୍ରିକେଟର ପ୍ରାଧାନ୍ୟ ସମଗ୍ର ଦେଶରେ ବିସ୍ତାରିତ ହେଉଥିବା ବେଳେ ହକିର ଲୋକପ୍ରିୟତା କ୍ରମେ ହ୍ରାସ ପାଉଥିଲା । ସୁନ୍ଦରଗଡ଼ ଜିଲ୍ଲା ଥିଲା ହକିର ଏନ୍ତୁଡ଼ିଶାଳ । ପ୍ରୋତ୍ସାହନ ମାଧ୍ୟମରେ ପ୍ରତିଭା ଚୟନ ଏବଂ ଆନ୍ତର୍ଜାତିକ ମାନର ଭିତ୍ତିଭୂମି ପ୍ରତିଷ୍ଠା କରାଯାଇପାରିଲେ ଏହି କ୍ରୀଡ଼ା ପୁଣି ଥରେ ଦେଶବାସୀଙ୍କ ଶ୍ରଦ୍ଧା ଓ ସହାନୁଭୂତି ଲାଭ କରିପାରିବ - ଏଭଳି ଏକ ଲକ୍ଷ୍ୟ ନେଇ ଯୋଜନାବଦ୍ଧ କାର୍ଯ୍ୟାରମ୍ଭ କରିଥିଲେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଜାତୀୟ ହକି ଦଳର ଓଡ଼ିଶା ସରକାର କେବଳ ପ୍ରାୟୋଜକ ହେଲେ ନି ଭୁବନେଶ୍ୱରରେ ମୁଣ୍ଡ ଟେକିଥିବା କଳିଙ୍ଗ ଷ୍ଟାଡିୟମକୁ ହକି ଭିତ୍ତିଭୂମିର ଶ୍ରେଷ୍ଠ ମଞ୍ଚ ରୂପେ ଗଢ଼ିବା ଆରମ୍ଭ ହୋଇଥିଲା । ବ୍ୟୟବହୁଳ ଆଷ୍ଟ୍ରୋଟର୍ଫ୍ ଭୁବନେଶ୍ୱର, ରାଉରକେଲା, ସୁନ୍ଦରଗଡ଼ରେ ବିଛା ଯିବା ସହ ରକ୍ଷଣାବେକ୍ଷଣା ପ୍ରସ୍ତୁତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଆନ୍ତର୍ଜାତିକ ଓ ଜାତୀୟସ୍ତରର ପ୍ରତିଯୋଗୀଙ୍କ ପ୍ରଶଂସା ସରକାରଙ୍କୁ ଉତ୍ସାହିତ କରିଥିଲା କ୍ରୀଡ଼ାର ଅନ୍ୟ ବିଭବ ପ୍ରତି ଦୃଷ୍ଟି ଦେବାକୁ । ଏଠାରେ ଟେନିସ, ଆଥଲେଟିକ୍, ଜିମ୍ନାଷ୍ଟିକ, ୱେଟଲିଫ୍ଟିଂ, ସୁଟିଂ ଓ ଫୁଟବଲ ଖେଳିବାର ଉନ୍ନତ ସୁବିଧା ସୁଯୋଗ ସୃଷ୍ଟି ହେଲା । ଓଡ଼ିଶାକୁ କ୍ରୀଡ଼ା ରାଜଧାନୀ ମାନ୍ୟତା ମିଳିବାରେ କଳିଙ୍ଗ ଷ୍ଟାଡିୟମର ଅବଦାନ ସତରେ ଈର୍ଷଣୀୟ । କ୍ଷମତା ପରିବର୍ତ୍ତନ ପରେ ସେହି ଈର୍ଷା ହିଁ କଳିଙ୍ଗରେ କଳଙ୍କ ଲେପିବା ଆରମ୍ଭ କରିଛି । ଆମ ଜାଣିବାରେ କ୍ଷମତା ବଦଳିଲେ ମଧ୍ୟ ବ୍ୟବସ୍ଥା ଅତୁଟ ରହିଥାଏ । ବ୍ୟବସ୍ଥାକୁ ଯେତେବେଳେ କ୍ଷମତା ନିଜ ଢଙ୍ଗରେ ମୋଡ଼ିମକଚି ଦେବ ସେତେବେଳେ ବିଭ୍ରାଟ ଘଟିବ ହିଁ ଘଟିବ । ତାହା ହିଁ ପରିଲକ୍ଷିତ ହୋଇଛି କଳିଙ୍ଗ ଷ୍ଟାଡିୟମରେ ।

କଳିଙ୍ଗ ଷ୍ଟାଡିୟମର ସୁରକ୍ଷା ଓ ଶୃଙ୍ଖଳାକୁ ଅତୁଟ ରଖିବା ସକାଶେ ଥିବା ବ୍ୟବସ୍ଥାଗତ କଟକଣା ଓ ବ୍ୟବସ୍ଥାର ଉଲ୍ଲଘଂନ ହୋଇ ନ ଥିଲେ ହୁଏତ ସେହି ଗରିମାର ଭାଗୀଦାର ଏବର କ୍ଷମତା ମଧ୍ୟ ହୋଇଥା'ନ୍ତେ । ସବୁ ସୁନାମରେ କାଳିବୋଳି ସବୁଦିନ ସକାଶେ ପୋଛିଦେଇ ହେବନି । ସେହି କାଳିମା ହିଁ ଶେଷରେ ଦୁର୍ନାମର କାରଣ ହେବ । ଉନ୍ନତମାନର ସମ୍ଭ୍ରାନ୍ତ ବ୍ୟବସ୍ଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍‌ଙ୍କୁ ଆକର୍ଷଣ କରିଥିଲା କଳିଙ୍ଗ ଷ୍ଟାଡିୟମ । ଉଚ୍ଚମାନର ପ୍ରଦର୍ଶନ ସକାଶେ ଥିବା ସୁବିଧା ଓ ସୁଯୋଗକୁ ଦୃଷ୍ଟିରେ ରଖି କେବଳ ନୀରଜ ଚୋପ୍ରା କାହିଁକି ସ୍ୱନାମଧନ୍ୟ ଅନ୍ୟ ଆଥଲେଟ୍ ଓ ପୁରୁଷ ମହିଳା ହକି ଖେଳାଳି ଏଠାରେ ପ୍ରଶିକ୍ଷିତ ହେବାକୁ ପ୍ରାଧାନ୍ୟ ଦେଉଥିଲେ । ସେହିଭଳି ଆମ ରାଜ୍ୟର ପିଲାମାନେ ନିଜର କ୍ରୀଡ଼ା କ୍ୟାରିୟର ଗଢ଼ିବା ପାଇଁ ଏଠାରେ ପ୍ରଶିକ୍ଷଣ ନେଇଛନ୍ତି । ତେଣୁ ତ ବିଶୃଙ୍ଖଳାମୁକ୍ତ ପରିବେଶ ପାଇଁ ଷ୍ଟାଡିୟମକୁ କଠୋର କଟକଣା ମଧ୍ୟରେ ରଖାଯାଇଥିଲା । ତାହା ଥିଲା କ୍ରୀଡ଼ାପ୍ରେମୀଙ୍କ ଭରସାର କେନ୍ଦ୍ର । ଏମିତି କ'ଣ ହେଲା ଯେ ଏହି କିଛି ମାସ ମଧ୍ୟରେ ସେଠାରେ ଗଦା ଗଦା ମଦ ବୋତଲ ଗଡୁଛି । ଶୌଚାଳୟଠାରୁ ଆରମ୍ଭ କରି ଏଠି ସେଠି ମେଞ୍ଚା ମେଞ୍ଚା ବ୍ୟବହୃତ କଣ୍ଡୋମ ପଡ଼ିଛି । ସବୁଠାରୁ କ୍ଷୋଭର ବିଷୟ ଯେ ବ୍ୟବହୃତ ସିରିଞ୍ଜି ମଧ୍ୟ ବିଭିନ୍ନ ସ୍ଥାନରୁ ମିଳୁଛି । ଏହା ଡ୍ରଗ ମାଫିଆଙ୍କ ଆଡ୍ଡାସ୍ଥଳକୁ ଇଙ୍ଗିତ କରୁନି କି ? ଷ୍ଟାଡିୟମର ସୁରକ୍ଷା ଓ ସୁପରିଚାଳନା ଦୃଷ୍ଟିରୁ ସେଠାରେ କେବଳ କ୍ରୀଡ଼ା ନିର୍ଦ୍ଦେଶାଳୟ ଓ ସଚିବଙ୍କ କାର୍ଯ୍ୟାଳୟ ରହିଛି । ଏମାନଙ୍କୁ ବାଦଦେଲେ ଅନ୍ୟ କାହାର ପ୍ରବେଶାଧିକାର ଏଠାରେ ନାହିଁ । ହଠାତ୍ କଟକଣା କୁଆଡ଼େ ଉଭେଇଗଲା ଯେ ଏତେ କେଳେଙ୍କାରୀ ପରିଲକ୍ଷିତ ହେଉଛି?

ସୁନାମ ଓ ଦୁର୍ନାମ ଦୁଇଟି ପରସ୍ପର ବିପରୀତବୋଧକ ଶବ୍ଦ । କ୍ରୀଡ଼ା କ୍ଷେତ୍ରରେ ଏତେ ସମ୍ମାନ ଓ ମର୍ଯ୍ୟାଦା ହାସଲ କରିଥିବା ଆମ ରାଜ୍ୟ ଉପରୁ ଭରସା ତୁଟିଯିବା ଭଳି ପରିବେଶ ସୃଷ୍ଟି ପାଇଁ ସୁଯୋଗ ଦେବା କେତେ ଦୂର ସମୀଚୀନ? ଓଡ଼ିଶାର ଏହି ଗର୍ବ ଓ ଗୌରବ ପାଇଁ ନବୀନ ପଟ୍ଟନାୟକ ଯେତିକି ସୁନାମ ଅର୍ଜନ କରିନଥିଲେ ତାହାଠାରୁ ଅଧିକ ରାଜ୍ୟବାସୀଙ୍କ ସମ୍ମାନ ବଢ଼ିଥିଲା । ଏବର ସ୍ଥିତି ପାଇଁ ଯେଉଁ ଦୁର୍ନାମ ରଟୁଛି ତାହାକୁ କିଏ ମୁଣ୍ଡାଇବ? କ୍ଷମତା ନା ଜନସାଧାରଣ?

## ଅର୍ଥନୀତିର ଗତି ଓ ଦୁର୍ଗତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବହିଃଶୁଳ୍କ ନୀତିରେ ଭାରତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଶୁଳ୍କ ବିବାଦର ସମାଧାନ ନେଇ ସରକାର କ୍ରମାଗତ ଆଶ୍ୱସନା ଦେଇ ଚାଲିଥିବା ବେଳେ ସ୍ଥିତି ଯେଉଁଠି ସେଇଠି ଅଟକି ରହିଛି । ଅଥଚ ଦେଶର ବାଣିଜ୍ୟ ନିଅଣ୍ଟ ବଢ଼ି ବଢ଼ି ଚାଲିଛି । ଭାରତର ସବୁଠାରୁ ବଡ଼ ରପ୍ତାନି ବଜାର ଆମେରିକା ହୋଇଥିବା ବେଳେ ତାହା ଚିନ୍ତାଜନକ ଭାବେ ଭାରତ ପାଇଁ ସଂକୁଚିତ ହେଉଛି । ଗତ ମେ'ରୁ ସେପ୍ଟେମ୍ବର ମଧ୍ୟରେ ଆମେରିକାକୁ ରପ୍ତାନି ୩୭.୫ ପ୍ରତିଶତ ବା ୮୮୦ କୋଟି ଡଲାର ହ୍ରାସ ପାଇଛି । ସ୍ମାର୍ଟ ଫୋନ ଓ ଫାର୍ମା ଉତ୍ପାଦ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପକ୍ଷରେ ଜିଏସଟିରେ ସଂସ୍କାର ଆଣି ବଜାର ସ୍ଥିତିକୁ ସୁଧାରିବାର ଯେଉଁ ପରିକଳ୍ପନା ସରକାରଙ୍କର ଥିଲା ସେଥିରୁ ଆଶାନୁରୂପ ସୁଫଳତା ମିଳିନାହିଁ । ଏବାଦରେ ଯେଉଁ ରାଜସ୍ୱ ହାନି ଘଟିଛି ତାହାର ଭରଣା ପାଇଁ ଏପର୍ଯ୍ୟନ୍ତ କୌଣସି ବିକଳ୍ପ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ । ସରକାର ବିତ୍ତୀୟ ନିଅଣ୍ଟକୁ ଜିଡିପିର ୪.୪ ପ୍ରତିଶତରେ ସୀମିତ ରଖିବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ବାର୍ଷିକ ଆଧାରରେ ଏହା ୭୦ ପ୍ରତିଶତ ବଢ଼ିଛି । ବେଲଗାମ ପୁଞ୍ଜିବ୍ୟୟ ଯୋଗୁଁ ବିତ୍ତୀୟ ନିଅଣ୍ଟ ଏଭଳି ବଢ଼ି ଚାଲିଛି ।

ଅପରପକ୍ଷରେ ଦେଶର ଋଣ ପରିମାଣ ଗତ ଦଶବର୍ଷ ମଧ୍ୟରେ ୬୪ ଲକ୍ଷ କୋଟି ଟଙ୍କାରୁ ୧୯୭.୭୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । କ୍ଷମତା ପାଇଁ ଭୋଟବ୍ୟାଙ୍କ ରାଜନୀତିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ଆଗପଛ ନ ବିଚାରି ମିଛ କଲ୍ୟାଣକାରୀ ଯୋଜନା ଆଳରେ ଯେଉଁ ବିପୁଳ ଅର୍ଥରାଶି ବ୍ୟୟ କରାଯାଉଛି ତାହାର ପରିଣାମ ଆଜି ନହେଲେ କାଲି ଭୋଗିବାକୁ ହିଁ ପଡ଼ିବ । ଦିନକୁ ଦିନ ଜୀବନଧାରାରେ ଯେଉଁ ପରିବର୍ତ୍ତନ ଘଟୁଛି ସେଥିରେ ଖର୍ଚ୍ଚର ଚାହିଦା ଦିଗ ପରିବର୍ତ୍ତନ କରିଛି । ଅଥଚ ସେହି ଅନୁପାତରେ ଉପାର୍ଜନ ବଢୁନାହିଁ । ମଧ୍ୟବିତ୍ତଙ୍କ ଆୟର ସୀମା ଗୋଟିଏ ସ୍ଥାନରେ ଅଟକି ରହିଥିବା ବେଳେ ଅତିରିକ୍ତ ବ୍ୟୟଭାର ସେମାନଙ୍କୁ ଅସ୍ୱସ୍ତିକର କରୁଛି । ଏଭଳି ସ୍ଥିତିରେ ଦେଶର ଅର୍ଥନୀତି ଦ୍ରୁତତର ହେବ ବୋଲି ଆଶା କରିବା ବୃଥା ।

ପରିସ୍ଥିତି ଏପରି ହୋଇଛି ଯେ ଋଣ ବୃଦ୍ଧି ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଦାୟୀ କରୁଥିବା ବେଳେ ରାଜ୍ୟମାନଙ୍କ ପକ୍ଷରୁ ପାଲଟା ଅଭିଯୋଗ ହେଉଛି ଯେ ଅଭିବୃଦ୍ଧି ହାରରେ ସ୍ଥିରତା ଆଣିବା ସକାଶେ ସରକାର କର୍ପୋରେଟ ସେକ୍ଟରକୁ ଅଯଥା ପ୍ରାଧାନ୍ୟ ଦେଇ ଅନାଦାୟ ପୁଞ୍ଜି ନାମରେ ସେମାନଙ୍କ ଋଣ ଛାଡ଼ ଓ ରିହାତି ଦେଇଚାଲିଛନ୍ତି । ଏହା ସାମଗ୍ରିକ ବିକାଶର ପରିପନ୍ଥୀ ।

# ହିମାଳୟର ଐଶ୍ୱର୍ଯ୍ୟ ବନାମ ବିପର୍ଯ୍ୟୟ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଭାରତର ଉତ୍ତରସୀମାରେ ଅବସ୍ଥିତ ହିମାଳୟ ଅନେକ ପର୍ବତର ଏକ ଶୃଙ୍ଖଳ, ଯାହା ଭାରତ, ନେପାଳ, ଭୁଟାନ, ଚୀନ୍, ପାକିସ୍ତାନ ଓ ଆଫଗାନିସ୍ତାନ ଭଳି ଛଅଟି ଦେଶକୁ ପ୍ରସାରିତ । ଏହି ପର୍ବତମାଳାରେ ପୃଥିବୀର ଅନେକ ଉଚ୍ଚତମ ଶିଖର ଅଛି, ଯେଉଁଥିରେ ସମୁଦ୍ର ପତ୍ତନଠାରୁ ୮,୮୪୮.୮୬ ମିଟର ଉଚ୍ଚତା ବିଶିଷ୍ଟ ସର୍ବୋଚ୍ଚ ମାଉଣ୍ଟ ଏଭରେଷ୍ଟ (ନେପାଳ ଓ ତିବ୍ଦତର ସୀମା) ଅନ୍ତର୍ଭୁକ୍ତ । ବିଶ୍ୱର କିଛି ପ୍ରମୁଖ ନଦୀ, ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ଓ ଯମୁନା ହିମାଳୟ ଅଞ୍ଚଳରୁ ଉତ୍ପନ୍ନ ହୋଇଛି । ସେଗୁଡ଼ିକର ମିଳିତ ଜଳ ନିଷ୍କାସନ ଅବବାହିକା ପ୍ରାୟ ୬୦୦ ନିୟୁତ ଲୋକଙ୍କ ଆବାସସ୍ଥାନ । ୫୩ ନିୟୁତ ଲୋକ କେବଳ ହିମାଳୟରେ ବାସ କରନ୍ତି । ହିମାଳୟ ପର୍ବତମାଳାରେ ପ୍ରାୟ ୨୫,୦୦୦ ବିଶାଳ ବରଫ ଖଣ୍ଡ ବା ହିମ ସ୍ରୋତ ରହିଛି, ଯାହା ପ୍ରାୟ ୧୨,୦୦୦ ଘନ କିଲୋମିଟର ମଧୁର ଜଳ ସଂରକ୍ଷଣ କରେ । ସ୍ଥାନୀୟ ସ୍ଥଳାକୃତି ବା ଭୂ-ରୂପ, ଉଚ୍ଚତା, ବୃଷ୍ଟିପାତ, ତୁଷାରପାତ, ମୃତ୍ତିକା, ସମୂହ ପରିସଂସ୍ଥା ମିଳିତ ଭାବରେ ହିମାଳୟର ବିବିଧତା ଯଥା ମାନବଜାତି, ଉଭିଦ ଓ ପ୍ରାଣୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ । ଏଠାକାର ଅଧିକାଂଶ ଉଭିଦ ଓ ପ୍ରାଣୀ ଜାତି ବିଶ୍ୱରେ ବିରଳ । ସମୁଦ୍ର ପତ୍ତନଠାରୁ ପ୍ରତି ୩୦୦ ମିଟର ଉଚ୍ଚତା ବୃଦ୍ଧିରେ ହିମାଳୟର ତାପମାତ୍ରା ୨.୦ ଡିଗ୍ରୀ ସେଲସିୟସ୍ କମ ହୁଏ ।

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ଥାନୀୟ ତାପମାତ୍ରାରେ ବ୍ୟତିକ୍ରମ ଦେଖାଯାଉଛି । ଗଢ଼ୱାଲ ହିମାଳୟ ଅଞ୍ଚଳରେ କମ୍ ଉତ୍ତାପ ଆବଶ୍ୟକ କରୁଥିବା ପାଇନ୍ ଜଙ୍ଗଲ ଆଉ ତିଷ୍ଠୁ ନାହିଁ । ସେହି ସ୍ଥାନକୁ ଅଧିକ ଉତ୍ତାପ ଆବଶ୍ୟକ କରୁଥିବା ଓକ୍ ଜଙ୍ଗଲ ଆକ୍ରମଣ କରିଚାଲିଛି । ସ୍ଥାନୀୟ ଉତ୍ତାପ ବୃଦ୍ଧି କାରଣରୁ ରୋଡୋଡେଣ୍ଡ୍ରୋନ୍, ସେଓ ଓ କାଫାଲ୍ (ମାଇରିକା ନାଗି- ବକ୍ସ ମର୍ଟଲ୍) ଭଳି ଅନେକ ଗଛରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଶୀଘ୍ର ଫୁଲ ଓ ଫଳ ଧରିବା ଦେଖାଗଲାଣି । ବରଫ ଖଣ୍ଡଗୁଡ଼ିକ ଦ୍ରୁତ ଗତିରେ ଅପସାରଣ ହୋଇଚାଲିଛି, ଯାହା ଫଳରେ ହିମ ସ୍ରୋତ ହ୍ରଦମାନ ଦ୍ରୁତଗତିରେ ଗଠନ ହେଉଛି । ପୂର୍ବରୁ ଥିବା ଶହଶହ ହ୍ରଦ ସହିତ ଏହା ଯୋଡ଼ି ହୋଇଯାଉଛି । ନଦୀଗୁଡ଼ିକୁ ଜଳ ଯୋଗାଉଥିବା ହିମ ସ୍ରୋତ ବା ବରଫ ଖଣ୍ଡଗୁଡ଼ିକ ଦ୍ରୁତ ଓ ବର୍ଦ୍ଧିତ ହାରରେ ତରଳି ବୋହି ଯାଉଛି । ଫଳରେ ନଦୀମାନଙ୍କରେ ଜଳପ୍ରବାହର ସ୍ଥିରତାରେ ହ୍ରାସ ପାଇବା ଦ୍ୱାରା ଦକ୍ଷିଣ ଏସିଆର ପ୍ରାୟ ଦୁଇଶହ କୋଟି ଲୋକଙ୍କ ପାଇଁ ଜଳଯୋଗାଣ ଓ ଖାଦ୍ୟ ଉତ୍ପାଦନ ପ୍ରତି ଆହ୍ୱାନ ସୃଷ୍ଟି କରିଛି । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗତ ୪୦-୫୦ ବର୍ଷ ମଧ୍ୟରେ ହିମାଳୟର ବରଫ ଆବରଣରେ ପ୍ରାୟ ୧୩% ସାମଗ୍ରିକ ହ୍ରାସ ଘଟିଛି ।

ଭାରତରେ ଘଟିଥିବା ସମସ୍ତ ବିପର୍ଯ୍ୟୟର ପ୍ରାୟ ୪୪ ପ୍ରତିଶତ ହିମାଳୟ ଅଞ୍ଚଳରେ ହିଁ ଦେଖାଯାଇଛି । ହିମାଚଳ ଓ ଲଦାଖରୁ, ଉତ୍ତରାଖଣ୍ଡ, ସିକ୍କିମ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଏବେ ବର୍ଦ୍ଧିତ ତାପମାତ୍ରା, ଅନିୟମିତ ବର୍ଷା, ଆକସ୍ମିକ ଧ୍ୱଂସକାରୀ ବନ୍ୟା, ଭୂସ୍ଖଳନ, ଜୈବ ବିବିଧତା ହ୍ରାସ, ଜଙ୍ଗଲ ଓ କୃଷି ସମ୍ପଦର କ୍ଷତି ଭଳି ଭୟଙ୍କର ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହେଉଛି । ଜୁନ୍ ୧୬, ୨୦୧୩ ରେ ଉତ୍ତରାଖଣ୍ଡର ଚୋରାବାରି ହ୍ରଦ କୂଳରେ ଏକ ଆକସ୍ମିକ ବନ୍ୟା ଆସି ବିପୁଳ ପରିମାଣର ମାଟି ଓ ପଥର ବହନ କରି ନେଇଥିଲା ଏବଂ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ପଶ୍ଚିମ ନେପାଳର ବହୁଅଂଶକୁ ପ୍ରଭାବିତ କରିଥିଲା । ଏହି ବନ୍ୟାରେ ୬,୦୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ ଏବଂ ୮ଷ୍ଟମ ଶତାବ୍ଦୀର ମନ୍ଦିର କେଦାରନାଥ ଉପତ୍ୟକା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ୨୦୧୪ ସେପ୍ଟେମ୍ବରରେ କାଶ୍ମୀରର ହିମାଳୟ ଅଞ୍ଚଳରେ ୫୦ ବର୍ଷ ମଧ୍ୟରେ ସବୁଠାରୁ କ୍ଷତିକାରକ ବନ୍ୟା ଦେଖାଯାଇଥିଲା । ଭାରତରୁ ପାକିସ୍ତାନକୁ ପ୍ରବାହିତ ଝେଲମ୍ ନଦୀ ଫୁଲି ଯାଇଥିଲା । ଏଥିରେ ପ୍ରାୟ ୨୦୦ ଭାରତୀୟ ଏବଂ ୨୬୪ ପାକିସ୍ତାନୀ ପ୍ରାଣ ହରାଇଥିଲେ । ୨୦୨୧ ମସିହା ଫେବୃଆରୀ ଓ ଅକ୍ଟୋବର ମାସରେ ପ୍ରବଳ ଅଣମୌସୁମୀ ବର୍ଷାରେ ଉତ୍ତରାଖଣ୍ଡରେ ରାସ୍ତା ବୁଡ଼ିଗଲା, ପୋଲ ଧୋଇ ଗଲା, ଦୁଇଟି ଜଳବିଦ୍ୟୁତ ପ୍ରକଳ୍ପ ଭାସିଗଲା । ଏଥିରେ ପ୍ରାୟ ୨୫୦ ଜଣ ଲୋକ ପ୍ରାଣ ହରାଇଥିଲେ । ୨୦୨୩ ଜାନୁଆରୀ ମାସରେ ହିମାଳୟ ନଗର ଜୋଶୀମଠ ଅଞ୍ଚଳରେ ଶହଶହ କୋଠାରେ ଫାଟ ସୃଷ୍ଟି ହେବାରୁ ପ୍ରାୟ ୨୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ସେହିବର୍ଷ ଅକ୍ଟୋବରରେ ପ୍ରବଳ ବର୍ଷା ଯୋଗୁଁ ଏକ ହିମକ ହ୍ରଦ ବିସ୍ଫୋରଣ ଘଟି ଭାରତର ଉତ୍ତର-ପୂର୍ବ ରାଜ୍ୟ ସିକ୍କିମରେ ଭୟଙ୍କର ବନ୍ୟା ଆସିଥିଲା, ଯେଉଁଥିରେ ଅତି କମରେ ୧୭୯ ଜଣଙ୍କର ମୃତ୍ୟୁ ହୋଇଥିଲା । ପୁଣି ନଭେମ୍ବରରେ ଉତ୍ତରାଖଣ୍ଡରେ ଏକ ନିର୍ମାଣାଧୀନ ରାସ୍ତା ସୁଡ଼ଙ୍ଗ ଧସି ଯାଇଥିଲା, ଯେଉଁଥିରେ ୪୧ ଜଣ ଲୋକ ଫସି ଯାଇଥିଲେ । ୨୦୨୫ ଅଗଷ୍ଟ ୫ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ହିମସ୍ଖଳନ, ହିମକ ଧସିବା କିମ୍ବା ହିମକ ହ୍ରଦ ଭାଙ୍ଗିବା ଫଳରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଗଙ୍ଗୋତ୍ରୀ ନିକଟବର୍ତ୍ତୀ ଧରାଳି ଗ୍ରାମ ଧ୍ୱଂସ ପାଇଥିଲା । ପୁଣି ଥରେ ୧୪ ଅଗଷ୍ଟରେ ଜାମ୍ମୁ କାଶ୍ମୀରର କିସ୍ତୱାର ଜିଲ୍ଲାର ଚିଶୋଟିରେ ମେଘ ଫାଟିବାର କିଛି ମୁହୂର୍ତ୍ତ ମଧ୍ୟରେ ହଠାତ୍ ବନ୍ୟା ଆସି କ୍ଷୟକ୍ଷତି ଘଟାଇଲା, ଯେଉଁଥିରେ ଅତିକମରେ ୪୬ ଜଣଙ୍କର ମୃତ୍ୟୁ ହେଲା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରୀମାଚୈଲ ମାତା ଯାତ୍ରାର ଫେରିବା ସମୟରେ ଆସିଥିବା ତୀର୍ଥଯାତ୍ରୀ ଥିଲେ । ସେଥିରେ ୧୦୦ ରୁ ଅଧିକ ଆହତ ହୋଇଥିଲେ ।

ସ୍ଥାନୀୟ ପ୍ରାକୃତିକ ଜଙ୍ଗଲର ଅବାଧ ବୃକ୍ଷଲତା ସଫା, ଜଳବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା, ରାସ୍ତା ଘାଟ ଏବଂ ସେତୁ ଭଳି ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ, ମନୋରଞ୍ଜନ ଓ ପର୍ଯ୍ୟଟନ ବିକାଶ ଏବଂ ଅନ୍ୟାନ୍ୟ ପରିବେଶ ଅସନ୍ତୁଳିତ କାର୍ଯ୍ୟକଳାପ ହିମାଳୟ ପରିବେଶର ଦ୍ରୁତ ଅବନତି ପାଇଁ ଦାୟୀ । ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ ଉଚ୍ଚ-କ୍ଷମତାସମ୍ପନ୍ନ କମିଟିଗୁଡ଼ିକ ଅସନ୍ତୋଷ ପ୍ରକାଶ କରିଛନ୍ତି କେତେକ ଅବାଞ୍ଛିତ କାର୍ଯ୍ୟକଳାପ ପାଇଁ । ଯଥା ହିମାଳୟ ଅଞ୍ଚଳର ନଦୀଗର୍ଭରେ ନିର୍ମାଣ ଭଗ୍ନାବଶେଷର ଅବାଧ ଫୋପାଡ଼ିବା, ଅବୈଜ୍ଞାନିକ ପାହାଡ଼-ଢାଲ ଖନନ ଏବଂ ୫୦,୦୦୦ ରୁ ଅଧିକ ଅବିଚାରିତ ବୃକ୍ଷଚ୍ଛେଦନ ଇତ୍ୟାଦି । ଏହି କମିଟିମାନ ଆହୁରି ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଭାଗୀରଥି ପରିସଂସ୍ଥା ବା ଇକୋ-ସମ୍ବେଦନଶୀଳ ଜୋନ୍‌ରେ ଚାରିଧାମ ସର୍ବକାଳୀନ ରାସ୍ତା ପ୍ରଶସ୍ତକରଣ ପ୍ରକଳ୍ପ, ଯଦି ବର୍ତ୍ତମାନ ଯୋଜନା ଅନୁଯାୟୀ ନିର୍ମିତ ହୁଏ, ତେବେ ତାହା ହିମାଳୟ ଭୂଭାଗରେ ବିପର୍ଯ୍ୟୟ ସୃଷ୍ଟି କରିବ । ପରିବେଶବିତମାନେ ସୂଚାଇ କହିଛନ୍ତି ଯେ ଧରାଳି, ହର୍ସିଲ ଓ ଝାଲା ପର୍ଯ୍ୟନ୍ତ ୧୦ କିଲୋମିଟର ଦୀର୍ଘ ରାସ୍ତାରେ ଥିବା ୬,୦୦୦ ରୁ ଅଧିକ ଦେଓଦାର ଗଛ କାଟିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ । କାରଣ ସେହିଠାରେ ହିଁ ଅଗଷ୍ଟ ୫, ୨୦୨୫ରେ ବିପର୍ଯ୍ୟୟ ଘଟିଥିଲା । ଧରାଳିରେ ବିପର୍ଯ୍ୟୟ ପରେ ଉତ୍ତରାଖଣ୍ଡ ସରକାର 'ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ'ରେ ସମସ୍ତ ନିର୍ମାଣ କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ହିମାଳୟରେ ଯେକୌଣସି ପ୍ରକାରର ବିକାଶ କାର୍ଯ୍ୟକଳାପ ଏହି ଅଞ୍ଚଳର ଭଙ୍ଗୁର ଏବଂ ଅନନ୍ୟ ପରିବେଶ ସହିତ ସମନ୍ୱିତ ହେବା ଉଚିତ । କେହି ବିକାଶକୁ ବିରୋଧ କରୁନାହାନ୍ତି, କିନ୍ତୁ ଆମେ ଭଙ୍ଗୁର ପର୍ବତ ଭିତ୍ତିଭୂମି ବିକାଶ କରିବା ସମୟରେ ଅର୍ଥନୀତି ପୂର୍ବରୁ ପରିବେଶକୁ ପ୍ରାଥମିକତା ଦେବା ଆବଶ୍ୟକ । ବିକାଶ ଦୀର୍ଘକାଳୀନ ସୁରକ୍ଷା ଅପେକ୍ଷା କ୍ଷଣସ୍ଥାୟୀ ଲାଭକୁ ପ୍ରାଥମିକତା ଦେଇ ଚାଲିଛି, ବିପଦପୂର୍ଣ୍ଣ ନିର୍ମାଣ ଢାଞ୍ଚା ପୁନରାବୃତ୍ତି କରୁଛି । ପରିବେଶଗତ କ୍ଷତି ଗୁରୁତର; କିନ୍ତୁ କମ୍ ଦୃଶ୍ୟମାନ । ଭାରତର ବିପର୍ଯ୍ୟୟ ପରିଚାଳନା ଢାଞ୍ଚା ହିମାଳୟର ଆହ୍ୱାନ ସହିତ ସମ୍ପୂର୍ଣ୍ଣ ଭାବରେ ଅନୁକୂଳ ନୁହେଁ । ସାଟେଲାଇଟ୍ ମନିଟରିଂ ଏବଂ ଏଆଇ-ଚାଳିତ ବିପଦ ବିଶ୍ଳେଷଣ ଭଳି ପ୍ରଯୁକ୍ତିବିଦ୍ୟା ଯୋଜନା ପ୍ରକ୍ରିୟାକୁ ଉନ୍ନତ କରିପାରିବ । ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରତିକ୍ରିୟାକୁ କେନ୍ଦ୍ରୀଭୂତ କରିବା ପାଇଁ ଏକ 'ହିମାଳୟାନ ଜଳବାୟୁ ଏବଂ ବିପର୍ଯ୍ୟୟ ତଦାରଖ ଓ ପ୍ରତିକ୍ରିୟା କେନ୍ଦ୍ର' ପ୍ରସ୍ତାବିତ ଅଛି । ଏହାର ସାତସୂତ୍ରୀ ଯୋଜନାରେ ବିପଦ ଚିହ୍ନଟ, ସୁରକ୍ଷିତ ଭିତ୍ତିଭୂମି, ସ୍ମାର୍ଟ ବା କୁଶଳ ଇଞ୍ଜିନିୟରିଂ, ଦେଶୀୟ ଉଭିଦ ପୁନରୁଦ୍ଧାର ସହିତ ପରିସଂସ୍ଥାକୁ ସୁରକ୍ଷା, ଦ୍ରୁତ ଉଦ୍ଧାର ୟୁନିଟ୍, ବିଜ୍ଞାନ-ନୀତି ସମନ୍ୱୟ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସଶକ୍ତୀକରଣ ଅନ୍ତର୍ଭୁକ୍ତ ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

# ଜ୍ୟୋତିଷଶାସ୍ତ୍ର ଓ ବିବାହ ବିଚ୍ଛେଦ

ସୁଧାଂଶୁ ଶେଖର ଧଡ଼ା

ପାଶ୍ଚାତ୍ୟ ଓ ପ୍ରାଚ୍ୟ ମତ ଭାବରେ ଜ୍ୟୋତିଷ ଶାସ୍ତ୍ର ଦୁଇଟି ସ୍ୱତନ୍ତ୍ର ଉତ୍ସରୁ ବିକାଶ ଲାଭ କରିଛି । ପାଶ୍ଚାତ୍ୟ ମତର ଜ୍ୟୋତିଷ ଶାସ୍ତ୍ର 'ଟେଟ୍ରାବିବିଲୋସ' ପ୍ରାଚୀନ ଗ୍ରୀକ ଦାର୍ଶନିକ କ୍ଲାଡିୟସ ଟଲୋମିଙ୍କ ଦ୍ୱାରା ୨ୟ ଶତାବ୍ଦୀରେ ରଚିତ ହୋଇଥିବା କୁହାଯାଉଛି । 'ଅଲମାଜେଷ୍ଟ' ନାମକ ଅନ୍ୟ ଏକ ଗ୍ରନ୍ଥର ମଧ୍ୟ ସେ ରଚୟିତା । ଏହି ଦୁଇଟି ଯାକ ଗ୍ରନ୍ଥକୁ ଜ୍ୟୋତିଷ ଶାସ୍ତ୍ର କୁହାଯାଉଥିଲେ ମଧ୍ୟ ଏଗୁଡ଼ିକ ଅଧିକ ଭାବରେ ଜ୍ୟୋତିର୍ବିଜ୍ଞାନ । ଭୂ-କୈନ୍ଦ୍ରିକ ସୌରଜଗତ ସମ୍ପର୍କରେ ଏହି ଗ୍ରନ୍ଥ ଦୁଇଟିରେ ଅବଧାରଣା ଦିଆଯାଇଛି । ପ୍ରାଚ୍ୟ ମତରେ 'ହୋରା ଶାସ୍ତ୍ର' ହେଉଛି ପ୍ରଥମ ଜ୍ୟୋତିଷ ଗ୍ରନ୍ଥ । ଏହା ମଧ୍ୟ ଭୂ-କୈନ୍ଦ୍ରିକ ଅବଧାରଣାକୁ ନେଇ ସୃଷ୍ଟି ହୋଇଛି । ମୋଟ ଉପରେ ଜ୍ୟୋତିଷ ଶାସ୍ତ୍ର ଭୂ-କୈନ୍ଦ୍ରିକ ଅବଧାରଣାକୁ ନେଇ ଗଢ଼ିଉଠିଥିବା ଏକ ବିଦ୍ୟା ।

ଖ୍ରୀଷ୍ଟପୂର୍ବ ଷଷ୍ଠରୁ ଚତୁର୍ଥ ଶତାବ୍ଦୀ ମଧ୍ୟରେ ପ୍ରାଚୀନ ପାରସ୍ୟ ଓ ବେବିଲୋନୀୟ ସଭ୍ୟତାରେ 'ମାଗି' ବା 'ମାଗସ୍' ନାମକ ଏକ ଗୋଷ୍ଠୀ ଯାଦୁବିଦ୍ୟା ଦ୍ୱାରା ରୋଗ ଚିକିତ୍ସା କରୁଥିଲେ । ସେମାନେ ଶୁଭ ସମୟ, ଶୁଭ ପଦାର୍ଥ, ଭୂତପ୍ରେତଙ୍କ କୁଦୃଷ୍ଟି ଦୂର କରିବାକୁ ତନ୍ତ୍ରମନ୍ତ୍ର, ରତ୍ନ ପଥର ଧାରଣ ଆଦି ମାଧ୍ୟମରେ ଚିକିତ୍ସା କରୁଥିଲେ । ଶହଶହ ବର୍ଷର ଏହି ଚିକିତ୍ସା ପଦ୍ଧତିରୁ ଜ୍ୟୋତିଷ ବିଦ୍ୟାରେ ଅନେକ ନୂଆ ଅବଧାରଣା ଯୋଡ଼ିହେଲା । ତୃତୀୟ ଶତାବ୍ଦୀରେ 'କେମୀ' ବା 'ଖ୍ମିୟା' ନାମରେ ପରିଚିତ ଇଜିପ୍ଟର ଏକ ଚିକିତ୍ସକ ଗୋଷ୍ଠୀ ଥିଲେ । ସେମାନେ ଆରବକୁ ଚାଲିଆସି 'ଆଲକେମୀ' ଭାବରେ ପରିଚୟ ଦେଇ ବୃତ୍ତି ଚଳାଇ ରଖିଲେ । 'ଫିଲୋସଫିକାଲ ଷ୍ଟୋନ' ନାମକ ଏକ ପଦାର୍ଥ ସମସ୍ତ ରୋଗକୁ ଦୂର କରିପାରେ ବୋଲି ଏମାନଙ୍କର ଧାରଣା ଥିଲା । କିଛି ଆଲକେମିଷ୍ଟ ଏହାକୁ ଶୁଭ ମୁହୂର୍ତ୍ତ, ବିଭିନ୍ନ ତାରକା, ଗ୍ରହ ଆଦିର ଆକାଶରେ ସ୍ଥିତି ଦେଖି ଖୋଜିବାରେ ଲାଗିଲେ । ଶହଶହ ବର୍ଷର ଏହି ଖୋଜାଖୋଜି ଫଳରେ ଅନେକ ବିଜ୍ଞାନ ଓ ଅପବିଜ୍ଞାନ ସହ ଜ୍ୟୋତିଷ ଶାସ୍ତ୍ରକୁ ସମୃଦ୍ଧ କରିବା ଭଳି ଜ୍ଞାନ ମିଳିଲା । ଆଉ କିଛି ଆଲକେମିଷ୍ଟ ଫିଲୋସଫିକାଲ ଷ୍ଟୋନକୁ ବିଭିନ୍ନ ପଦାର୍ଥର ମିଶ୍ରଣରେ ସୃଷ୍ଟି କରାଯାଇପାରିବ ବୋଲି ବିଶ୍ୱାସ ନେଇ ବିଭିନ୍ନ ପଦାର୍ଥ, ଧାତୁ ଆଦିର ମିଶ୍ରଣ କରିବାରେ ଲାଗିଲେ । ଏହାର ସୃଷ୍ଟି ନିମିତ୍ତ ଶୁଭମୁହୂର୍ତ୍ତ, ଶୁଭସମୟ, ଆକାଶରେ ଗ୍ରହ, ନକ୍ଷତ୍ର, ତାରକା ଆଦିର ସ୍ଥିତିକୁ ବିଶ୍ୱାସକୁ ନେଲେ ।

ଫିଲୋସଫିକାଲ ଷ୍ଟୋନ ଏକ କାଳ୍ପନିକ ଅବଧାରଣା ହୋଇଥିବାରୁ ଏହାକୁ ଖୋଜି କେହି ପାଇଲେ ନାହିଁ କିମ୍ବା ସୃଷ୍ଟି କରିପାରିଲେ ନାହିଁ । କିନ୍ତୁ ଶହଶହ ବର୍ଷର ଏହି ଉଦ୍ୟମରୁ ମିଳିଥିବା ତତ୍ତ୍ୱ 'ବିଜ୍ଞାନ' ଭାବରେ ଏବଂ ତତ୍ତ୍ୱବିହୀନ ଅବଧାରଣା 'ଅପବିଜ୍ଞାନ' ବା 'ମନଟିକ୍ ଆଟସ୍' ଭାବରେ ବିଭିନ୍ନ ବିଭାଗରେ ବିଭାଜିତ ହୋଇ ସମୃଦ୍ଧ ହେଲା । ଶହଶହ ପ୍ରକାରର ମନଟିକ୍ ଆଟସ୍ ମଧ୍ୟରୁ 'ଫଳିତ ଜ୍ୟୋତିଷ' ଗୋଟିଏ । ଏବେବି ଏହି ବିଦ୍ୟା ଭୂ-କୈନ୍ଦ୍ରିକ ସୌର ଜଗତ ଅବଧାରଣା ଉପରେ ପର୍ଯ୍ୟବସିତ । ଏହି ଅବଧାରଣାରେ ପୃଥିବୀ ଚାରିପଟେ ସୂର୍ଯ୍ୟ ସମେତ ନବଗ୍ରହ ଘୁରୁଛନ୍ତି । ସେଥିମଧ୍ୟରୁ ରାହୁ ଓ କେତୁ ଅବସ୍ଥିତି ନଥିବା ଦୁଇଟି ଗ୍ରହ । ଏହାକୁ ଏଥି ପାଇଁ କୃଷ୍ଣଗ୍ରହ କୁହାଯାଏ ।

ପ୍ରାଚୀନ କାଳରେ କ୍ଷୁଦ୍ରକ୍ଷୁଦ୍ର ରାଜ୍ୟଗୁଡ଼ିକ ଅନେକ ସମୟରେ ପରସ୍ପର ସହିତ ଲଢ଼େଇରେ ଲିପ୍ତ ରହୁଥିଲେ । ଯୁଦ୍ଧରେ ବିଜୟ ଲାଭ ନିମିତ୍ତ ଶୁଭସମୟରେ ଯୁଦ୍ଧଯାତ୍ରା ଆରମ୍ଭ କରାଯିବାର ବିଶ୍ୱାସ ରହିଥିଲା ଏବଂ ଏଥିପାଇଁ ଜ୍ୟୋତିଷ ବିଦ୍ୟାର ପ୍ରୟୋଗ ହେଉଥିବା ଏକ ମତ ରହିଛି । ପୂର୍ବରୁ କେବଳ ରାଜପରିବାର ଓ ରାଜକାର୍ଯ୍ୟରେ ଏହାର ପ୍ରୟୋଗ ସୀମିତ ଥିବା ବେଳେ ସମୟକ୍ରମେ ଏହାର ପ୍ରୟୋଗ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଆସିଗଲା । ଏବେ ସମାଜର ପ୍ରତିଷ୍ଠିତ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଏହା ଉପରେ ଗଭୀର ବିଶ୍ୱାସ ରଖୁଥିବାରୁ ସାଧାରଣ ଲୋକେ ସେମାନଙ୍କର ଅନୁକରଣ କରୁଛନ୍ତି ।

ବିବାହ କ୍ଷେତ୍ରରେ ସାଧାରଣ ଜନତାଙ୍କର ଜାତକ ମେଳକର ପ୍ରଥା ତିନିଶହ ବର୍ଷରୁ ଅଧିକ ପୁରୁଣା ନୁହେଁ । ବିଭିନ୍ନ ରାଜ୍ୟର ପ୍ରାଚୀନ କାବ୍ୟ, ସାହିତ୍ୟ ଆଦିରେ ନାୟକ-ନାୟିକାଙ୍କର ଜାତକ ମେଳକ ବର୍ଣ୍ଣନା ଦେଖିବାକୁ ମିଳେ ନାହିଁ । ଏପରିକି ପଞ୍ଚଦଶ ଶତାବ୍ଦୀରେ ରଚିତ 'ସରୋଳଦାସ ମହାଭାରଥ' ଗ୍ରନ୍ଥରେ କବିଙ୍କର ଜ୍ୟୋତିଷ ବିଦ୍ୟାରେ ଗଭୀର ଜ୍ଞାନ ରହିଥିବାର ନିଦର୍ଶନ ସତ୍ତ୍ୱେ ଏହା କେବଳ ରାଜପରିବାର କୈନ୍ଦ୍ରିକ ଥିବା ବର୍ଣ୍ଣନା ରହିଛି । ନିକଟରେ ବିବାହ ବିଚ୍ଛେଦ ସମ୍ପର୍କିତ ଗବେଷଣାର ଏକ ବିବରଣୀ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଛି । ଏଥିରେ ଦର୍ଶାଯାଇଛି ଯେ ଜନ୍ମକୁଣ୍ଡଳିର ୩୬ ଗୁଣରୁ ୩୨ଟି ମିଶୁଥିଲେ ମଧ୍ୟ ଗ୍ରହମେଳକ ନ ହେଉଥିବାରୁ ସାମ୍ପ୍ରତିକ ସମୟରେ ୩୭% ବିବାହ ବିଚ୍ଛେଦ ହେଉଛି । ଏହି ଗବେଷଣା ନିମିତ୍ତ ୬ମାସରେ ତିନି ଜଣ ପ୍ରାଧ୍ୟାପକ ଓ ଦୁଇଜଣ ଗବେଷକ ୨୫୦ଟି ବିବାହ ବିଚ୍ଛେଦ ମାମଲାର ବିଶ୍ଳେଷଣ କରିବାକୁ ତିନୋଟି ମାତ୍ର ପ୍ରଶ୍ନ ପଚାରିଥିଲେ ।

ବର୍ତ୍ତମାନ ଦେଶରେ ୧୪୦ କୋଟି ଜନସଂଖ୍ୟାରେ ପ୍ରତିବର୍ଷ ଅନ୍ୟୂନ ୫ରୁ ୧୦କୋଟି ବିବାହ ଅନୁଷ୍ଠିତ ହେଉଥିବ । ସେଥିମଧ୍ୟରୁ ମାତ୍ର ୨୫୦ଟି ମାମଲାକୁ ନେଇ ପରିସଂଖ୍ୟାନ ପ୍ରସ୍ତୁତ କରିବା ଗବେଷଣା ନୁହେଁ । ବର୍ତ୍ତମାନ ଛାଡ଼ପତ୍ର ସଂଖ୍ୟା ବଢ଼ିବାର ଅନେକ ସାମାଜିକ କାରଣ ରହିଛି । ସେଗୁଡ଼ିକ ମଧ୍ୟରୁ ସ୍ମାର୍ଟ ଫୋନର ବ୍ୟବହାର, ସାମାଜିକ ଗଣମାଧ୍ୟମରେ ସମୟ ବିତାଇବା, ଯାତ୍ରା ବା ଗଣନାଟ୍ୟର ବିଷୟବସ୍ତୁ, ବେରୋଜଗାରୀ, ଯୌତୁକ ଲୋଭ, ଯୋଗ୍ୟତା ନଥାଇ ଉଚ୍ଚାଭିଳାଷ, ପରିବାର ସଦସ୍ୟ ଗୋଟିଏ ମହଲାରେ ନରହି ଅଲଗା ଅଲଗା ମହଲାରେ ରହିବା, ଏକକ ପରିବାର, ଗ୍ରାମାଞ୍ଚଳରୁ ସହର ଗମନ, ଚଳଚ୍ଚିତ୍ର, ଟେଲି ସିରିଆଲ, ପରିବାରଠାରୁ ଦୂର ସ୍ଥାନରେ କର୍ମ ସଂସ୍ଥାନ, ନିଶାଦ୍ରବ୍ୟ ସେବନ, ଆପରାଧିକ ମନୋବୃତ୍ତି, ରୋଜଗାରଠାରୁ ଆଶା ଓ କାମନା ଅଧିକ, ଶାଶୂ-ବୋହୂଙ୍କର ବିଚାର ଓ ଆଦର୍ଶଗତ ପାର୍ଥକ୍ୟ, ବିବାହରେ ଅତ୍ୟଧିକ ଖର୍ଚ୍ଚ ଭଳି ଅନେକ କାରଣ ରହିଛି । ଏସବୁ ଆଗରେ ଅବାସ୍ତବ ତଥ୍ୟକୁ ନେଇ ପରିସଂଖ୍ୟାନ ବାହାର କରି ବାସ୍ତବତାକୁ ଦେଖାଇ ହେବ ନାହିଁ ।

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

# ସାମାଜିକ କାରୁଣ୍ୟର ଶିଳ୍ପୀ କାହ୍ନୁଚରଣ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ମଣିଷ ଜୀବନର କାରୁଣ୍ୟ ସହ ଯେଉଁ ସାହିତ୍ୟ ସ୍ରଷ୍ଟାର ପ୍ରାଣ ଯେତିକି ନିବିଡ଼ ଭାବରେ ସଂଯୁକ୍ତ, ତାଙ୍କ ସୃଷ୍ଟି ସମ୍ଭାର ସେତିକି ହିଁ ଯେ ହୋଇଆସିଛି ଅନ୍ତର୍ଭେଦୀ - ସମଗ୍ର ବିଶ୍ୱ ସାହିତ୍ୟ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଏହା ସହଜରେ ଉପଲବ୍ଧି କରିହୁଏ । ମହାନ ଓଡ଼ିଆ ଔପନ୍ୟାସିକ କାହ୍ନୁଚରଣଙ୍କ ନାମ ଉଚ୍ଚାରଣ କରିଦେବା ମାତ୍ରକେ ଏତେସଂଖ୍ୟକ ଚରିତ୍ର ପାଠକ ଅନ୍ତରକୁ କରିଦିଅନ୍ତି ଆଲୋଡ଼ିତ ଯେ, ସେ ରହିଯାଏ ସ୍ତବ୍ଧ ଓ ନିଶ୍ଚଳ ହୋଇ । କିପରି ଭିନ୍ନ ଭିନ୍ନ ଶ୍ରେଣୀର ଅସଂଖ୍ୟ ଚରିତ୍ରଙ୍କୁ ସେ ରୂପାୟିତ କରିପାରିଲେ ଉପନ୍ୟାସରେ? ଏତେ ସମୟ ସେ ପାଇପାରିଲେ କେମିତି? କିପରି ସମାଜର ବିଭିନ୍ନ ଚରିତ୍ରଙ୍କ ମନ ମଧ୍ୟକୁ ସେ ପ୍ରବେଶ କରିପାରିଥିଲେ କିମ୍ବା ସେଇ ଚରିତ୍ରମାନେ କେଉଁ ବାଟ ଦେଇ ମନ୍ଥିତ କରୁଥିଲେ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ତାଙ୍କ ସ୍ରଷ୍ଟା ମାନସକୁ? ଅନେକେ ତାଙ୍କର ପରିମାଣାତ୍ମକ ଅବଦାନକୁ ସ୍ୱୀକାର କରିଥିଲେ ମଧ୍ୟ ଗୁଣାତ୍ମକମାନ ଉଚ୍ଚକୋଟୀର ହୋଇପାରିନଥିବାର ସଂକେତ ଦେଇଛନ୍ତି । ଯେଉଁମାନେ ଏଇ କଥା ଚିନ୍ତା କରି ଶୈଳ୍ପିକ ସିଦ୍ଧି ଉପରେ ସନ୍ଦିଗ୍ଧମନା ହୋଇଛନ୍ତି, ସେମାନଙ୍କୁ କାହ୍ନୁଚରଣଙ୍କ ସ୍ରଷ୍ଟା ଚିତ୍ତ କିପରି ବୁଝାଇ ପାରିବ ଯେ, ଏ ସମାଜର ଅସଂଖ୍ୟ ଚରିତ୍ର ତାଙ୍କ କଲମ ମୁନରେ ଜୀବନ୍ୟାସ ପାଇବାକୁ ଧାଡ଼ି ବାନ୍ଧିଥିଲେ?

ଉପନ୍ୟାସ କଳାତ୍ମକ କେତେ ହେଲା ବା ହୋଇ ନ ପାରିଲା ତାହା ବିଚାର କରିବାର ଅବସର କେତେବେଳେ ବା ମିଳିଲା ତାଙ୍କୁ? ସମାଜର ଉପେକ୍ଷିତ, ନିର୍ଯାତିତ, ଅବହେଳିତ, ଅସହାୟ କେତେ ମଣିଷ ତାଙ୍କ ହୃଦୟକୁ ମନ୍ଥିତ କରିଛନ୍ତି ତୀବ୍ର ଭାବରେ । ବୁଭୁକ୍ଷୁ ମାନବର ଉଦରର ଉତ୍ତାପ ତାଙ୍କ ଚେତନାକୁ ଆଲୋଡ଼ିତ କରିଛି ବୋଲି ସେ ଲେଖିଛନ୍ତି 'ହା ଅନ୍ନ' । ନିଃସନ୍ତାନ ନାରୀଚିତ୍ତର ବେଦନାରେ ବ୍ୟଥିତ ହେଲେ ବୋଲି ଲେଖିଲେ 'କା' ଉପନ୍ୟାସ । ନିଜର ସର୍ବସ୍ୱ ଦାନ କରି ମଧ୍ୟ ମନର ମଣିଷଟିକୁ ସୁରକ୍ଷିତ ରଖି ନ ପାରି ଧୋବୀ ହୋଇଛି ନିରନ୍ତର ଅଶ୍ରୁସ୍ନାତ ବୋଲି କାହ୍ନୁଚରଣ ନିଜକୁ ଏକାତ୍ମ କରିଦେଇଛନ୍ତି ତା'ସହିତ; ଲେଖିଛନ୍ତି 'ଶାସ୍ତି' ଉପନ୍ୟାସ । 'ହା ଅନ୍ନ', 'ତୁଣ୍ଡ ବାଇଦ', 'ଝଞ୍ଜା', 'ମିଳନର ଛନ୍ଦ', 'ଶର୍ବରୀ', 'ପଳାତକ', 'ଅଦେଖା ହାତ', 'ବଜ୍ରବାହୁ', 'ଏପାରି ସେପାରି', 'କହିବାକୁ ଲାଜ', 'ମନ ଜାଣେ ପାପ', 'ଅନ୍ତରାୟ', 'ନିର୍ବିଶଙ୍କ' -ଏମିତି କେତେ ଛୋଟ ବଡ଼ ଉପନ୍ୟାସ ରଚନା କରି ଶିକ୍ଷିତ ଓଡ଼ିଆର ଘରେ ଘରେ ସେ ପ୍ରବେଶ କରିଗଲେ । ନିଜ ପ୍ରତିଭାର ଦ୍ୟୁତି ଉଚ୍ଚତର ସ୍ତରକୁ ଉନ୍ନୀତ କରିବା ପାଇଁ ସେ ଯଦି ଗୋଟିଏ ଗୋଟିଏ ଉପନ୍ୟାସକୁ ସଜାଡ଼ି ଚାଲିଥା'ନ୍ତେ ବର୍ଷ ବର୍ଷ ଧରି, ତା'ହେଲେ ଆଉ କେତେବେଳେ ଶତଶତ ପାଠକଙ୍କ ଅନ୍ତର୍ମନକୁ ମୋହାଚ୍ଛନ୍ନ କରିଦେଇପାରିଥା'ନ୍ତେ?

ସେ ଜାଣିଥିଲେ ଯେ କୌଣସି ପାଠକ ଲେଖକର କୃତିତ୍ୱ ସନ୍ଧାନ ପାଇଁ ଉପନ୍ୟାସ ପଢ଼ନ୍ତି ନାହିଁ । ସେମାନେ ନିଜେ ଭଲ ପାଉଥିବା ଚରିତ୍ରମାନଙ୍କ ସହ ମିଶି ହସିବାକୁ ଚାହାନ୍ତି । ତା'ଠାରୁ ଅଧିକ ଚାହାନ୍ତି ଦୁଃଖନିପୀଡ଼ିତ ମଣିଷ ପ୍ରତି ସମ୍ବେଦନସିକ୍ତ ହୋଇ ଅଶ୍ରୁ ବିସର୍ଜନ କରିବାକୁ । ଉପନ୍ୟାସ ପଢ଼ିବା ଆରମ୍ଭ କରୁଁ କରୁଁ ସେମାନେ ଯଦି ତରଳି ଯିବାରେ ଲାଗନ୍ତି, ତା'କୁ ଆଉ ସେମାନେ ଛାଡ଼ି ପାରନ୍ତି ନାହିଁ । ଅନେକ ବାମାବାଦୀ ସମାଲୋଚକଙ୍କ ଯୁକ୍ତି ହେଉଛି ଯେ, ନାରୀ ମନ କଥା ପୁରୁଷ କଦାପି ବୁଝିପାରିବ ନାହିଁ । କିନ୍ତୁ ଏଠି ଏକ ଅଦ୍ଭୁତ ପ୍ରଶ୍ନ ଉଠୁଛି ଯେ, ନାରୀ ଭାବରେ ଜନ୍ମ ନେଉଥିବା ସମସ୍ତେ କ'ଣ ନାରୀ ହୃଦୟର ଅଧିକାରୀ? ପୁରୁଷ ଭାବରେ ଜନ୍ମ ନେଉଥିବା କେତେଜଣଙ୍କ ମଧ୍ୟରେ ପୌରୁଷର ଭାବ ଉଦ୍ଦୀପ୍ତ? ଯେଉଁମାନେ ସତ ଓ ସାହସୀ ସାହିତ୍ୟ ସ୍ରଷ୍ଟା ସେମାନେ ନିଜ ଅନ୍ତର ମଧ୍ୟରେ ନାରୀ-ପୁରୁଷ ସବୁକିଛି ଭାବକୁ ଉଜ୍ଜୀବିତ କରି ରଖିପାରନ୍ତି । ଲିଙ୍ଗଭେଦର ଊର୍ଦ୍ଧ୍ୱରେ ବିଦ୍ୟମାନ ଯେଉଁ ମାନବିକତା ତାହା ହିଁ ହେଉଛି ମୂଳ ଆବେଦନ । ଶାସ୍ତି ଲେଖିବା ବେଳେ କାହ୍ନୁଚରଣ କ'ଣ ଧୋବୀ ହୋଇଯାଇ ନାହାନ୍ତି! ସ୍ରଷ୍ଟା ହିଁ ଜାଣନ୍ତି ଅନ୍ତଃକରଣରେ ଘଟୁଛି କ'ଣ । 'ମନଜାଣେ ପାପ' ଉପନ୍ୟାସରେ ଦୁଃଖିନୀ ବାଳିକାଟି ହାତରେ କାହ୍ନୁଚରଣ ଧରାଇ ଦେଇଛନ୍ତି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ଖଣ୍ଡିଏ । ଏଇ ତ ଟିକିଏ ସାନ୍ତ୍ୱନା, ସାମାନ୍ୟ ଆଶ୍ୱାସନା ଚାହେଁ ପ୍ରତିଟି ମଣିଷ ।

କାହ୍ନୁଚରଣ ଯେ ଏ ଜାତିକୁ ତାହା ଦେଇ ଯାଇଛନ୍ତି, ଏହା ହିଁ ତାଙ୍କର ଶ୍ରେଷ୍ଠ ଦାନ । ଆଜି ଯେଉଁ ତରୁଣ ସମାଜ ସାହିତ୍ୟ ଅଧ୍ୟୟନରୁ କ୍ରମେ ଦୂରବର୍ତ୍ତୀ ହୋଇଯାଇଛନ୍ତି ସେମାନେ ଥରେ ଯଦି କାହ୍ନୁଚରଣଙ୍କ ଉପନ୍ୟାସର ପୃଷ୍ଠା ଉପରେ ଆଖି ସ୍ଥିର କରି ରଖନ୍ତି, ସେମାନେ ପୁନଶ୍ଚ ଆବାହନ କରି ଆଣିପାରିବେ ସମ୍ବେଦନଶୀଳ ଆଉ ଏକ ନୂତନ ଯୁଗ । ତାହା କ'ଣ ସମ୍ପୂର୍ଣ୍ଣ ଅସମ୍ଭବ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

■ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ କଂଗ୍ରେସର ଅଭିଯୋଗ

## ବିଜେପି ନୂଆପଡାରେ ଶାଢ଼ୀ ଓ ଟଙ୍କା ବାଣ୍ଟୁଛି

ଭୁବନେଶ୍ୱର,୫।୧୧(ସମିସ): ନୂଆପଡା ଉପନିର୍ବାଚନ ପ୍ରଚାର ଆଳରେ ବିଜେପିର କିଛି ମହିଳା ସଦସ୍ୟା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଶାଢ଼ୀ ଓ ଟଙ୍କା ବାଣ୍ଟୁଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି କଂଗ୍ରେସ। ଦଳ ପକ୍ଷରୁ ସିଇଓଙ୍କୁ ଏହାର ତଥ୍ୟ ପ୍ରମାଣ ସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି।



କଂଗ୍ରେସ କହିଛି ଯେ ବିଜେପିର କିଛି ମହିଳା ସଦସ୍ୟା ଏବଂ କର୍ମୀ ନୂଆପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ମହିଳା ଭୋଟରମାନଙ୍କୁ ଖୋଲାଖୋଲି ଭାବରେ ଶାଢ଼ୀ ଏବଂ ଅନ୍ୟାନ୍ୟ ଉପହାର ସାମଗ୍ରୀ ବଣ୍ଟନ କରୁଛନ୍ତି। ଏହା ବ୍ୟତୀତ ପ୍ରତ୍ୟେକ ଶାଢ଼ୀ ପ୍ୟାକେଟରେ ନଗଦ ୫୦୦ ଟଙ୍କା ରହୁଛି। ଏହି କାର୍ଯ୍ୟ ସ୍ପଷ୍ଟ ଭାବରେ ଭୋଟରମାନଙ୍କୁ ପ୍ରଭାବିତ ଏବଂ ପ୍ରଲୋଭିତ ପାଇଁ ଉଦ୍ଦିଷ୍ଟ ଏବଂ ଏହା ନିର୍ବାଚନ ଆଦର୍ଶ ଆଚରଣ ସଂହିତା ଏବଂ ଲୋକ ପ୍ରତିନିଧିତ୍ୱ ଆଇନ, ୧୯୫୧ (ଲାଞ୍ଚ) ର ଧାରା ୧୨୩(୧) ଅନୁଯାୟୀ ଏକ ଗମ୍ଭୀର ଏବଂ ଦଣ୍ଡନୀୟ ଅପରାଧ ବୋଲି କଂଗ୍ରେସ କହିଛି। ଏପରି କାର୍ଯ୍ୟ କେବଳ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଏବଂ ଅଖଣ୍ଡତାକୁ ବିପଦରେ ପକାଇବ ନାହିଁ ବରଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳଗୁଡ଼ିକ ପାଇଁ ଏକ ଅସମ୍ମାନ ଏବଂ ଅନୈତିକ ପରିବେଶ ସୃଷ୍ଟି କରିବ । ତେଣୁ ଭିଡିଓ ପ୍ରମାଣର ସତ୍ୟତା ଯାଞ୍ଚ କରି ସମ୍ପୃକ୍ତ ବିଜେପି କର୍ମୀ ଏବଂ ନେତାଙ୍କ ସମ୍ପୃକ୍ତି ଯାଞ୍ଚ କରିବାକୁ କଂଗ୍ରେସ ପ୍ରତିନିଧି ଦଳ ଦାବି କରିଛି। ସେହିପରି ଶାଢ଼ୀ ଏବଂ ନଗଦ ଟଙ୍କା ବାଣ୍ଟୁଥିବା ବ୍ୟକ୍ତି ଏବଂ ଦଳ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ଦାବି କରିଛି। ଏହାସହ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ପବିତ୍ରତା ବଜାୟ ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ତୁରନ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ କହିଛି। ଏହି ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ସୋନାଲି ସାହୁ, ଡଃ ମନିଷା ଦାସ ପଟ୍ଟନାୟକ, ମଧୁସ୍ମିତା ଆଚାର୍ଯ୍ୟ, ଅମ୍ରିତା ଦାସ, ଝୁନା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

**ବିନା ସର୍ଚ୍ଚ ୱାରେଣ୍ଟରେ ଚଢ଼ଉ**

## ଇସିଆଇଙ୍କ ନିକଟରେ ଅଭିଯୋଗ କଲେ ପ୍ରୀତିରଞ୍ଜନ

■ ମନ୍ଦ ଉଦ୍ଦେଶ୍ୟ ରଖି ପୁଲିସ କରିଛି ଏପରି ଅଗଣତାନ୍ତ୍ରିକ କାର୍ଯ୍ୟ

■ ନିର୍ବାଚନ ଦାୟିତ୍ୱରେ ନ ଥିବା ଅଧିକାରୀଙ୍କ ଦ୍ୱାରା ତଦନ୍ତ ହେଉ

ଭୁବନେଶ୍ୱର,୫।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେଡିର ତାରକା ପ୍ରଚାରକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇଙ୍କ ଘରେ ନିର୍ବାଚନ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ପୁଲିସର ବେଆଇନ ଚଢ଼ଉ ମାମଲା ଏବେ ଦିଲ୍ଲୀରେ ପହଞ୍ଚିଛି। ଶ୍ରୀ ଘଡ଼ାଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ସଂପୃକ୍ତ ଅଧିକାରୀ ଓ ପୁଲିସ ବିରୋଧରେ ସଙ୍ଗୀନ ଅଭିଯୋଗ କରିବା ସହ ପୂରା ଘଟଣାର ନିରପେକ୍ଷ ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିକଟରେ ଶ୍ରୀ ଘଡ଼ାଇ ଅଭିଯୋଗ କରିଛନ୍ତି ଯେ ଗତ ୩୧ ତାରିଖ ଅପରାହ୍ନ ୧.୨୨ ଟା ସମୟରେ ନୂଆପଡ଼ାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା ସମୟରେ ନିର୍ବାଚନ ଦାୟିତ୍ୱରେ ଥିବା କିଛି ପ୍ରଶାସନିକ ଅଧିକାରୀ ଏବଂ ପୁଲିସ କର୍ମଚାରୀ ତାଙ୍କ ଖରିଆର ରୋଡ଼ସ୍ଥିତ ଭଡ଼ା ଘରେ ବିନା ସର୍ଚ୍ଚ ୱାରେଣ୍ଟରେ ବଳପୂର୍ବକ ଧସେଇ ପଶିଥିଲେ। ସେଠାରେ ଉପସ୍ଥିତ ଥିବା ତାଙ୍କ ସହାୟକଙ୍କୁ ଧକ୍କା ମାରି ଘରେ ପଶି ମୂଲ୍ୟବାନ ସାମଗ୍ରୀ ତଥା ନିର୍ବାଚନ ସାମଗ୍ରୀ ନଷ୍ଟ କରିଥିଲେ। ତାଙ୍କୁ ଏବଂ ଦଳୀୟ କର୍ମୀମାନଙ୍କୁ ଭୟଭୀତ କରିବା ପାଇଁ ପୁଲିସ ଏପରି କାର୍ଯ୍ୟ କରିଥିଲା। ମନ୍ଦ ଉଦ୍ଦେଶ୍ୟ ରଖି ପୁଲିସ ଏପରି ଅଗଣତାନ୍ତ୍ରିକ, ବର୍ବରୋଚିତ କାର୍ଯ୍ୟ କରୁଛି। ଏହା କେବଳ ତାଙ୍କୁ ନିର୍ଯାତନା ଦେଇ ନାହିଁ; ବରଂ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଙ୍ଘନ କରିଛି। ତେଣୁ ନୂଆପଡ଼ାରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ କୌଣସି ନିରପେକ୍ଷ ସଂସ୍ଥା କିମ୍ବା ନିର୍ବାଚନରେ ସଂପୃକ୍ତ ନ ଥିବା ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇବାକୁ ଶ୍ରୀ ଘଡ଼ାଇ ଦାବି କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୋହରନ୍ ମମ୍‌ଦାନୀ...

ପ୍ରତିଷ୍ଠା କରିଥିଲେ। ତାହା ବିଶେଷ ଭାବେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେଉଛି। ଗୁଜରାଟର ମୂଳବାସିନ୍ଦା ଅମୃତଲାଲ ଜିଲ୍ଲାପାଳ ଥିବା ସମୟରେ ରାଉରକେଲାରେ ତାଙ୍କ ଝିଅ ତଥା ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ମୀରା ନାୟାର ଜନ୍ମଗ୍ରହଣ କରିଥିଲେ। 'ସଲାମ ବମ୍ବେ' ଭଳି ଚର୍ଚ୍ଚିତ ଚଳଚ୍ଚିତ୍ର ତିଆରି କରି ସେ ପଦ୍ମଭୂଷଣ ସମ୍ମାନ ପାଇଛନ୍ତି। ତାଙ୍କର ଏକମାତ୍ର ପୁଅ ଜୋହରନ୍ ଉଗାଣ୍ଡାର କମ୍ପାଲା ସହରରେ ୧୯୯୧ରେ ଜନ୍ମଗ୍ରହଣ କରିଥିଲେ। ସମ୍ପ୍ରତି ସେ ନ୍ୟୁୟର୍କର ଶତାବ୍ଦୀର ସବୁଠାରୁ କମ ବୟସ୍କ ମେୟର ଭାବେ ନିର୍ବାଚିତ ହୋଇ ନୂତନ ଇତିହାସ ରଚିଛନ୍ତି।

ଜୋହରନ୍‌ଙ୍କ ଏହି ସଫଳତା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ନ୍ୟୁୟର୍କର ସର୍ବକନିଷ୍ଠ ମେୟର ଭାବେ ନିର୍ବାଚିତ ହୋଇଥିବାରୁ ଭାରତୀୟ ବଂଶୋଦ୍ଭବ ଜୋହରନ୍‌ଙ୍କୁ ଅଭିନନ୍ଦନ। ରାଉରକେଲାରେ ଜନ୍ମିତ ଚଳଚ୍ଚିତ୍ର ନିର୍ମାତା ମୀରା ନାୟାରଙ୍କ ପୁଅ ଜୋହରାନ୍ ଏବେ ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ମେୟର ହୋଇଛନ୍ତି। ଓଡ଼ିଶା ତାଙ୍କର ବିଶ୍ୱସ୍ତରୀୟ ସଫଳତା ପାଳନ କରୁଛି କହିବା ସହ ତାଙ୍କ ସଫଳତା କାମନା କରିଛନ୍ତି।

### ମହାକାଶରେ ଡାଟା ସେଣ୍ଟର...

ବିଦ୍ୟୁତ୍ ଉତ୍ପାଦନ ଅପେକ୍ଷା ୧୦୦ ଟ୍ରିଲିୟନ ଗୁଣ ଅଧିକ ଶକ୍ତି ପ୍ରଦାନ କରେ। ମହାକାଶରେ ସୌର ପ୍ୟାନେଲ୍ ୮ ଗୁଣ ଅଧିକ ଉତ୍ପାଦନକ୍ଷମ ହେବ ଏବଂ ସ୍ଥିର ଶକ୍ତି ପ୍ରଦାନ କରିବ। ଏହା ଅଙ୍ଗାରକାମ୍ଳ ମାତ୍ରା ମଧ୍ୟ ହ୍ରାସ କରିବ। ଗୁଗୁଲ୍ ବିଶ୍ୱାସ କରେ ଯେ ୨୦୩୦ ସୁଦ୍ଧା, ଉପଗ୍ରହର ପ୍ରକ୍ଷେପଣ ମୂଲ୍ୟ ପ୍ରତି କିଲୋଗ୍ରାମ ୨୦୦ ଡଲାର (୧୭,୭୨୭ ଟଙ୍କା) ହେବ, ଯାହା ମହାକାଶ ଡାଟା ସେଣ୍ଟରଗୁଡ଼ିକୁ ପୃଥିବୀରେ ଥିବା ଡାଟା ସେଣ୍ଟର ସହିତ ତୁଳନୀୟ କରିବ। ଗୁଗୁଲ୍ ପ୍ଲାନେଟ୍ ଲ୍ୟାବ୍ସ ସହିତ ୨୦୨୭ ପ୍ରାରମ୍ଭରେ ଦୁଇଟି ପ୍ରୋଟୋଟାଇପ୍ ଉପଗ୍ରହ ଉତ୍କ୍ଷେପଣ କରିବ। ଯଦି ପ୍ରକଳ୍ପ ସଫଳ ହୁଏ, ତେବେ ମହାକାଶରୁ ଏଆଇ ତାଲିମ ହେବ। ପୃଥିବୀରେ ସମ୍ବଳ ସଞ୍ଚୟ ହେବ ଏବଂ ପରିବେଶ ସୁରକ୍ଷିତ ରହିବ। ସୌର ଦକ୍ଷତା ବୃଦ୍ଧି ପାଇବା ସହିତ, ସ୍ପେସ୍ କମ୍ପ୍ୟୁଟ୍ ଶସ୍ତା ହେବ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ୨୦୩୫ ସୁଦ୍ଧା ମହାକାଶ ଡାଟା ସେଣ୍ଟରଗୁଡ଼ିକ ବାସ୍ତବରେ ପରିଣତ ହୋଇପାରେ।

### 'ବ୍ଲାକ୍‌ଲିଷ୍ଟ' ସଂସ୍ଥାକୁ...

ଦିଆଯିବାକୁ ନେଇ ଏକ ବଡ଼ ହେରଫେର ନେଇ ସନ୍ଦେହ ସୃଷ୍ଟି ହୋଇଛି ଓ ସରକାରୀ ସଂସ୍ଥାକୁ ଛାଡ଼ି ରାଜ୍ୟ ପରିବହନ ବିଭାଗ ଏହି ଘରୋଇ ସଂସ୍ଥାକୁ କାହିଁକି ଅନୁଗ୍ରହ ପୋଷଣ କରିଛି ତାହାର କାରଣ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ସଂସ୍ଥାପ୍ରତି କୋହଳ ମନୋଭାବକୁ ନେଇ ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଆପତ୍ତି ଉଠାଇଛନ୍ତି। ।ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ କୁମାର ନନ୍ଦ ଏକାଧିକବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟିଆକର୍ଷଣ କରି ଦାବିପତ୍ର ଦେଇଛନ୍ତି। ଏହି ଦାବିପତ୍ରକୁ ରାଜ୍ୟ ସରକାର ଗ୍ରହଣ ନ କରି ଏକ କଳାତାଲିକାଭୁକ୍ତ ସଂସ୍ଥା ସହିତ ଚୁକ୍ତିନାମା କରିବାକୁ ନେଇ ଶ୍ରୀ ନନ୍ଦ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି ଏଥିରେ ଏକ ବଡ଼ ହେରଫେର୍ ହୋଇଥିବା ନେଇ ଗନ୍ଧ ବାରିଛନ୍ତି। ବିଏସ୍‌ଏନ୍‌ଏଲ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଏହି କାମ କରୁଛି। ଓଡ଼ିଶାରେ ଯେଉଁ ୫୨ ହଜାର ଗାଡ଼ିରେ ଭିଏଲ୍‌ଟିଡି ଲାଗିଛି, ତାହା ମଧ୍ୟ ବିଏସ୍‌ଏନ୍‌ଏଲ କରିଛି। ହେଲେ ଏହାକୁ ଏବେ ବାଦ ଦିଆଯିବା ପଛରେ ରହିଥିବା ରହସ୍ୟର ତଦନ୍ତ ଆବଶ୍ୟକ ବୋଲି ଶ୍ରୀ ନନ୍ଦ କହିଛନ୍ତି।

### ୭ରେ ପୁଣି...

ରାଜ୍ୟ ବିଜେପି ସରକାରଙ୍କ ଉପରେ ଶାଣିତ ଆକ୍ରମଣ ହୋଇଥିଲେ। ଭୋଟ ଚୋରି କରି ବିଜେପି ସରକାରରେ ଅଛି ଏବଂ ତାଙ୍କ ସହ ବିଜେପି ବେଇମାନି କରିଛି ବୋଲି ବଡ଼ ମନ୍ତବ୍ୟ ଦେଇଥିଲେ । ଏହାସହ ସେ ଗତ ୧୭ ମାସ ମଧ୍ୟରେ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ଜନସାଧାରଣଙ୍କ ଆଗରେ ଗୋଟି ଗୋଟି କରି ରଖିଥିଲେ। ଯାହାକୁ ନେଇ ବିଜେଡି ଶିବିର ବେଶ୍ ଉତ୍ସାହିତ ଅଛନ୍ତି। ନବୀନଙ୍କ ସଭା ଦଳକୁ ନୂଆପଡ଼ାରେ ଏକ ନୂଆ ଶକ୍ତି ଦେଇଥିବା ବେଳେ ଦଳ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଆହୁରି ଶାଣିତ କରିଛି। ଦଳର ନେତୃବୃନ୍ଦଙ୍କ ଅନୁଯାୟୀ ନବୀନଙ୍କ କୋମନା ସଭାର ସଫଳତା ବିରୋଧୀ ବିଶେଷ କରି ବିଜେପିକୁ ଆତଙ୍କିତ କରିଛି। ସେଥିପାଇଁ ସେମାନେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ନାନା ପ୍ରକାର ଉଦ୍ୟମ ଆପଣଉଛନ୍ତି। ମାତ୍ର ବିଜେପିର ଏହି ଉଦ୍ୟମ ଆଦୌ ଫଳପ୍ରଦ ହେବ ନାହିଁ। ନବୀନଙ୍କ ଟିକିଏ ଝଲକ ପାଇବା ପାଇଁ ତାଙ୍କୁ ଭଲପାଉଥିବା ନୂଆପଡ଼ାବାସୀ ଅପେକ୍ଷାର ଥିବାବେଳେ ନିର୍ବାଚନ ଜିଣିବାରେ ଏହି ରୋଡ ଶୋର ପ୍ରମୁଖ ଭୂମିକା ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେଆସନ୍ତାକାଲି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଯାଉଛନ୍ତି। ସେହିପରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଧ୍ୟ ଛତିଶଗଡ଼କୁ ଲାଗିଥିବା କିଛି ଅଞ୍ଚଳରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି।

### ୭ରେ ଆସିବେନି...

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପିସିସିକୁ କୌଣସି ଠୋସ୍ ଉତ୍ତର ମିଳିନାହିଁ। କଂଗ୍ରେସ ପକ୍ଷରୁ ୭ ତାରିଖରେ ତାଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ସୂଚନା ଦିଆଯାଇଥିଲା। ନୂଆପଡ଼ା ଉପନିର୍ବାଚନ ପାଇଁ ଏବେ ୩ ଦଳର ପ୍ରଚାର ସରଗରମ ହୋଇଛି। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସର ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମେତ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ୍‌ଙ୍କ ସମେତ ସଚିନ ପାଇଲଟ ଓ କହ୍ନେଇୟା କୁମାରଙ୍କ ଭଳି ନାମ ରହିଛି।

### ରାଜ୍ୟରେ ପହିଲି...

ଦିଲ୍ଲୀରେ (ସଫଦରଜଙ୍ଗ) ଠାରେ ସର୍ବନିମ୍ନ ୧୮.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ସର୍ବନିମ୍ନ ରାତିର ତାପମାତ୍ରା ୧୭ ଡିଗ୍ରୀ ରେକର୍ଡ ହୋଇଛି। ଏହାଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ପହିଲି ଶୀତ ଆରମ୍ଭ ହୋଇଛି। ଉପଗ୍ରହରୁ ମିଳିଥିବା ଜଳୀୟବାଷ୍ପ ସମ୍ପର୍କିତ ଚିତ୍ର ଅନୁଯାୟୀ ବାୟୁମଣ୍ଡଳରେ ଜଳୀୟବାଷ୍ପର ଦୃଷ୍ଟାନ୍ତମୂଳକ ହ୍ରାସ ଘଟିଛି। ଏହାସହିତ ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟକୁ ଉତ୍ତରପଶ୍ଚିମ ଦିଗରୁ ପ୍ରବେଶ କରୁଥିବା ଶୁଷ୍କ ବାୟୁ ପ୍ରଭାବରେ ରାତିର ତାପମାତ୍ରାରେ ଆହୁରି ହ୍ରାସ ଘଟିବାର ସମ୍ଭାବନା ରହିଛି। ତେଣୁ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଜାରି ରହିବା ସହ ଥଣ୍ଡାର ପ୍ରଭାବ ଆହୁରି ବଢ଼ିବା ନେଇ ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଆହୁରି ୨.୪ ଡିଗ୍ରୀ ତାପମାତ୍ରା ହ୍ରାସ ହେବାର ସମ୍ଭାବନା ରହିଛି। ତେଣୁ ଶୀତର ପ୍ରଭାବରେ ମଧ୍ୟ ବୃଦ୍ଧି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### କେବଳ ପଦୋନ୍ନତିରେ...

ଦିଆଯାଇଛି। ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ ଉଠାଇଛନ୍ତି। ଓପିଏସ୍ ହେବା ଆଶାରେ ଓସିଏସ୍ ପରୀକ୍ଷା ଦେବାକୁ ଅପେକ୍ଷା କରିଥିଲେ ମଧ୍ୟ ନୂତନ ନିଯୁକ୍ତି ପାଇଁ ପଦ ବାହାର କରାଯାଉ ନାହିଁ। ସୂଚନା ଅନୁଯାୟୀ ୨୦୧୧ରେ ୧୫ଟି ଓସିଏସ୍ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୧୫ରୁ ୨୦୨୧ ମସିହା ମଧ୍ୟରେ ପ୍ରତ୍ୟେକ ବର୍ଷ କିଛି କିଛି ପଦ ବାହାରୁଥିଲା। ହେଲେ ୨୦୨୨ ଓ ୨୦୨୪ରେ ପ୍ରକାଶ ପାଇଥିବା ଓସିଏସ୍ ବିଜ୍ଞପ୍ତିରେ ଗୋଟିଏ ହେଲେ ଓପିଏସ୍ ପଦ ନାହିଁ। ଏଣୁ ଆଶାୟୀ ଛାତ୍ରଛାତ୍ରୀମାନେ ନିରାଶ ହେଉଛନ୍ତି। ସମ୍ପ୍ରତି ରାଜ୍ୟରେ ୯୫ଟି ଓପିଏସ୍ ପଦ ଖାଲି ଥିବାରୁ ଅତିକମ୍‌ରେ ୫୦ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି। ଆଶାୟୀ ସୁନିଲ୍ କୁମାର ମିଶ୍ର, ଶୁଭ୍ରଜିତ୍ ସାହୁ, ରମାକାନ୍ତ ମିଶ୍ରଙ୍କ ସମେତ ଶତାଧିକ ଆଶାୟୀ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗୃହ ବିଭାଗ ସଚିବଙ୍କୁ ଦାବିପତ୍ର ଦେଇଛନ୍ତି।

### ସରିଲା ରିମାଣ୍ଡ ଅବଧି...

ଅଭିଯୁକ୍ତ ଦ୍ୱୟଙ୍କୁ ୫ଦିନ ପାଇଁ ରିମାଣ୍ଡ ମଞ୍ଜୁର କରିଥିଲେ। ୪ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଉଭୟ ଶଙ୍କର ଓ ଅରବିନ୍ଦକୁ ରିମାଣ୍ଡରେ ନେଇଛି। ପୂର୍ବରୁ ଦଲାଲ୍ ମୁନା ମହାନ୍ତି, ଲୋକନାଥ ସାହୁ ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ୫ଦିନିଆ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରି ବୁଧବାର ବ୍ରହ୍ମପୁର କୋର୍ଟରେ ହାଜର କରିଛି। ତେବେ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କ ଠାରୁ କି ତଥ୍ୟ ହାସଲ କରିପାରିଛି ତାହା ପରବର୍ତ୍ତୀ ସମୟରେ ସ୍ପଷ୍ଟ କରିବ।

### ଓସିଏର ଖର୍ଚ୍ଚ ଅପର୍ଯ୍ୟାପ୍ତ...

ଚଳିତବର୍ଷର ପ୍ରଦର୍ଶନ ଏପରି ଏକ ସମୟରେ ହୋଇଛି, ଯେଉଁଥିରେ ଓସିଏ କୋଟି କୋଟି ଟଙ୍କା ବ୍ୟୟ କରି ଟୁର୍ଣ୍ଣାମେଣ୍ଟ ଆୟୋଜନ, ଓଡ଼ିଶା ଦଳକୁ ଏକ୍ସପୋଜର ଲାଗି ଶ୍ରୀଲଙ୍କା ପଠାଇବା ଭଳି ଯୋଜନା ହୋଇଛି। ଏହାର ଫଳ କ'ଣ ମିଳିଛି? ଦଳ ପ୍ରଥମ ୩ଟି ମ୍ୟାଚ୍‌ରେ ୨ଥର ପରାଜିତ ହୋଇଛି ଓ ଗୋଟିଏ ମ୍ୟାଚ୍ ଡ୍ର ରଖିଛି। ଏଭଳି ପ୍ରଦର୍ଶନକୁ କେହି ଗ୍ରହଣ କରିପାରୁ ନାହାନ୍ତି। ସବୁଠାରୁ ବଡ଼ କଥା ହେଲା ଘରୋଇ ମାଟିରେ ଆନ୍ଧ୍ରପ୍ରଦେଶଠାରୁ ଇନିଂସ ଓ ୫୦ ରନ୍‌ରେ ଓ ପ୍ରଥମ ମ୍ୟାଚ୍‌ରେ ବରୋଦା ନିକଟରୁ ୭ ୱିକେଟରେ ପରାଜୟ। କ୍ରିକେଟରେ ତ ହାରଜିତ ରହିଛି। କିନ୍ତୁ ଓଡ଼ିଶା ଦଳ ଲଢ଼େଇ ନ କରି ହାରିଯିବା ଲାଗି କିଏ ଦାୟୀ? ଏହାର ଉତ୍ତର କିଏ ଦେବ? ଏହି ବିଫଳତା ଲାଗି ଓସିଏ କର୍ତ୍ତୃପକ୍ଷ ଦାୟୀ ରହିବେ କି?

ଓଡ଼ିଶା ଦଳ ଓ ଓସିଏର କାର୍ଯ୍ୟକଳାପକୁ ଅନୁଧ୍ୟାନ କଲେ ଜଣାଯାଏ ପ୍ରଥମଶ୍ରେଣୀ କ୍ରିକେଟ ବା ରଣଜୀ ଟ୍ରଫିରେ ଲଢ଼େଇ କରିବାକୁ ଠିକ୍‌ଭାବେ ପ୍ରସ୍ତୁତି କରାଯାଇନାହିଁ। ଏହା ମଧ୍ୟରେ ଖେଳାଳି ଚୟନ, ପ୍ରଶିକ୍ଷଣ, ପରିଚାଳନା ଓ ପ୍ରସ୍ତୁତି ଆଦୌ ଯୋଜନାବଦ୍ଧ ଭାବେ ହୋଇନାହିଁ। ଓଡ଼ିଶାରେ ଏତେ ପ୍ରତିଷ୍ଠିତ ଖେଳାଳି ଥାଇ ମଧ୍ୟ ଗତ କିଛିବର୍ଷ ହେଲା ଓସିଏ ରାଜ୍ୟ ବାହାରର କୋଚ୍‌ଙ୍କୁ ନିଯୁକ୍ତି ଦେଉଛି। ବାରମ୍ବାର ଏହା ବିରୋଧରେ ଅସନ୍ତୋଷ ରହୁଛି ଓ ଅଭିଯୋଗ ମଧ୍ୟ ହେଉଛି। କିନ୍ତୁ ଖେଳାଳିଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି ଓସିଏର ମୁଖିଆମାନେ। ଯାହା ଫଳରେ ଖେଳାଳିମାନଙ୍କର ଆତ୍ମବିଶ୍ୱାସ ଦୋହଲି ଯାଉଛି। ରାଜ୍ୟ ବାହାରର କୋଚ୍ ଉଚ୍ଚସ୍ତରର ଖେଳାଳି ନୁହଁନ୍ତି। ଏହା ନିଯୁକ୍ତିଦାତାଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଜାଣିଛନ୍ତି। ତଥାପି ଓସିଏ କାହା ସ୍ୱାର୍ଥରେ ଏଭଳି କରୁଛି ନା ଜ୍ଞାନ ନ ଥିବା ମୁଖିଆମାନେ ଏହା ଜାଣିପାରୁନାହାନ୍ତି। ସଭାପତି ଦାୟିତ୍ୱରେ ଥିବା ପଙ୍କଜ ଲୋଚନ ମହାନ୍ତି କିମ୍ବା ଗତ ୮ ବର୍ଷ ଧରି ସମ୍ପାଦକ ଥିବା ସଞ୍ଜୟ ବେହେରାଙ୍କର କିଛି ଅନ୍ତର୍ନିହିତ ଉଦ୍ଦେଶ୍ୟ ରହିଛି କି? ଏହାର ଉତ୍ତର ସେମାନେ ସାଧାରଣଙ୍କୁ ଦେବା ଉଚିତ ନୁହେଁକି? ଯଦି ସେମାନେ ଏ ସମ୍ପର୍କରେ ମୁହଁ ନ ଖୋଲିବେ, ତେବେ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଏଥିରେ ଜଡ଼ିତ ରହିଛି ବୋଲି ଧରିନେବାକୁ ହେବ ବୋଲି କ୍ରୀଡ଼ାପ୍ରେମୀ ମହଲରେ ଚର୍ଚ୍ଚା ଜୋର ଧରିଛି।

ସେହିପରି ଖେଳାଳି ଚୟନକୁ ନେଇ ବାରମ୍ବାର ଅଭିଯୋଗ ରହିଛି। ନିକଟରେ ଗୋଟିଏ ପ୍ରତିଷ୍ଠିତ କ୍ଲବ୍‌ରୁ କେହି ଖେଳାଳି ରଣଜୀ ଦଳରେ ସ୍ଥାନ ପାଇଲେ ନାହିଁ। କ୍ଲବ୍ ପକ୍ଷରୁ ଏହାର ପ୍ରଭାବଶାଳୀ ସମ୍ପାଦକ ଓସିଏ ଉପରେ ବର୍ଷିଲେ। ଯାହା ଫଳରେ କ୍ଲବ୍‌ର କିଛି ଖେଳାଳି ଓଡ଼ିଶାର ବିଭିନ୍ନ ଦଳରେ ସାମିଲ ହେଲେ। ସମ୍ପୃକ୍ତ ସମ୍ପାଦକ ସିନା ଏପରି ସର୍ବସାଧାରଣରେ କଲେ ବୋଲି ଘଟଣା ଜଣାପଡ଼ିଲା। କିନ୍ତୁ ଏସି ରୁମ୍ ଭିତରେ ଯେଉଁ ନିଷ୍ପତ୍ତି ହେଉଛି, ମୁଖିଆଙ୍କୁ ସମର୍ଥନ କରୁଥିବା ସଂଗଠନ ଗୁଡିକର ଖେଳାଳିମାନଙ୍କୁ ଦଳରେ ସାମିଲ ହେବାର ସୁଯୋଗ ମିଳୁଛି। ଚୟନ ପ୍ରକ୍ରିୟାରେ ଖେଳାଳିଙ୍କର ପ୍ରତିଭା ଓ ପ୍ରଦର୍ଶନ ଦଳରେ ଚୟନ ଲାଗି ମାପକାଠି ନହୋଇ ଓସିଏ ମୁଖିଆଙ୍କ ପାଖଲୋକ ହେବା ଅଧିକ ଜରୁରୀ ବୋଲି କ୍ରିକେଟପ୍ରେମୀମାନେ ଖୋଲାଖୋଲି କହୁଛନ୍ତି। ସେହିପରି ଗତ ମ୍ୟାଚ୍‌ରେ ଜଣେ ଭଲ ଖେଳାଳିଙ୍କୁ କାହିଁକି ବାଦ୍ ଦେଇ ଟି-୨୦ ଫର୍ମାଟର ଖେଳାଳିଙ୍କୁ ରଣଜୀ ଦଳରେ ସାମିଲ କରାଗଲା ତାହା ସନ୍ଦେହ ସୃଷ୍ଟି କରୁନାହିଁକି? ଯେହେତୁ ଓସିଏର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ ଏଣୁ ସମସ୍ତଙ୍କୁ ଖୁସି କରିବାକୁ ଏଭଳି କରାଯାଉଛି ବୋଲି ଖୋଲାଖୋଲି ଆଲୋଚନା ହେଉଛି।

ଆସନ୍ତାମାସରେ ଓସିଏ ନିର୍ବାଚନ ହେବ। ଏହି ନିର୍ବାଚନରେ ଜିଲ୍ଲା କ୍ରିକେଟ ସଂଘ, କଟକର କିଛି ନିର୍ଦ୍ଦିଷ୍ଟ ତଥା ସ୍ୱୀକୃତିପ୍ରାପ୍ତ କ୍ଲବ୍, କଲେଜ୍ ଓ ସ୍କୁଲ ଭୋଟ ଦେଇଥାନ୍ତି। ଭୋଟରଙ୍କ ପସନ୍ଦର ଖେଳାଳିମାନଙ୍କୁ ଦଳରେ ସାମିଲ କରିବା ଏବେ ଓସିଏ ମୁଖିଆମାନଙ୍କ ପ୍ରାଥମିକତାରେ ପରିଣତ ହୋଇଛି। ସେମାନଙ୍କ ଲାଗି ପ୍ରତିଭା ଗୌଣ, କିନ୍ତୁ ଭୋଟଦାତାଙ୍କୁ ଖୁସି କରିବା ଗୁରୁତ୍ୱପୂର୍ଣ୍ଣ। ଏଣୁ ସମସ୍ତ ଭୋଟରଙ୍କୁ ଖୁସି କରିବା ଲାଗି ହେଉଥିବା ଏପରି ଅଭିଯୋଗକୁ ଓସିଏ ସ୍ୱୀକାର କରୁଛି ବୋଲି କୁହାଯାଉଛି। ଓସିଏର ଜଣେ ମୁଖିଆ ନିଜ କମ୍ପାନୀରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏକାଡେମୀ ପ୍ରତିଷ୍ଠା କଲେ। ଧୂମ୍‌ଧାମ୍‌ରେ ଏହା ଉଦ୍‌ଘାଟନ ହେଲା। ଏଠାରୁ କେତେ ଖେଳାଳି ଅନ୍ତର୍ଜାତୀୟ କଥା ଛାଡ଼ନ୍ତୁ ଜାତୀୟ କ୍ରିକେଟରେ ସେମାନଙ୍କ ପ୍ରଦର୍ଶନ ଦେଖାଇଲେ ତାହା ଲୁଚିଗଲା। ଅନ୍ୟ ଖେଳାଳିଙ୍କୁ ଦୋଷ ଦେଇ ଏମାନେ ଖସିଗଲେ। ଏଭଳି ହେଲେ ଓଡ଼ିଶା କ୍ରିକେଟ କେବଳ ଆନ୍ଧ୍ର ନିକଟରୁ ନୁହେଁ; ସେହି ରାଜ୍ୟର ଏକ ଜିଲ୍ଲା ବିପକ୍ଷରେ ମଧ୍ୟ ଜିତିପାରିବ ନାହିଁ।

ଏବେ ଭାରତୀୟ ମହିଳା ଦଳ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଏହି ଦଳରେ ସ୍ଥାନ ପାଇବା ତ ଦୂରର କଥା ଷ୍ଟାଣ୍ଡବାଇରେ ମଧ୍ୟ କେହି ନାହାନ୍ତି। ସିନିୟର ମହିଳା ଟି-୨୦ର ଏଲିଟ ଗ୍ରୁପ-ସି'ରେ ୮ ଟି ଦଳ ମଧ୍ୟରେ ଓଡ଼ିଶା ୬ଷ୍ଠ ଓ ୧୯ ବର୍ଷରୁ କମ୍ ଦଳ ଏଲିଟ୍ ଗ୍ରୁପ୍-ବି'ରେ ୬ଟି ଦଳ ମଧ୍ୟରେ ୫ମ ସ୍ଥାନ ପାଇଛି। ଏଭଳି ଅବସ୍ଥାରେ ଜାତୀୟ କ୍ରିକେଟରେ ଓଡ଼ିଶାର ସ୍ଥାନ କେଉଁଠି ତାହା ଏବେ ଖୋଜା ଚାଲିଛି। ଅନ୍ଧାର ଭବିଷ୍ୟତ ମଧ୍ୟରୁ ଚାଲିଯାଉଥିବା ଓଡ଼ିଶା କ୍ରିକେଟର ପୁନରୁଦ୍ଧାର ଲାଗି ଏବେ ଓସିଏ କର୍ମକର୍ତ୍ତାଙ୍କ ଲାଗି ଆତ୍ମସମୀକ୍ଷାର ସମୟ ଉପନୀତ। ବିଧିବଦ୍ଧ ଯୋଜନା କରି ଅନିଶ୍ଚିତତାକୁ ଦୂରେଇବା ସହ ଓଡ଼ିଶାକୁ ଜାତୀୟ କ୍ରିକେଟରେ କିପରି ଏକ ଶ୍ରେଷ୍ଠ ଦଳରେ ପରିଣତ କରିବାକୁ ଓସିଏ ଯତ୍ନବାନ ହେବା ଆବଶ୍ୟକ। ଏହା ଯଦି ହୋଇ ନ ପାରିଲା, ସେଥିଲାଗି ଓସିଏ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ବୁଦ୍ଧିଜୀବି, କୋଚ୍ ଓ ପ୍ରାକ୍ତନ ଖେଳାଳିମାନେ ମତ ଦେଇଛନ୍ତି।


**AFFIDAVIT**

I B. RAMESH, S/o- B Maheswar Rao resident of Sombartota, Bell Road, Po.- P.R.Peta, Ps.- Jeypore, Dist.- Koraput-764 003, Odisha declare by this Affidavit No.1804, Dated- 02/11/ 2025,that now onwards I shall be known as **BADARAUTA RAMESH** for all future purpose.

**AFFIDAVIT**

I B. GAYATRI, W/o- BADARAUTA RAMESH, resident of Sombartota, Bell Road, Po.- P.R.Peta, Ps.- Jeypore, Dist.- Koraput- 764 003, Odisha declare by this Affidavit No.1805, Dated- 02/11/ 2025, that now onwards I shall be known as **BADARAUTA GAYATRI** for all future purpose.

**AFFIDAVIT**

By virtue of an affidavit No. 572, dtd. 01.08.2025 in the court of the Executive Magistrate, Koraput, I, Chandini Bibi resident of Tudukuthuba, Po-T. Thuba, Ps.- Nandapur, Dist.-Koraput-764037 have changed my name from Chandini Bagama to Chandini Bibi. Henceforth I shall be known as Chandini Bibi for all purposes.

Sd/- Chandini Bibi

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit sworn before Executive Magistrate, Banpur, vide No- 4003, dated 01/11/2025 I, Mini Bishoi, Address W/o- Raghunath Bishoi, At- Halanda, Po.- Badasireipur, Ps.- Banpur, Dist- Khordha, Odisha, Pin- 752031 declare that, I have changed my name from **Mini Khatua** to **Mini Bishoi**. Henceforth, I shall be known as **Mini Bishoi** for all purposes.

Sd/- Mini Bishoi

**AFFIDAVIT**

I GOPO SUNDAR RATH, S/o- PADMANABH RATH resident of Mohanti Sahi, Po./Ps- Kotpad, Dist.- Koraput- 764 058, Odisha declare by this Affidavit No.1792, Dated- 01/11/ 2025, that now onwards I shall be known as **GOPASUNDAR RATH** for all future purpose.

**AFFIDAVIT**

By virtue of an affidavit sworn before Notary Public, Khordha on Dt.01.11.2025 I, Bulu Yadav, S/o- Ashok behera, At- Raitikar, PO- Pingal, PS- Kalinganagar, Dist.- Jajpur, Odisha-755026 declrare that I have changed my name from Bulu Behera to Bulu Yadav. Henceforth, I shall be known as **Bulu Yadav** for all future legal purposes.

**AFFIDAVIT**

By virtue of an affidavit sworn before Executive Magistrate, Vide No. 108, Bhubaneswar /dated 27.10.2025, I, **CHAMNARA BEGUM**, W/O -MOHAMMED ISRAIL, Address: At-Golarahat, P.O-Derabish, P.S- Derabish, Dist- Kendrapara, ODISHA, 754289 declare that I have changed my name from CHAMANARA BEGUM to **CHAMNARA BEGUM**. Henceforth, I shall be known as **CHAMNARA BEGUM** for all future purposes.

CHAMNARA BEGUM

**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ.5**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIBBS 2025039, ତା.08.09.2025ରିଖ

ଉପର ଉଲ୍ଲେଖିତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନ ପ୍ରଦତ୍ତ ଅନୁଯାୟୀ ପରିବର୍ତ୍ତନ କରାଯାଇଛି :

| କ୍ର. ସଂ. | ବିବରଣୀ | ପ୍ରକାଶିତ ତାରିଖ | ଏବେ ଏହି ଭାବରେ ପଢ଼ାଯିବ |
|---|---|---|---|
| 1. | ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | 08.11.2025, 1200 ଘଟିକା | 21.11.2025, 1200 ଘଟିକା |

ନିମ୍ନଲିଖିତ ବିବରଣୀ ପାଇଁ କାର୍ଯ୍ୟସୂଚୀରେ ଆହୁରି ପରିବର୍ତ୍ତନ କରାଯାଇଛି ।

| କ୍ର. ସଂ. | ବିବରଣୀ | ଯେପରି REF ଡକ୍ୟୁମେଣ୍ଟରେ ଅଛି | ଏବେ ଏହି ଭାବରେ ପଢ଼ାଯିବ |
|---|---|---|---|
| 1. | RFP ଡକ୍ୟୁମେଣ୍ଟର ଧାରା ସଂଖ୍ୟା 2.11.2ରେ | 14.11.2025, 1800 ଘଟିକା | 28.11.2025, 1800 ଘଟିକା |
| | ତାଲିକାଭୁକ୍ତ ସମସ୍ତ ଡକ୍ୟୁମେଣ୍ଟର ଭୌତିକ ଦାଖଲ | | |
| 2. | RFP ଡକ୍ୟୁମେଣ୍ଟର ଧାରା ସଂଖ୍ୟା 2.11.4(i)ରେ | 18.11.2025, 1200 ଘଟିକା | 02.12.2025, 1200 ଘଟିକା |
| | ଉଲ୍ଲେଖ କରାଯାଇଥିବା ସ୍ଥାନରେ ବୈଷୟିକ ବିଡ୍ ଖୋଲିବା | | |

ସବିଶେଷ ତଥ୍ୟ ପାଇଁ, ଇଚ୍ଛୁକ ଟେଣ୍ଡରକାରୀମାନେ ୱେବସାଇଟ୍: www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-154/CI/25-26

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH**

No. 6148 / 2025 / Boudh Date: 31.10.2025

E-483 **Tender Call Natice**

Sealed tenders are invited from registered farms/authorized distributors for supply of Drugs & Medical Consumables and Pathological Items for Boudh District. The details are available in the district website: boudh.odisha.gov.in. The eligible bidders may submit their tender papers on or **before dt 03.12.2025 by 5.00 PM** through Registered Post or Speed Post or courier services only to the undersigned. The tender documents will be opened on **dt. 04.12.2025 at 12.00 Noon** in the District Training Unit, Boudh in presence / absence of the bidders. The undersigned reserves the right to accept or reject any or all the tender without assigning any reason thereof.

Sd/- CDM & PHO, Boudh.

**AFFIDAVIT**

By virtue of an affidavit sworn before Executive Magistrate, Vide No.107, Bhubaneswar, dated-27.10.2025, I, **MOHAMMED ISRAIL**, S/ O LATE-MASLAN KHAN, Address: At-Golarahat, P.O. Derabish, P.S. Derabish, Dist. Kendrapara, ODISHA,754289 declare that I have changed my name from MD ISRAIL to **MOHAMMED ISRAIL**. Henceforth, I shall be known as **MOHAMMED ISRAIL** for all future purposes.

MOHAMMED ISRAIL

**ହଜିଛି**

ମୁଁ ମାନଗୋବିନ୍ଦ ସାହୁ, ପିତା-ସୁବଳ ସାହୁ, ସ୍ଥାୟୀ ଠିକଣା-ଭଣ୍ଡାରିକୁଦା, ରାୟବିଧାର, ପୁରୀ, ପିନ୍-୭୫୨୦୧୧ ଏହା ଜଣାଇବାକୁ ଚାହେଁ ଯେ, ଗତ ତା ୦୨.୦୯.୨୦୨୫ ଦିନ ବାଇକ ଯୋଗେ ମୁଁ ପୁରୀ କୋର୍ଟରୁ ବାହାରି ରାୟ ବିଧାର ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜିଯାଇଛି । ହଜିଯାଇଥିବା ଦସ୍ତାବେଜର ବିବରଣୀ: ସୁବଳ ସାହୁ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୪୮ (ତାରିଖ: ୦୬.୦୬.୨୦୦୮) ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜକୁ ଖୋଜି ପାଇଲି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ମାନଗୋବିନ୍ଦ ସାହୁ, ମୋବାଇଲ୍ ନଂ. ୮୨୪୯୩୩୩୧୫୬ କିମ୍ବା ଆଡଭୋକେଟ୍ ରାଜିବ ଲୋଚନ ଦାସ, ମୋବାଇଲ୍ ନଂ. ୯୭୭୭୪୫୨୨୪୪ ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**FOR SALE**

01 Number of TATA ACE GOLD PETROL, CX/2023, Registration No.- OD-15-W-3690, Model- 2023, ENGINE NO – 275MPFI02AWXS13076, CHASSIS NO - MAT559023PZA02822, For Details, contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST- SAMBALPUR-768004

**GOVERNMENT OF ODISHA**

**OFFICE OF THE BLOCK DEVELOPMENT OFFICER, KHORDHA**

E-365 **'e' Procurement Notice**

| | | |
|---|---|---|
| 1 | Name of the Work | Construction of Addl class Rooms/ MPCC/ Office Building A 50 MT Go down |
| 2 | Total No of Works | 11 (Eleven) |
| 3 | Tender Cost | 9.7990 lakh to 23.9409 Lakh (As per DTCN) |
| 4 | Bid Security | @1% of Tender Cost (Online) |
| 5 | Class of Contractor | C,D & equivalent |
| 6 | Cost of Tender Paper (online) | Rs 6000.00 |
| 7 | Period Of Completion | As per DTCN |
| 8 | Availability of Tender for Online Bidding | From 3.11.2025 11 AM to 20.11.2025 upto 5 PM |
| 9 | Date & place of Opening | Dt. 21.11.2025 at 11.00 AM in the Offlce of the Block Development Officer, Khordha |
| 10 | Tender Inviting Authority | Block Development Officer, Khordha |

Further details can be seen from the website http:/www.tenderodisha.gov.in any addendum / corrigendum / cancellation to the above Notice will be published in this website only.

Sd/- Block Development Officer, Khordha

**AFFIDAVIT**

I, Arati Samu Murmu (37) D/o Samu Murmu resident of At-Handibhanga, Po-Chuhat, Ps-Suliapada, Dist-Mayurbhanj, Pin.No.757021, Odisha declared by the affidavit no-46 dated 03.11.2025 that my father actual name is Samu Murmu but this name had mistakenly mentioned as Somu Murmu in my Matriculation certificate. Henceforth, my father name Samu Murmu shall be used for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 04/11/2025. I, **Kousalya Bhoi** (new name) formerly called as **Binodini Majhi** (old name), D/o Shyama Bhoi, W/o Bisikeshan Majhi, permanent resident of AT: Thalka, PO: Desil, PS: Titilagarh, Dist: Balangir (Odisha), PIN: 767033 now residing at the same place affirm that I have changed my name from **Binodini Majhi** (old name) to **Kousalya Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Kousalya Bhoi** (new name).

**Kousalya Bhoi**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆସେଟ୍ ରିକଭରୀ ଶାଖା, କଟକ

୧ମ ମହଲା, ପ୍ଲଟ୍ ନଂ.: ୨୯୩/୧୫୨୩, ଓଏସ୍‌ଆର୍‌ଟିସି ବସ୍ ଷ୍ଟାଣ୍ଡ ସମ୍ମୁଖ, ସା: କୁହ୍ନେଇପଡା, ତ୍ରିଶୁଳିଆ, କଟକ-୭୫୪୦୦୫, ମୋ: ୮୨୪୯୦୬୭୭୭୩

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟୀ ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ସୁରକ୍ଷିତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ (ଇ-ନିଲାମ)**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡିକ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଦଖଲ ନିଆଯାଇଅଛି, ଯାହାକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ରଣଗ୍ରହୀତାଙ୍କ ଠାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** ରଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀ ଅନୁଯାୟୀ ନିମ୍ନଦର୍ଶିତ ନିଲାମ ତାରିଖରେ ସମ୍ପତ୍ତିକୁ ବିକ୍ରୟ କରାଯିବ। ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ବିବରଣୀ, ବକେୟା ଦେୟ, ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ଏବଂ ସେବାବଦ ଜଣା ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଦଖଲର ପ୍ରକାର, ସଂରକ୍ଷିତ ମୂଲ୍ୟ, ଅମାନତ ଜମା ରାଶି ଓ ବିଡ୍ ବୃଦ୍ଧି ପରିମାଣର ସବିଶେଷ ବିବରଣୀ ନିମ୍ନମତେ ପ୍ରଦତ୍ତ:

| କ୍ର. ନଂ. | ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ରଣଗ୍ରହୀତା: ମେସର୍ସ କେୟାରଭାଣ୍ଟିସ୍ ମେଡିକେୟାର ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସୌମ୍ୟ ରଞ୍ଜନ ପାଣି,** ସା: ଫ୍ଲାଟ୍ ନଂ.: ୧୦୨, ଶ୍ରଦ୍ଧା ହୋମ୍ସ, ପ୍ଲଟ୍ ନଂ.: ଡି-୩୦, ବିଜେବି ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୪, **ଶାଖା କାର୍ଯ୍ୟାଳୟ:** ପ୍ଲଟ୍ ନଂ.: ୫୮୧, ଖାତା ନଂ.: ୧୧୪, ସୂର୍ଯ୍ୟ ବିହାର, ଲିଙ୍କ ରୋଡ, କଟକ, ଓଡ଼ିଶା-୭୫୩୦୧୨ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୌମ୍ୟ ରଞ୍ଜନ ପାଣି,** ପିତା: ଶ୍ରୀ ଚିନ୍ମୟ କୁମାର ପାଣି, ସା: ଜେନାପଦା, ଜେନାପଦାଦଳ, ପୋ.: ଆଠଗଡ, କଟକ, ଓଡ଼ିଶା, ପିନ୍-୭୫୪୦୨୯, **୨) ଶ୍ରୀମତୀ ସସ୍ମିତା ମିଶ୍ର,** ସ୍ୱାମୀ: ଶ୍ରୀ ବିଶ୍ୱଜିତ୍ ସାହୁ, ସା: କୁଣ୍ଡିତରା ପାଟଣା, ଯୋହଳ, ଉତ୍କଳ ହୁଣ୍ଡାଇ ସୋରୁମ୍ ବିପରୀତ, ଏନ୍‌ଏଚ୍-୫, ବାଲିଅନ୍ତା, ଖୋର୍ଦ୍ଧା, ଓଡ଼ିଶା-୭୫୨୧୦୧, **୩) ଶ୍ରୀମତୀ ବିଜୟିନୀ ମହାପାତ୍ର (ବନ୍ଧକଦାତା),** ସ୍ୱାମୀ: ଶ୍ରୀ ଦୀପ୍ତିରଞ୍ଜନ ମହାପାତ୍ର, ସା: ଫ୍ଲାଟ୍ ନଂ.: ୩୦୨, ଶ୍ରଦ୍ଧା ହୋମ୍ସ, ପ୍ଲଟ୍ ନଂ.: ଡି-୩୦, ବିଜେବି ନଗର, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୪ / **ମୋଟ ବକେୟା ରାଶି: ଟ.୩,୬୮,୮୧,୭୬୦.୨୭** + ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ କିଛି ଅଂଶ ପରିଶୋଧ ଅର୍ଥ ରାଶି | **ଶ୍ରୀମତୀ ବିଜୟିନୀ ମହାପାତ୍ର,** ସ୍ୱାମୀ: ଶ୍ରୀ ଦୀପ୍ତିରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଖାଲି ଜମି ଯାହାର ପ୍ଲଟ୍ ନଂ.: ୮୭୩/୩୩୦୬/୩୩୭୭, ଖାତା ନଂ.: ୬୦୪/୩୯୪୯, ଜମିର କ୍ଷେତ୍ର: ଏକର୦.୦୫୫୧ଡିସିମିଲି ଯାହା ୨୪୦୦.୧୫ ବର୍ଗଫୁଟ, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୬ ରାଜାରାଣୀ, ଥାନା: ଭୁବନେଶ୍ୱର ନଂ.: ୬୫/ଏକ୍ସଏକ୍ସଆଇ, ତହସିଲ: ଭୁବନେଶ୍ୱର ନଂ.: ୨୫୧/୪୮୬, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଜଲକ୍ଷ୍ମୀ ରାୟ, ପଶ୍ଚିମ: ପ୍ରଫୁଲ୍ଲ କୁମାର ନାୟକ, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୮୭୨ | **ଟ.୭୬,୫୩,୦୦୦/- (ଜିଏସ୍‌ଟି ଏବଂ ଅନ୍ୟାନ୍ୟ ବୈଧାନିକ ଦେୟ ବ୍ୟତୀତ) / ଟ.୭,୬୫,୩୦୦/- / ଟ.୫୦,୦୦୦/-** |

**ଇ-ନିଲାମ ତାରିଖ ଓ ସମୟ: ତା.୧୭.୧୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପ୍ରାକ୍ ଅନୁମତି ସହିତ ତା.୧୬.୧୨.୨୦୨୫ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟଦିବସରେ ଇଚ୍ଛୁକ ନିଲାମଧାରୀମାନଙ୍କୁ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ସୁବିଧା ପ୍ରଦାନ କରାଯିବ। ଅମାନତ ଜମା ଏବଂ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ: ତା.୧୬.୧୨.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ।

***ସଫଳ ନିଲାମଧାରୀ ପରବର୍ତ୍ତୀ କାର୍ଯ୍ୟ ଦିବସରେ ଅମାନତ ରାଶି ଅନ୍ତର୍ଭୁକ୍ତ କରି ନିଲାମ ରାଶିର ୨୫% ଜମା କରିବେ। ଅବଶିଷ୍ଟ ନିଲାମ ରାଶି ନିଲାମ ଚୁଡାନ୍ତ ହେବାର ୧୫ ଦିନ ସୁଦ୍ଧା ପୈଠ କରିବାକୁ ପଡିବ।**

ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଦର୍ଶିତ ନିୟମ ଓ ସର୍ତ୍ତାବଳୀ ସହିତ ବିକ୍ରୟ ଅନୁଷ୍ଠିତ ହେବ। ଉପରୋକ୍ତ ରଣ ଆକାଉଣ୍ଟର ରଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ଏହା ଏକ ୩୦ ଦିନିଆ ବିକ୍ରୟ ନୋଟିସ୍ କି, ସେମାନେ ବ୍ୟାଙ୍କ ସହିତ ସେମାନଙ୍କର ବକେୟା ଦେୟ ସମାଧାନ କରନ୍ତୁ ଏବଂ ଉପରଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମରେ ଅଂଶଗ୍ରହଣ କରନ୍ତୁ। ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ **https://baanknet.com**ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

ସ୍ଥାନ: କଟକ

ତାରିଖ: ୦୬.୧୧.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ

ବ୍ୟାଙ୍କ ଅଫ୍ ଇଣ୍ଡିଆ

## କଳିଙ୍ଗ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

# ଷ୍ଟଲ୍ ଫାଙ୍କା, ପ୍ରଜ୍ଞା ହୋତାଙ୍କ କଣ୍ଠରେ ଦର୍ଶକ ବିଭୋର

ପାରାଦୀପ, ୫।୧୧(ସମିସ):




କଳିଙ୍ଗ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ବୁଧବାର ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ଲାଣ୍ଟ ହେଡ, ପାରାଦୀପ ପେଲେଟ ପ୍ଲାଣ୍ଟ, ଏଏମ/ଏନଏସ ୟୁଏସଆର ରାଜୁ, ସମ୍ମାନିତ ଅତିଥି ଭାବେ ଟର୍ମିନାଲ ମୁଖ୍ୟ ପିଆଇସିଟି ରାଜେଶ ନାୟକ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରାବଣୀ କଳା ନିକେତନ, ପାରାଦୀପ ଗଡ଼, କିଡଜ ଏଫୋର୍ଟ ଡ୍ୟାନ୍ସ ଷ୍ଟୁଡିଓ, ତାରିଣୀ ଗଡା, ପାରାଦୀପ, ତ୍ରିରଙ୍ଗା ଡ୍ୟାନ୍ସ ଏକାଡେମୀ ମଧୁବନ, ପାରାଦୀପ, ବିଜୁ ପଟ୍ଟନାୟକ ଗାନ୍ଧର୍ବ କଳା ମନ୍ଦିର ସିଏଚ କଲୋନୀ, ନିତ୍ୟପ୍ରଜ୍ଞା ଚାରିଟେବୁଲ ଟ୍ରଷ୍ଟ, କଟକ, ବାସୁଦେବନୃତ୍ୟ କଳା ଏକାଡେମୀ, ନାଉଗାଁ, ନୃତ୍ୟାଙ୍ଗନା ଓଡିଶୀ ଡ୍ୟାନ୍ସ ଏକାଡେମୀ, ଭୁବନେଶ୍ୱର, ଶ୍ରୀକଳା ମନ୍ଦିର, କଟକ, ନାଟ ସୂତ୍ର ରିସର୍ଚ୍ଚ ଆଣ୍ଡ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ, କଟକ ଓ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ନର୍ତ୍ତକୀ ନୃତ୍ୟ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଜ୍ଞା ହୋତାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁଠାରୁ ବେଶ୍ ଆକର୍ଷଣୀୟ ଥିଲା। ଆଜି ବହୁ ଷ୍ଟଲ ଫାଙ୍କା ପଡ଼ିଥିଲା ବେଳେ ମିନାବଜର ଷ୍ଟଲରେ ମଧ ଭିଡ଼ ନଥିଲା। ଫାଷ୍ଟ ଫୁଡ, ଚାଟ, ଷ୍ଟଲରେ କିଛି ମାତ୍ରାରେ ଭିଡ ହୋଇଥିଲା। ସବୁ ବର୍ଗର ଲୋକଙ୍କ ଆଇନଗତ ସହାୟତା ପାଇଁ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ଜିଲ୍ଲାସ୍ତରୀୟ ସେବା କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ୍ ପ୍ରଦ୍ୟୁମ୍ନ ନାୟକ ଉଦଘାଟନ କରିଥିଲେ।

## ଶତାୟୁ ପୁରୁଷ ଗୋବିନ୍ଦ ଖଟେଇଙ୍କୁ ବାଲିଘର ପକ୍ଷରୁ ସମ୍ବର୍ଦ୍ଧନା

କୁଜଙ୍ଗ, ୫।୧୧(ସମିସ): ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ଫାଉଣ୍ଡେସନ ପକ୍ଷରୁ କୁଜଙ୍ଗ ବ୍ଲକ ବାଗୋଇ ଗ୍ରାମ ନିବାସୀ ୧୦୩ ବର୍ଷ ବୟସ୍କ ଗୋବିନ୍ଦଚନ୍ଦ୍ର ଖଟେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ଡ଼ାକ୍ତର ଅଟଳ ବିହାରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ବିଦ୍ୟାଳୟ ଉପପରିଦର୍ଶକ କବି ନବୀନ କୁମାର ପ୍ରଧାନ, ସମାଜସେବୀ ରଞ୍ଜନ କୁମାର ଦାସ, ଭରତ ଖଟେଇ ଓ ବୈଜୟନ୍ତି ଖଟେଇ ପ୍ରମୁଖ ଶ୍ରୀଯୁକ୍ତ ଖଟେଇଙ୍କ ସରଳ, ନିରାଡ଼ମ୍ବର ଓ ସାଧୁତା ସଂପର୍କରେ



ଆଲୋକପାତ କରି ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ତାଙ୍କୁ ବହୁ ଶୁଭେଚ୍ଛୁଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ସିଦ୍ଧଳରେ ବାର୍ଷିକ ମୁରୁଜ ପ୍ରତିଯୋଗିତା ଉଦ୍‌ଯାପିତ



ଜଗତସିଂହପୁର, ୫।୧୧ (ସମିସ): ମୁଦୁପୁର ପଞ୍ଚାୟତର ସିଦ୍ଧଳ ଗ୍ରାମରେ ପାରମ୍ପରିକ ମୁରୁଜ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଚତୁର୍ଥ ବର୍ଷରେ ଉତ୍କଳୀୟ କଳାସଂସ୍କୃତିର ପ୍ରତୀକ ଏହି ପ୍ରତିଯୋଗିତାରେ ୬୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତିନିଜଣ ବିଚାରପତି ଏହି କଳାକୃତିର ମୂଲ୍ୟାଙ୍କନ କରିଥିଲେ। ଉଦଯାପନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ ପଣ୍ଡିତ ପ୍ରଫୁଲ୍ଲ ସାହୁ। ମୁଖ୍ୟଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତଚନ୍ଦ୍ର ବାରିକ, ମୁଖ୍ୟବକ୍ତା ରୂପେ ନବକାକଳି ସାହିତ୍ୟ ପତ୍ରିକାର ସମ୍ପାଦକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ସମାଜସେବୀ ପ୍ରିୟନାଥ ରାୟ ପ୍ରଥମ ସ୍ଥାନରେ ବାଲିକୁଦା ବ୍ଲକ୍ ପରାହାଟ ଗ୍ରାମର ସୌରଭ ନାୟକ, ଦ୍ୱିତୀୟ କୋକଳିପୁରର ବବିତା ସେନାପତି ଏବଂ ତୃତୀୟ ସ୍ଥାନ ସିଦ୍ଧଳର ଜୟଶ୍ରୀ ସ୍ୱାଇଁଙ୍କୁ ବିଜେତା ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହିପରି ୧୦ ଜଣ ସଫଳ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ଶିଶିର କୁମାର ତ୍ରିପାଠୀ ଅତିଥି ପରିଚୟ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରୁଦ୍ରପ୍ରସନ୍ନ ପତି ଏବଂ ଅନିଲଚନ୍ଦ୍ର ଦାଶ, ଆୟୋଜକ ମନୋରଞ୍ଜନ ମହାପାତ୍ର ସହଯୋଗ କରିଥିଲେ। କିରଣଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଚେଲିତୋଳ ବୋଇତ ବନ୍ଦାଣ ଉତ୍ସବ



ତିର୍ତ୍ତୋଲ, ୫।୧୧(ସମିସ): ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଚେଲିତୋଳ ବୋଇତ ବନ୍ଦାଣ ଉତ୍ସବ ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ସକାଳ ସମୟରେ ତାରତୋଳ ମହାନଦୀ ପୋଲ ନିକଟ ମହାନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଡାକ ବଙ୍ଗଳାଠାରୁ ଏକ ବିରାଟ ପଟୁଆରରେ ସାଧବ ପୁଅ ବେଶରେ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ ସାଧବ, ସାଧବାଣୀ ଓ ଅଞ୍ଚଳବାସୀଙ୍କ ଗହଣରେ ଆସି ମହାନଦୀ କୂଳରେ ବୋଇତକୁ ପୂଜାର୍ଚ୍ଚନା କରି ପଣ୍ଡିତ ଶିଶିର କୁମାର ପଣ୍ଡା ଓ ରାମୟଣି ପଣ୍ଡିତ ଅଭୟ ଦାଶଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ବୋଇତକୁ ନଦୀର ଜଳରାଶିରେ ଭସାଇଥିଲେ। ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦର ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସଂସଦର କଳାକାରମାନେ ସାଧବାଣୀ ବେଶରେ ବୋଇତ ବନ୍ଦାପନା କରିଥିଲେ। ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜିଲ୍ଲ ପରିଷଦ ସଭ୍ୟା ରଞ୍ଜିତା ସିଂ, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ପ୍ରକାଶଚନ୍ଦ୍ର ସ୍ୱାଇଁ, ବସନ୍ତ ମହାପାତ୍ର, ସୁବ୍ରତ ଦାଶ, ଅରବିନ୍ଦ ହୋତା, ଯୋଶବନ୍ତ ରାଉତ, ନିହାର ମହାନ୍ତି, ଦେବୀପ୍ରସାଦ ମହାପାତ୍ର, ପ୍ରମୋଦ ପ୍ରଧାନଙ୍କ ସମେତ ତିର୍ତ୍ତୋଲ ଅଞ୍ଚଳବାସୀ, ଜନପ୍ରତିନିଧି ଓ ଜନପ୍ରତିନିଧି ସାମିଲ ହୋଇଥିଲେ। ତିର୍ତ୍ତୋଲ ଥାନାଧିକାରୀ ପ୍ରଦୀପ୍ତ ସେଠୀ ଓ ଅଗ୍ନିଶମ ଅଧିକାରୀ ସୁବାସଚନ୍ଦ୍ର ଭୋଳ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

## କଣ୍ଟାପଡ଼ା ଅର୍ଜୁନ ଘାଟରେ ରାହାସଉତ୍ସବ

ହାଜିପୁର, ୫।୧୧(ସମିସ): ବିରିଡି ବ୍ଲକ ଆଞ୍ଚଳିକ ମହାଭୋଇ ସୁଧାର କମିଟି ପକ୍ଷରୁ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଭୋଇସମାଜର ଆବାଳବୃଦ୍ଧବନିତାଙ୍କୁ ନେଇ ସ୍ଥାନୀୟ କଣ୍ଟାପଡ଼ା ନିକଟ ଦେବୀନଦୀର ଅର୍ଜୁନ ଘାଟଠାରେ ରାହାସ ଉତ୍ସବ ପାଳନ କରାଯାଇଛି। ସିଦ୍ଧସାଧକ ସନ୍ଥ ଯୋଗୀଦାସଙ୍କ ପବିତ୍ର ରାହାସ ମଠରେ ସ୍ଥାୟୀ ସଭାପତି କରୁଣାକର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ତିର୍ତ୍ତୋଲର ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ସରପଞ୍ଚ ଆରତୀ ଭୂୟାଁ, ସନ୍ଥବାହୁଡ଼ା ସ୍ମୃତି ମହାଭୋଇ ବିକାଶ ପରିଷଦ କୁସୁକଣ୍ଟାର ସଭାପତି ଅଭିମନ୍ୟୁ ଭୋଇ, ସମ୍ପାଦକ ବିଜୟରାମ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଜଗବନ୍ଧୁ ଭୋଇ, ଅଶୋକ ଦାସ, ଶୁଭେନ୍ଦୁ ଭୋଇ, କାଶୀନାଥ ଦାସ, ରମାକାନ୍ତ ଭୋଇ ପରିଚାଳନା କରିଥିଲେ।



## ପାରାଦୀପ ଗଡ଼ରେ ପ୍ରସିଦ୍ଧ ବୋଇତ ଭସାଣି ଉତ୍ସବ




ପାରାଦୀପ, ୫।୧୧ (ସମିସ): ପାରାଦୀପଗଡ଼ ପଞ୍ଚାୟତ ସଦର ଗ୍ରାମରେ ପାରମ୍ପରିକ, ଐତିହାସିକ ବୋଇତ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ଜଗତସାହି ବୋଇତ ଭସାଣି କମିଟି ତରଫରୁ ବୋଇତଟିକୁ "ପଞ୍ଜାବ ସ୍ୱର୍ଣ୍ଣ ମନ୍ଦିର' ସଦୃଶ ନିର୍ମାଣ କରି ସୁସଜ୍ଜିତ କରାଯାଇଥିବା ବେଳେ "ବ୍ୟାସଦେବଜୀଉ' ବୋଇତ ଭସାଣି କମିଟି ତରଫରୁ ମହାଭାରତରେ ଶ୍ରୀକୃଷ୍ଣଙ୍କ ଅର୍ଜୁନଙ୍କୁ ଦିବ୍ୟଜ୍ଞାନ ଉପାଖ୍ୟାନ, "ଶିବଶକ୍ତି ୟୁଥ୍ କ୍ଲବ୍' ତରଫରୁ ଅବିକଳ ଶ୍ରୀଲୋକନାଥ ମନ୍ଦିର ସଦୃଶ, "ତ୍ରିଦେବୀ ୟୁଥ୍ କ୍ଲବ' ତରଫରୁ ଶାନ୍ତିସ୍ତୁପ ସଦୃଶ ଓ "ନବଜ୍ୟୋତି ୟୁଥ୍ କ୍ଲବ୍' ତରଫରୁ କଳ୍କୀ ଅବତାର ସଦୃଶ ବୋଇତଗୁଡିକୁ ସାଜସଜ୍ଜା କରାଯାଇ ଗ୍ରାମ ପରିକ୍ରମା କରି ତାଳଦଣ୍ଡା କେନାଲ, ଚନ୍ଦନ ପୋଖରୀ ଓ ପାପନାଶିନୀ ପୋଖରୀରେ ବୋଇତ ଭସେଇଥିଲେ। ସମସ୍ତ ବୋଇତ ଭସାଣି କମିଟି ତରଫରୁ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ଚୌଧୁରୀ, ଦେବଦୁର୍ଲ୍ଲଭ କର, ପ୍ରମୋଦ କୁମାର ଜେନା, ରୋଜାଲିନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପାଞ୍ଚଟି ଅନୁଷ୍ଠାନର କର୍ମକର୍ତ୍ତା ମାନସ ମହାରଥା, ସ୍ମୃତିରଞ୍ଜନ ସାହୁ, ସନ୍ଦୀପ ସାମଲ, ସୁଭସ୍ମିତା ମଙ୍ଗରାଜ, ଅଞ୍ଜନା ଦାସ, ଶୁକଦେବ ତରାଇ, ବାପିନା ପଣ୍ଡା, ବିପିନ ସେଠୀ, ବେବିନା ସେଠୀ, ସୁଧାଂଶୁ ଶେଖର ସାହୁ, ବାପୁଜୀ ସାହୁ ସଞ୍ଚାଳନ କରିଥିଲେ।

## ତିନି ମୁହାଣୀ ବୋଇତ ବନ୍ଦାଣ କମିଟି ପକ୍ଷରୁ ବୋଇତ ବନ୍ଦାଣ



ବାଲିକୁଦା, ୫।୧୧(ସମିସ): ବାଲିକୁଦା ତିନିମୁହାଣୀ ବୋଇତ ବନ୍ଦାଣ କମିଟି ବାଲିକୁଦା ପକ୍ଷରୁ ଅନୁଷ୍ଠାନର ସଭାପତି ଶିବବ୍ରତ ଦାସଙ୍କ ସଭାପତିତ୍ୱରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ବାଲିକୁଦା ପଞ୍ଚାୟତ ଅଳକା ନଦୀର ତିନି ମୁହାଣୀଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହା ୧୯ ବର୍ଷରେ ପଦାର୍ପଣ କରିଛି। ମୁଖ୍ୟଅତିଥି ଭାବେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ସୁପ୍ରିମକୋର୍ଟ ବରିଷ୍ଠ ଆଇନୀଜୀବୀ ଡ ସୁଶାନ୍ତ କୁମାର କାନୁନଗୋ ଓ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ସମ୍ମାନିତ ଅତିଥିଭାବେ ସମାଜସେବୀ ଡ ଦିଲ୍ଲୀପ କୁମାର ବିଶ୍ୱାଳ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଅଧ୍ୟାପକ ଭାରତ ଭୂଷଣ ମହାନ୍ତି ପ୍ରମୁଖ ଅନୁଷ୍ଠାନର ଦୀର୍ଘାୟୁ କାମନା କରିଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଅନୁଷ୍ଠାନର ଉପସଭାପତି କମଳାକାନ୍ତ ମହାପାତ୍ର ପ୍ରଦାନ କରିଥିବା ବେଳେ ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ପଣ୍ଡିତ ବିଷ୍ଣୁଚରଣ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାର୍ଚ୍ଚନାରେ କର୍ତ୍ତା ଭାବେ ମଦନ ମୋହନ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ସାଧବ ବୋହୂମାନେ ସାଧବ ପୁଅ ମାନଙ୍କୁ ବୋଇତ ବନ୍ଦାଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆବାହକ ଗୋପୀନାଥ ଦାସ, ସୁଦର୍ଶନ ସ୍ୱାଇଁ, ଭରତ ଭୂଷଣ ମହାନ୍ତି, ପରମାନନ୍ଦ ମହାନ୍ତି, ପର୍ଶୁରାମ ମହାନ୍ତି, ନିତ୍ୟାନନ୍ଦ ମହାନ୍ତି, ବାବାଜୀ ଚରଣ ମୁଦୁଲି, ଲିଙ୍କନ ନାୟକ, ଚିତ୍ତରଞ୍ଜନ ସାହୁ, ନଟବର କାଣ୍ଡି, ଆଶିଷ କୁମାର ରଥ, ମାନସ କୁମାର ନାୟକଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏକାଦଶ ବାର୍ଷିକ ବୋଇତ ବନ୍ଦାଣ ମହୋତ୍ସବ





ନାଉଗାଁ, ୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ଉକ୍ତ ବ୍ଲକ ଅନ୍ତର୍ଗତ ଦେବୀନଦୀର ଶିଖରଘାଟଠାରେ ୧୧ତମ ବୋଇତ ବନ୍ଦାଣ ଉତ୍ସବ ଓ ନାଉଗାଁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ପାରମ୍ପରିକ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରିଷଦ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଶାସନସଚିବ ପ୍ରଦୀପ୍ତ କୁମାର ଜେନା, ବିଶିଷ୍ଟ ଅତିଥିଭାବେ ତନୟା ପଟ୍ଟନାୟକ ନୌବାଣିଜ୍ୟ ପରମ୍ପରାର ଗାଥା ସମ୍ବନ୍ଧରେ ନିଜ ବକ୍ତବ୍ୟ ରଖିଥିଲେ। ଉକ୍ତ ମଞ୍ଚରେ ସମ୍ମାନିତ ଅତିଥିଭାବେ ନାଉଗାଁ ବିଡିଓ ନିରଞ୍ଜନ ପରିଡ଼ା, ପୂର୍ବତନ ବିଧାୟକ ଜ୍ୟୋତିଷଚନ୍ଦ୍ର ଦାସ, ନାଉଗାଁ ବ୍ଲକ ଅଧ୍ୟକ୍ଷା ତୃପ୍ତା ଲେଙ୍କା, ସରୋଜ କୁମାର ନାୟକ, ଶିଳ୍ପପତି ସଞ୍ଜୟ ସାହାଣୀ, ନିରଞ୍ଜନ ବେହୁରା, ବିଷ୍ଣୁଚରଣ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଉକ୍ତ ବ୍ଲକର ଗଜରାଜପୁରସ୍ଥିତ ତୁମ୍ବେଶ୍ୱରଙ୍କ ନିକଟସ୍ଥ ଦେବୀନଦୀ ତଟରେ ମଧ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ପାରାଦୀପ, ୫।୧୧ (ସମିସ): ପାରାଦୀପସ୍ଥିତ ସର୍ବବୃହତ୍ତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ୟୁନିଟ୍ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କାପୁର ଇଫକୋର କର୍ମଚାରୀ ଓ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ଇଫକୋର ମୁଖ୍ୟ ସତର୍କତା ଅଧିକାରୀ ପୂଜା କୋହିଲି ଇଫକୋର ଅଧ୍ୟକ୍ଷ ଦିଲେପ ସାଂଘାନୀଙ୍କ ସତର୍କତା ସଚେତନତା ସପ୍ତାହର ବାର୍ତ୍ତା ରଖିଥିଲେ। କର୍ମଚାରୀ, ଅଧିକାରୀ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମଙ୍ଗଳବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଫକୋର ନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ୍



ହେଡ୍ ପିକେ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ସତର୍କତା ସଚେତନତା ପ୍ରବନ୍ଧକ ରାକେଶ ପାଣ୍ଡେ ପ୍ରତିଯୋଗିତାର ବିଜେତାଙ୍କ ନାମ ଘୋଷଣା କରିବା ପରେ ପୁରସ୍କୃତ କରାଯାଇଥିଲା। ନାନୋର ସାଧାରଣ ପ୍ରବନ୍ଧକ ଏସପି ରଥ ଧନ୍ୟବାଦ ଦେଇଥିଲେ।

## ସୁଦାନରେ ଓଡ଼ିଆ ଯୁବକଙ୍କୁ ପଣବନ୍ଦୀ ଘଟଣା

# ସ୍ଥାନାନ୍ତର ପାଇଁ ଚାଲିଛି ଯୋଜନା: ପତ୍ନୀ

ଜଗତସିଂହପୁର, ୫।୧୧(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ତରଜଙ୍ଗା ପଞ୍ଚାୟତ କୋଟକଣା ଗ୍ରାମର ଆଦର୍ଶ ବେହେରାଙ୍କୁ ଆଫ୍ରିକୀୟ ଦେଶ ସୁଦାନରେ ପଣବନ୍ଦୀ କରାଯାଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ପରିବାର ବର୍ଗ ଭେଟିଛନ୍ତି। ପାରାଦୀପ ଆସିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କୁ ତାଙ୍କ ପିତା କ୍ଷେତ୍ରବାସୀ ବେହେରା ଏବଂ ମାତା ଆରତୀ ବେହେରା ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇଙ୍କ ସହ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ ନିଜେ ଦିଲ୍ଲୀ ଯାଇ କେନ୍ଦ୍ର ଗୃହ ଏବଂ ବୈଦେଶିକ ମନ୍ତ୍ରଣାଳୟ ସହ ଆଲୋଚନା କରିବେ ବୋଲି ସେମାନଙ୍କୁ କହିଥିବା ସୂଚନା ମିଳିଛି।



ଅନ୍ୟପଟେ, ମଙ୍ଗଳବାର ରାତିରେ ବାଲେଶ୍ୱରରେ ଚିକିତ୍ସାଧୀନ ଥିବା ପତ୍ନୀ ସସ୍ମିତାଙ୍କୁ ଫୋନ କରି କଥା ହୋଇଛନ୍ତି ଆଦର୍ଶ। ଗୋଟିଏ ମିନିଟ୍‌ରୁ ଅଳ୍ପ କିଛି ଅଧିକ ସମୟ ଏହି କଥାବାର୍ତ୍ତାରେ ତାଙ୍କୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ହେଉଥିବା କହିଥିଲେ। ତାଙ୍କୁ ଏବେ ଏକ ଛୋଟ ସହର ନିଆଲାରେ ପଣବନ୍ଦୀ କରି ରଖିଛନ୍ତି ଆରଏସ୍ଏଫ ନାମକ ଉଗ୍ରବାଦୀ ସଂଗଠନ। ତାଙ୍କୁ ଠିକ୍‌ରେ ଖାଇବାକୁ ମିଳୁ ନଥିବା ବେଳେ ଦୂଷିତ ପାଣି ପିଇବାକୁ ଦିଆଯାଉଛି। ନିଆଲାରେ ଅନ୍ୟ ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ କେବଳ ରେଡକ୍ରସ କାର୍ଯ୍ୟାଳୟ ଖୋଲା ରହିଛି। ରେଡକ୍ରସ ସହାୟତାରେ ତାଙ୍କୁ ଛାଡ଼ିଦେଇପାରନ୍ତି ବୋଲି ଆଲୋଚନା ହେଉଥିବା ପତ୍ନୀଙ୍କ ସହ କଥାବାର୍ତ୍ତା ବେଳେ ଆଦର୍ଶ କହିଛନ୍ତି। ଏପଟେ, ସୁଦାନର ଆମ୍ବାସି ଆଦର୍ଶଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଥିବା ଆଦର୍ଶଙ୍କ ଶାଳକ ଦୀପକ ବେହେରା କହିଛନ୍ତି। ସେହିପରି ରାଜ୍ୟ ଓ କେନ୍ଦ୍ର ସ୍ତରରେ ମଧ ନିୟମିତ ଯୋଗାଯୋଗ କରାଯାଉଛି ବୋଲି ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି।

## ମାର୍କଣ୍ଡେଶ୍ୱର ଘାଟରେ ବୋଇତ ବନ୍ଦାଣ ଉତ୍ସବ



ଜଗତସିଂହପୁର, ୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନୌବାଣିଜ୍ୟ ସ୍ମୃତି ପରମ୍ପରାକୁ ମନେ ପକାଇ ଜଗତସିଂହପୁର ଗୋପାଳ ସାଗରସ୍ଥିତ ମାର୍କେଣ୍ଡେଶ୍ୱର ମନ୍ଦିର ଘାଟଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥିଭାବେ ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ଏବଂ ନିର୍ବାହୀ ଅଧିକାରୀ ସୀମା ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ପାରିଷଦ ହେମନ୍ତ କୁମାର ଲେଙ୍କା, ଅକ୍ଷୟ ପାତ୍ର, ସୌଭାଗ୍ୟ ମହାନ୍ତି, ସୁଶାନ୍ତ ରଞ୍ଜନ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ପାରିଷଦ ମିଲି ସେଠୀ, ଦେବୀପ୍ରସାଦ ସାହାଣୀ ଯୋଗ ଦେଇଥିଲେ। ମାର୍କେଣ୍ଡେଶ୍ୱର ମନ୍ଦିର ଗଡା ନିକଟରେ ବ୍ୟାୟାମ ଉପକରଣ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିନୋଦ ସ୍ମାରକୀ କପ୍ ଫୁଟ୍‌ବଲ: ତିନିଘରିଆ ଚାମ୍ପିଅନ

ହାଜିପୁର, ୫।୧୧(ସମିସ):




ବିରିଡି ବ୍ଲକ ୨୨ ମୌଜା ମଇନ୍ଦିପୁର-କମଳପୁର ଯୁବକସଙ୍ଘ ଆନୁକୂଲ୍ୟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୁଧବାର ୪୨ତମ ବିନୋଦ ମେମୋରିଆଲ ଏକଦିବାସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର ସଭାପତି ପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ଏବଂ ପୂର୍ବତନ ସମ୍ପାଦକ ସୁବ୍ରତ ପଟନାୟକ, ସମ୍ପାଦକ ଚିରଞ୍ଜିତ ପଟ୍ଟନାୟକ, ଉପସଭାପତି ହେମନ୍ତ ମଲ୍ଲିକ, ସଂଗଠନ ସମ୍ପାଦକ ବିଶ୍ୱଜିତ ପଟନାୟକ, କ୍ରୀଡା ସମ୍ପାଦକ ବୈଦନାଥ ଭୋଇ, ସତ୍ୟ ପଟନାୟକଙ୍କ ସଂଯୋଜନାରେ ଆୟୋଜିତ ଟୁର୍ନାମେଣ୍ଟକୁ ପଞ୍ଚାୟତସମିତି ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସରପଞ୍ଚ ଯୁଧିଷ୍ଠିର ବେହେରା ଅତିଥି ଭାବେ ଉଦଘାଟନ କରିଥିଲେ। ଫାଇନାଲ ମ୍ୟାଚଟି ତିନିଘରିଆ ଓ ଭୁବନେଶ୍ୱର ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତିନିଘରିଆ ଟିମ ଭୁବନେଶ୍ୱରକୁ ହରାଇ ଚଳିତ ବର୍ଷର ବିଜେତା ହୋଇଛି। ଯୁବକ ସଂଘର ଅଧ୍ୟକ୍ଷ ବିମ୍ବାଧର ଦାଶଙ୍କ ପୌରହିତରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ଅର୍ଥନୀତିଜ୍ଞ ରାଜୀବ ସାହୁ, ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ପୂର୍ବତନ ସଭାପତି ସତ୍ୟବ୍ରତ ମହାପାତ୍ର, ଯୁବସଂଗଠକ ଦେବୀପ୍ରସାଦ ତ୍ରିପାଠୀ, ସୁବୋଧ କୁମାର ବାରିକ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସମାଜସେବୀ ନୃସିଂହ ଦାଶ, ନନ୍ଦକିଶୋର ବସ୍ତିଆ, କାଳନ୍ଦୀ ବସ୍ତିଆ, ନେତ୍ରାନନ୍ଦ ପାତ୍ର, ସରପଞ୍ଚ ଯୁଧିଷ୍ଠିର ବେହେରା, ସୁଦର୍ଶନ ବେହେରା, ସୁକାନ୍ତ ବାରିକ ବିଜୟୀ ଟିମକୁ ଟ୍ରଫିସହ ୨୦୦୦୦ଟଙ୍କା, ଉପବିଜେତା ଟିମକୁ ୧୫୦୦୦କପ ସହ ଟଙ୍କା ପ୍ରଦାନ କରିଥିଲେ। ରେଫରୀ ଭାବେ ସୁନୀଲ ପଟନାୟକ, ଜୋତିରଞ୍ଜନ ସ୍ୱାଇଁ, ରାଜୁମହାନ୍ତି, ମାନସ ବିଶ୍ୱାଳ, ସୁନୀଲ ସୋରେନ ଖେଳକୁ ପରିଚାଳନା କରିଥିବାବେଳେ ପ୍ରବୀର ଦାସ ଘୋଷାକ ଓ ତୁଷାର ପଟନାୟକ ସ୍କୋରର ଥିଲେ। ଯୁବକ ସଂଘର ସଦସ୍ୟ ସହଯୋଗ କରିଥିଲେ।

## ପଞ୍ଚୁକ ମହାବ୍ରତ ପାଇଁ ହିନ୍ଦୋଳ ଚଳଚଞ୍ଚଳ



**ଖଜୁରିଆକଟା,୫ ।୧୧(ସମିସ):** ପଞ୍ଚୁକ ମହାବ୍ରତ ପାଇଁ ହିନ୍ଦୋଳ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ନୂଆବଗ ପଞ୍ଚାୟତ ବାହାଲୁଣ୍ଡା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଧୁମଧାମରେ ପଞ୍ଚୁକ ବ୍ରତ ପାଳନ କରାଯାଇଛି। ପଞ୍ଚୁକ ଆରମ୍ଭ ଦିନ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ ଆରାଧ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରୁ ନୂତନ ପୋଷାକ ପିନ୍ଧି କଳସ ନେଇ ଭଗବାନପୁରସ୍ଥିତ ବଡ଼ଯୋରା ନଦୀର ରାମେଶ୍ୱର ମନ୍ଦିରର ଘାଟରୁ ପବିତ୍ର ଜଳ ଧାରଣ କରି ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରେ ସ୍ଥାପନ କରିଥିଲେ। ପଞ୍ଚୁକ ବ୍ରତର ପ୍ରତେକ ଦିନ ସନ୍ଧ୍ୟାରେ ଭଜନ ସମାରୋହ ସହ ପ୍ରଭୁ ରାଧାମୋହନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ହରିହର ଦାଶ ଏବଂ କର୍ତ୍ତା ପିନୁ ପଟ୍ଟନାୟକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମକୁ ଅଶୋକ ଦାଶ, ଦେବରାଜ ପଟ୍ଟନାୟକ, ଶକ୍ତି ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଚିତ୍ତରଞ୍ଜନ ପଟ୍ଟନାୟକ, ପିନୁ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ବୁଧବାର ଅନ୍ତିମ ଦିବସରେ ପଞ୍ଚୁକ ବ୍ରତ ଉଦଯାପିତ ହୋଇଛି। ପ୍ରାୟ ୩ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟରେ ଉପନିବନ୍ଧକ କାର୍ଯ୍ୟାଳୟ ଉଦଘାଟିତ

**ଖଜୁରିଆକଟା,୫ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟରେ ଉପନିବନ୍ଧକ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସୀ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ। ଲୋକଙ୍କୁ ଘର ପାଖରେ ସମସ୍ତ ସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ନିକଟରେ ଗ୍ରାମୀଣ ନ୍ୟାୟାଳୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ଓ ଜମି ରେଜିଷ୍ଟ୍ରେସନ ଅଫିସ ଖୋଲିବା ପାଇଁ ନିଷ୍ପତ୍ତି ନେଇ ପ୍ରତ୍ୟେକ ତହସିଲ କାର୍ଯ୍ୟାଳୟରେ ରେଜିଷ୍ଟ୍ରେସନ ଅଫିସ ଖୋଲିଛନ୍ତି। ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ନ ଥିବାରୁ ତହସିଲ ଅଫିସରେ ଏହା ଖୋଲାଯାଇଛି। ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଏବିଡିଓ ସୁରେଶ କୁମାର ସାହୁଙ୍କ ସମେତ ବହୁ ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ



**ଢେଙ୍କାନାଳ,୫ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବାଇସିଙ୍ଗା ପଞ୍ଚାୟତ ତେନ୍ତୁଳିସିଙ୍ଗା ଗ୍ରାମ ଦେଇ ପ୍ରବାହିତ ରାମିଆଳ ନଦୀ ତଟରେ ପୂଜା ପାଇଆସୁଥିବା ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବଜୀଉ ମନ୍ଦିର ପରିସରରେ ୨୯ତମ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ପବିତ୍ର ଅଁଳାନବମୀଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାର କାର୍ତ୍ତିକ ପୂର୍ଣ୍ଣିମାରେ ଉଦଯାପିତ ହୋଇଛି। ବିଭିନ୍ନ ଦିନରେ କଳସଯାତ୍ରା, ଯଜ୍ଞାଧିବାସ, ସ୍ତମ୍ଭ ତୋରଣାଦି ପୂଜନ, ଅଖଣ୍ଡ ଦୀପ ସ୍ଥାପନ, ଶ୍ରୀ ବିଷ୍ଣୁ ସହସ୍ରାର୍ଚ୍ଚନ, ମହାବିଷ୍ଣୁ ଯାଗ, ମହାରୁଦ୍ର ଯାଗ, ବାରୁଣୀ ମଣ୍ଡଳ ପୂଜନ, ତଥା ମହାଚଣ୍ଡୀ ଯାଗ ସହ ଦୈନିକ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡିପାଠ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମ ସଭାପତି ଉଦୟଭାନୁ ପଟ୍ଟନାୟକ, ସମ୍ପାଦକ ଅଭୟ କୁମାର ଖୁଣ୍ଟିଆ, କୋଷାଧ୍ୟକ୍ଷ ଭାସ୍କର ରାଉଳ ଯଜ୍ଞ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ବୀରବର ରାଉତ, ବିମ୍ବାଧର ସାମଲ, ଅକ୍ଷୟ କୁମାର ବିଶ୍ୱାଳ, ପୁଣ୍ୟଶ୍ଳୋକ ମହାନ୍ତି, ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପଣ୍ଡିତ ଅମର ଚନ୍ଦ୍ର ନନ୍ଦଶର୍ମା, ପଣ୍ଡିତ ବିଷ୍ଣୁପ୍ରସାଦ କର, ରାମଚନ୍ଦ୍ର କର, ମୁରଲୀଧର ତ୍ରିପାଠୀ, ପ୍ରମୁଖଙ୍କ ନେତୃତ୍ୱରେ ୧୫ ଜଣ ପଣ୍ଡିତ ବେଦମନ୍ତ୍ର ପାଠ କରିଥିଲେ। ଦୈନିକ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ହରିହାଟରେ ଯୋଗଦେଇଥିଲେ।

### କପିଳାସ ମହୋତ୍ସବ ଉଦଘାଟିତ

# ପର୍ବତାରୋହଣ କଲେ ଶତାଧିକ ଛାତ୍ରଛାତ୍ରୀ

**ଢେଙ୍କାନାଳ,୫ ।୧୧(ସମିସ)**



ମାଇକ୍ରୋମିଡିଆ ଆୱାରନେସ ଅନୁଷ୍ଠାନର ୨୭ତମ ପ୍ରତିଷ୍ଠା ଦିବସ ତଥା ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମର ୨୩ବର୍ଷ ପୂର୍ତ୍ତି ଅବସରରେ କପିଳାସ ମହୋତ୍ସବ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉଦଘାଟିତ ହୋଇଛି। ଏହି ଉପଲକ୍ଷେ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉ ଓ ମା' ପାର୍ବତୀଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଅତିଥିମାନେ ବାରବାଙ୍କ ସନ୍ତୋଷୀ ମା' ମନ୍ଦିର ନିକଟରେ ପୂଜା କରି ପତାକା ଦେଖାଇବା ପରେ ପର୍ବତାରୋହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଶତାଧିକ ଛାତ୍ରଛାତ୍ରୀ ପ୍ରଥମେ ୧୩୫୨ ପାହାଚ ଏବଂ ପରେ ଦେବସଭା ପର୍ଯ୍ୟନ୍ତ ପର୍ବତ ଆରୋହଣ କରିଥିଲେ। ଅତିଥି ଭାବେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସଦର ଏସଡିପିଓ ରମେଶ ଚନ୍ଦ୍ର ଦୋରା, ଗଁଦିଆ ଥାନା ଅଧିକାରୀ ସାନ୍ତନୁ କୁମାର ପ୍ରଧାନ, ସମାଜସେବୀ ସୁକାନ୍ତ ମିଶ୍ର, ବରିଷ୍ଠ କଳାକାର ପରେଶ ଚନ୍ଦ୍ର ପଟ୍ଟନାୟକ, ସମାଜସେବୀ ଶେଷଦେବ

### ଭକ୍ତିଭରା ଭଜନରେ ବିଭୋର ଶ୍ରଦ୍ଧାଳୁ

ରାଉତ, ଯୁବ ଉଦ୍ୟୋଗୀ ସୌମେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଭରେଷ୍ଟ ଆରୋହିଣୀ ସ୍ୱର୍ଗତ କଳ୍ପନା ଦାଶଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଏଥିରେ ସାମିଲ ହୋଇଥିଲେ। ମାଇକ୍ରୋମିଡିଆର ନିର୍ଦ୍ଦେଶକ ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କପିଳାସ ମହୋତ୍ସବ ଆବାହକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ଏନସିସି, ଏନଏସଏସ, ଯୁବ ରେଡକ୍ରସ, ତାଏକ୍ୱୋଣ୍ଡୋ, ସ୍କେଟିଂ, ସ୍ଥାନୀୟଯୁବକଯୁବତୀ, କ୍ରୀଡ଼ାବିତ ଓ ଆଇଆଇଏମସି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କପିଳାସ ପୀଠର ସେବାୟତ, ପୂଜକ ଓ ସମସ୍ତ ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଭଳି ଚଳିତ ବର୍ଷ ଢେଙ୍କାନାଳର ପ୍ରତିଷ୍ଠିତ କଳାକାରମାନଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଆସନ୍ତା ୧୩ ତାରିଖ ରକ୍ତଦାନ ଶିବିର ଓ ଚାରାରୋପଣ, ୧୪, ୧୫ ଓ ୧୬ ତାରିଖ ୩ ଦିନ ଧରି ଗୋପବନ୍ଧୁ ଟାଉନ ହଲରେ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସହ ରାଜ୍ୟର ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ● ତୈଳିକ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

## ଭାସ୍କର୍ଯ୍ୟଶିଳ୍ପୀ ଚୁଗୁଲୀ ସାହୁଙ୍କୁ ଭୁବନ ଗୌରବ ସମ୍ମାନ



**ଭୁବନ,୫ ।୧୧(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବୁଦ୍ଧେଶ୍ୱର ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇବା ସହ ଆ-କା-ମା-ବୈ ଗୀତ ଗାଇ ଡଙ୍ଗା ଭସାଇ ସୂର୍ଯ୍ୟନାରାୟଣଙ୍କୁ ଦର୍ଶନ କରିଛନ୍ତି। ପ୍ରାଚୀନ ପରମ୍ପରା ପାଳନ ପୂର୍ବକ ବୁଧବାର ଭୋର ୪ଟାରୁ କାଗଜ ଡଙ୍ଗା, କଦଳୀ ପାଟୁଆରେ ନିର୍ମିତ ଡଙ୍ଗା ଧରି ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ପୂଜାର୍ଚ୍ଚନା ସହ ଡଙ୍ଗା ଭସାଇଥିଲେ। ଏହି ଅବସରରେ ଭୁବନ ତୈଳିକ ବୈଶ୍ୟ ସମାଜ ସଭାପତି ବିଦ୍ୟାଧର ସାହୁଙ୍କ ଅଧ୍ୟକ୍ଷତାରେ ୨୩ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ତୃପ୍ତି ପାଠାଗାର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଶତ୍ରୁଘ୍ନ ଜେନା, ମୁଖ୍ୟବକ୍ତା ଭାବେ ଆମ୍ବ କମିଟି ସଭାପତି ଜଗବନ୍ଧୁ ପୃଷ୍ଟି, ସାମ୍ମାନିତ ଅତିଥି ଭାବେ ତେରଥାନ ତୈଳିକ ବୈଶ୍ୟ ସମାଜ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ପୃଷ୍ଟି ଯୋଗଦେଇଥିଲେ। ଭାସ୍କର୍ଯ୍ୟଶିଳ୍ପୀ ଚୁଗୁଲୀ ସାହୁଙ୍କୁ ଭୁବନ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ତୋଷ ସାହୁ, ତ୍ରିଲୋଚନ ସାହୁ, ବାପିନ ସାହୁ, ପ୍ରଫୁଲ୍ଲ ସାହୁ, ଧନେଶ୍ୱର ପୃଷ୍ଟି, ସୁନାକାର ସାହୁ, ମାନସ ପୃଷ୍ଟି ସାଧବ ପୁଅ ଭୂମିକା ତୁଲାଇଥିଲେ। ନାମ ସଂକୀର୍ତ୍ତନ ଓ ହୁଳହୁଳି ଶବ୍ଦରେ ନଦୀ ତୁଠରେ ବେଶ୍ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦଯାପିତ



**ଢେଙ୍କାନାଳ,୫ ।୧୧(ସମିସ):** ସଦର ଥାନା ଦେଙ୍ଗବୋରେଇ ଗ୍ରାମରେ ମଙ୍ଗଳବାର ଆରମ୍ଭ ହୋଇଥିବା ୩୫ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୪ଟି ଟିମ୍ ଅଂଶଗ୍ରହଣ କରିଥିଲେ। ମହିଳା ବର୍ଗରେ ଭୁବନେଶ୍ୱର କିସ୍ ଓ କଟକ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। କିସ୍ ଟିମ୍ ୨୦-୭ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ସେହିପରି ପୁରୁଷ ବର୍ଗରେ କଟକ ୱାରିଓର ଓ ଭୁବନେଶ୍ୱର କଳିଙ୍ଗ ଟିମ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। କଟକ ଟିମ ୩୦-୨୯ ପଏଣ୍ଟରେ ଚାମ୍ପିଅନ ହୋଇଛି। ଉଦଘାଟନୀ ଉତ୍ସବରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ରାଜକିଶୋର ରାଉତ, ଉତ୍କଳ ଅଜବେଷ୍ଟସର ପରିଚାଳନା ନିର୍ଦ୍ଦେଶକ କ୍ଷୀରୋଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନାର୍ଭେରମ ଷ୍ଟିଲର ପରିଚାଳକ ନିର୍ଦ୍ଦେଶକ ଅନନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ, ସମାଜସେବୀ ବିଷ୍ଣୁପ୍ରସାଦ ସାମଲ, ଶ୍ରମିକ ନେତା ବିଜୟ ଦାସ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା କବାଡ଼ି ଆସୋସିଏସନର ରେଫରି କେ ମାଧବରାଓ, ପ୍ରକାଶ କୁମାର ସାହୁ, ସତ୍ୟପ୍ରକାଶ ଦାସ, ପ୍ରଶାନ୍ତ ପରିଡ଼ା, ପାପୁନ ମଲ୍ଲିକ, ବିଭୁଭୂଷଣ ପାଲ, ପ୍ରକାଶଚନ୍ଦ୍ର ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ● ଆମ୍ବପଳାଶ ଗ୍ରାମ ଡକାୟତି ଘଟଣାକୁ ୩ ଦିନ ବିତିଲା

## ଦୁର୍ବୃତ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ ପୁଲିସ

**ପରଜଙ୍ଗ,୫ ।୧୧(ସମିସ):** ପରଜଙ୍ଗ ଥାନା ଆମ୍ବପଳାଶ ଗ୍ରାମରେ ସୋମବାର ସନ୍ଧ୍ୟାରେ ସଶସ୍ତ୍ର ମୁଖାପିନ୍ଧା ଦୁର୍ବୃତ୍ତମାନେ ଫାଙ୍କା ଗୁଳି ଚାଳନା କରି ଦୁଇ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଥିଲେ। ଘଟଣାକୁ ଇତିମଧ୍ୟରେ ୩ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଦୁର୍ବୃତ୍ତମାନଙ୍କ ପାଖରେ ପହଞ୍ଚି ପାରିନାହିଁ।

ସୋମବାର ସନ୍ଧ୍ୟା ସାଢ଼େ ୭ଟାରେ ୮ରୁ ଊର୍ଦ୍ଧ୍ୱ ମୁଖାପିନ୍ଧା ଦୁର୍ବୃତ୍ତ ମାରଣାସ୍ତ୍ର ଧରି ରମେଶ ଚନ୍ଦ୍ର ମହାପାତ୍ରଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଅଢ଼େଇ ଲକ୍ଷ ଟଙ୍କା ଏବଂ ୫ ଭରି ସୁନା ଅଳଙ୍କାର ଲୁଟ୍ କରିଥିଲେ। ପରେ ପାଖରେ ଥିବା ଗଗନ ମହାପାତ୍ରଙ୍କ ଘରେ ପଶିଥିଲେ। ଗଗନଙ୍କ ପରିବାର ଲୋକେ ଏହା ଜାଣିପାରି ଗୋଟିଏ ଘର ଭିତରେ ରହି କବାଟ ବନ୍ଦ କରିଦେଇଥିଲେ। ଦୁର୍ବୃତ୍ତମାନେ କବାଟକୁ ଗୁଳିମାଡ଼ କରିବି ସହ ଗଗନଙ୍କ ମା'ଙ୍କଠାରୁ ସୁନା କାନଫୁଲ ନେଇ ପାଖ ଜଙ୍ଗଲ ଆଡ଼କୁ ପଳାଇଥିଲେ। ଗଗନଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ ଏହି ସମସ୍ତ ଘଟଣା କଏଦ ହୋଇଥିଲା। ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ସାଇଣ୍ଟିଫିକ ଦଳ, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ପୁଲିସ ସିସିଟିଭି ଫୁଟେଜ୍ ଜବତ କରି ଛାନଭିନ୍ କରୁଛି। ଅନ୍ୟପଟେ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରାଯାଉଛି ଓ ଖୁବଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବେହେରା କହିଛନ୍ତି।

## ଅନନ୍ତଶୟନ ବାଲିଯାତ୍ରା ଓ ୯ମ ଲୋକ ମହୋତ୍ସବ



**ପରଜଙ୍ଗ,୫ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମ ଦେଇ ଯାଇଥିବା ନଦୀ ପଠାରେ ଭଗବାନ ବିଷ୍ଣୁଙ୍କ ବିଶାଳ ଅନନ୍ତଶୟନ ମୂର୍ତ୍ତି ନିକଟରେ ବାଲିଯାତ୍ରା ଓ ନବମ ଲୋକ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଅନନ୍ତ ଶୟନ ମୂର୍ତ୍ତିକୁ ଗ୍ରାମବାସୀ ପୂଜାର୍ଚ୍ଚନା କରିବା ବୋଇତ ବନ୍ଦାଣ ଉତ୍ସବ ଓ ଲୋକ ମହୋତ୍ସବ କରିଆସୁଛନ୍ତି। ଗତ ୯ ବର୍ଷ ଧରି ଅନନ୍ତ ଶୟନ ବାଲିଯାତ୍ରା ଓ ଲୋକ ମହୋତ୍ସବ ଭାବେ ପାଳିତ ହୋଇଆସୁଛି। ଯାତ୍ରାରେ ଏଠାରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଭଜନ ସମାରୋହ ସାଙ୍ଗକୁ ବିଭିନ୍ନ ଦୋକାନ ଏବଂ ଦୋଳି ଲାଗିଥିଲା। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, ଲୋକ ମହୋତ୍ସବ କମିଟି ସଭାପତି ସୁଶାନ୍ତ କୁମାର ସିଂ, ସରାଙ୍ଗ ସମିତିସଭ୍ୟ ବାସୁଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସଂସ୍କୃତି ମଧ୍ୟରେ ଅପସଂସ୍କୃତିର ଅନୁପ୍ରବେଶ

# ଢେଙ୍କାନାଳ ସଂସ୍କୃତି ବିଭାଗ ପୁନର୍ଗଠନ ନେଇ ପ୍ରଶ୍ନବାଚୀ

**ଢେଙ୍କାନାଳ,୫ ।୧୧(ସମିସ):** ଓଡ଼ିଶାରେ ବୋଧହୁଏ ଢେଙ୍କାନାଳ ଏକମାତ୍ର ଜିଲ୍ଲା ଯେଉଁଠାରେ ଜିଲ୍ଲା ସଂସ୍କୃତି ପରିଷଦର ବିଭାଗୀୟ ଉପବିଧି ଅନୁଯାୟୀ ଗତ ୯ବର୍ଷ ଧରି ସଂସ୍କୃତି ପରିଷଦର ପୁନର୍ଗଠନ ହୋଇନାହିଁ। ଜିଲ୍ଲା ଲୋକକଳା ସଂଘ ଉପସଭାପତି କୁହାଯାଉଥିବା ଜଣେମାତ୍ର ବ୍ୟକ୍ତି ଗତ ୯ବର୍ଷ ଧରି ସକ୍ରିୟ ଅଛନ୍ତି। ତାଙ୍କୁ ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ବୋଲି ମଧ୍ୟ କୁହାଯାଉଛି। ଜିଲ୍ଲାରେ ଗତ ୨ବର୍ଷ ଧରି ସଂସ୍କୃତି ଅଧିକାରୀ ନାହାନ୍ତି। ୨୦୨୩ ଡିସେମ୍ବରରେ ତତ୍କାଳୀନ ଜିଲ୍ଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁଙ୍କ ବିୟୋଗ ପରଠାରୁ ଜିଲ୍ଲା ପଞ୍ଚାୟତ ଅଧିକାରୀ ଓ ଏବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂସ୍କୃତି ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ତଥ୍ୟାଭିଜ୍ଞ ମହଲରୁ ପ୍ରକାଶ ଯେ ଲୋକକଳା ସଂଘ ସଭ୍ୟ ଭାବେ କେବଳ ଲୋକ କଳାକାର ହିଁ ରହିପାରିବେ। କେଉଁଗୁଡ଼ିକ ରାଜ୍ୟର ଲୋକକଳା ତାହା ମଧ୍ୟ ସଂସ୍କୃତି ବିଭାଗରେ ସ୍ପଷ୍ଟ ଉଲ୍ଲେଖ ରହିଛି। କୌଣସି ଗୀତିକାର ବା ମଞ୍ଚ ସଂଯୋଜକ ଏଥିପାଇଁ ଯୋଗ୍ୟ ନୁହନ୍ତି। ବିଜେଡି ସରକାର ଯାଇ ବିଜେପି ସରକାର ଆସିଲା। ଯିଏ କରିତ୍‌କର୍ମା ସେ ବିଜେଡି ମନ୍ତ୍ରୀଙ୍କୁ ଧରି ପଦବୀ ସମ୍ଭାଳୁଥିଲେ ଏବଂ ଏବେ ସେ ବିଜେପି ମନ୍ତ୍ରୀଙ୍କୁ ଧରି ନିଜ ପଦ ସମ୍ଭାଳିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଜିଲ୍ଲା ଲୋକକଳା ସଂଘ ଉପଦେଷ୍ଟା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଆଦିଙ୍କୁ ଜିଲ୍ଲା ସଂସ୍କୃତି ବିଭାଗ କୌଣସି ବିଷୟରେ ପଚାରୁ ନାହାନ୍ତି କି ଆୟୋଜିତ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣପତ୍ରଟିଏ ବି ଦେଉନାହିଁ। ସରକାରୀ ଭାବେ ଜଣକୁ ଛାଡ଼ି ଯଦି ଆଉ କାହାର କିଛି ଭୂମିକା ନାହିଁ, ସେହିଭଳି ବ୍ୟକ୍ତିବିଶେଷ ଯାହାଙ୍କ ନାମ ସରକାରୀ ନଥିରେ ସରକାରୀ ଅଧିକାରୀଙ୍କ ସ୍ୱାକ୍ଷର ଅନୁମୋଦନ କ୍ରମେ ଲିପିବଦ୍ଧ ହୋଇଛି ସେମାନଙ୍କୁ ସରକାରୀ ଭାବେ ଦାୟିତ୍ୱମୁକ୍ତ କରାଗଲା ବୋଲି ପତ୍ର ଦିଆଯାଉ ନାହିଁ କାହିଁକି। ରାଜ୍ୟ ସଂସ୍କୃତି ସଚିବ ଏ ସବୁ ବିଷୟରେ ଅନୁସନ୍ଧାନ କରି ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଦାବି ହେଉଛି। ନିଜ ପଦବୀର ଉପଯୋଗ କରି ଏବେ କିଛି ବ୍ୟକ୍ତି ଢେଙ୍କାନାଳକୁ ସିଦ୍ଧ ଶ୍ରୀକ୍ଷେତ୍ର ନାମରେ ନାମିତ କରୁଛନ୍ତି। କିନ୍ତୁ ଢେଙ୍କାନାଳର ପରମାରାଧ୍ୟ ଦେବତା ହେଉଛନ୍ତି ଦ୍ୱାପରଯୁଗାବତାର ଶ୍ରୀ ସିଦ୍ଧ ବଳରାମ, ଯାହାଙ୍କ ଆବିର୍ଭାବ ଓ ପୂଜନ ଢେଙ୍କାନାଳର ପ୍ରତିଷ୍ଠାତା ରାଜା ହରି ସିଂହ ବିଦ୍ୟାଧରଙ୍କ ସମୟରୁ ଏ ଯାବତ ୪୪୫ ବର୍ଷ ଧରି ଚାଲି ଆସିଛି। ଏହା ପୂର୍ବରୁ ଶ୍ରୀ ସିଦ୍ଧବଳରାମ ପ୍ରାଚୀନ ଭୀମନଗ୍ରୀ ଗଡ଼ରୁ ଦ୍ୱାଦଶ ଶତାବ୍ଦୀରେ ଗଜପତିଙ୍କ ଯୁବରାଜ ଅନଙ୍ଗ ଭୀମଦେବଙ୍କ ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇ ପୁରୀ ନିଆଯାଉଥିବା ଅବସରରେ ପ୍ରଭୁଙ୍କ ସ୍ୱପ୍ନାଦେଶ ମତେ ଏହି ବିଗ୍ରହଙ୍କୁ ହିନ୍ଦୋଳ ରାଜ୍ୟର ଚିତ୍ତଳପୁର ଗ୍ରାମରେ ଦଶଖମ୍ବ ମଣ୍ଡପ ତୋଳାଯାଇ ସେଠାରେ ବିଜେ କରାଯାଇଥିଲା। ଷୋଡ଼ଶ ଶତାବ୍ଦୀରେ କଳାପାହାଡ଼ ଆକ୍ରମଣରୁ ଏହି ବିଗ୍ରହଙ୍କୁ ରକ୍ଷା କରିବା ପାଇଁ ବର୍ତ୍ତମାନର ଓଡାପଡ଼ା ବ୍ଲକ୍ ଅନ୍ତର୍ଗତ ଡେଙ୍ଗବୋରେଇ ଗ୍ରାମର ଠାକୁରା ପୋଖରୀ ହୁଡ଼ାରେ ପାତାଳି କରିଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବେଶାଳିଆ ଗଡ଼ର ରାଜା ଶ୍ରୀଧର ଭଞ୍ଜଙ୍କ ରାଜତ୍ୱରେ ଜଣେ ଶବର ପୋଖରୀ ହୁଡ଼ାରେ ଟୁଙ୍ଗା ବା ମାଟିଆଳୁ ଖୋଳିବାକୁ ଯାଇ ପ୍ରଭୁଙ୍କ ସନ୍ଧାନ ପାଇ ରାଜାଙ୍କୁ ଜଣାଇଥିଲେ। ଏହା ବଳରାମ ବୋଲି ଢେଙ୍କାନାଳ ଇତିହାସରେ ଉଲ୍ଲେଖ ରହିଛି। ସେ ସମୟରେ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ଆଜିର ଢେଙ୍କାନାଳ ଜିଲ୍ଲା ବା ତତ୍କାଳୀନ ଝାଡ଼ଖଣ୍ଡ ମୁଲକରେ ଆରମ୍ଭ ହୋଇ ନ ଥିଲା। ତାଳବନ ଅଧ୍ୟୁଷିତ ଝାଡ଼ଖଣ୍ଡ ମୁଲକ ଛାଡ଼ି ପୁରୀ ଯିବାକୁ ମହାପ୍ରଭୁ ଶ୍ରୀ ବଳରାମ ରାଜି ନ ହୋଇ ଅନଙ୍ଗ ଭୀମଦେବଙ୍କୁ ସ୍ୱପ୍ନାଦେଶ କରିଥିଲେ। ଏଣୁ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ଢେଙ୍କାନାଳକୁ ସିଦ୍ଧ ଶ୍ରୀକ୍ଷେତ୍ର ବୋଲି ଚିତ୍ରଣ କରିବା କେବଳ ନିଜ ଅହମିକାର ହିଁ ପରିଚୟ ବୋଲି ତଥ୍ୟାଭିଜ୍ଞ ମହଲର ମତ। ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ସମ୍ପାଦକ ଅଶୋକ କୁମାର ନନ୍ଦ, ଉପସଭାପତି ଅଖିଳ ମହାପାତ୍ର, ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦର ପ୍ରେମଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର, କ୍ଷେତ୍ରବାସୀ ସାହୁ, ଶିବପ୍ରସାଦ କର, ପ୍ରଦୀପ କୁମାର ଧଳ ଓ ଭୁବନର ଇତିହାସକାର ପଣ୍ଡିତ ପ୍ରମୋଦ ମିଶ୍ର ପ୍ରମୁଖ ଜିଲ୍ଲା ସଂସ୍କୃତି ପରିଷଦର ତୁରନ୍ତ ପୁନର୍ଗଠନ ସହ ଢେଙ୍କାନାଳ ଇତିହାସକୁ ବିକୃତ କରା ନ ଯାଉ ବୋଲି ଦାବି କରିଛନ୍ତି। ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଥିବା ତତ୍କାଳୀନ ଜିଲ୍ଲାପାଳ ତାଙ୍କ ପତ୍ର ସଂଖ୍ୟା ୩୫୨, ତା୨୭.୦୯.୨୦୧୮ରେ ବ୍ଲକ କଳା ସଂସ୍କୃତି ସଂଘର ପୁନର୍ଗଠନ ସମ୍ବନ୍ଧେ ୨୦୧୧ର ଅଧିନିୟମ ଆଧାରରେ କାର୍ଯ୍ୟ କରିବାକୁ ସମସ୍ତ ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାଙ୍କ ବଦଳି ହେବା ପରେ ଏହି ନିର୍ଦ୍ଦେଶନାମା ଜଣେ ପ୍ରଭାବଶାଳୀ ମନ୍ତ୍ରୀଙ୍କ ଚାପରେ କାର୍ଯ୍ୟକାରୀ କରାଯାଇ ନ ଥିଲା ବୋଲି କୁହାଯାଏ। ବର୍ତ୍ତମାନର ଜିଲ୍ଲାପାଳ ଏ ସମସ୍ତ ବିଷୟରେ ସମୀକ୍ଷା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲ୍ଲାର କଳାପ୍ରେମୀ ଜନସାଧାରଣ ଆଶାପ୍ରକଟ କରିଛନ୍ତି।

## କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ କପିଳାସରେ ଭକ୍ତଙ୍କ ଭିଡ଼



**ଗଁଦିଆ,୫ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆସ୍ଥିତ ପବିତ୍ର ଶୈବ୍ୟପୀଠ କପିଳାସ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କଜୀଉଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପଞ୍ଚୁକର ଶେଷଦିନ ଥିବାରୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ମହିଳାଙ୍କଠାରୁ ଆରମ୍ଭ କରି ପୁରୁଷ ତଥା ଯୁବକ ଯୁବତୀମାନେ ଡଙ୍ଗାଭସା କାର୍ଯ୍ୟ ସମାପନ କରି ପ୍ରାତଃ ସମୟରୁ ବାବାଙ୍କ ଦର୍ଶନ ନିମନ୍ତେ ଛୁଟି ଆସିଥିଲେ। ଠାକୁରଙ୍କ ପ୍ରାତଃ ନୀତି ସମ୍ପନ୍ନ ପରେ ସକାଳ ସାଢ଼େ ୬ଟାରେ ମନ୍ଦିର ମୁଖ୍ୟଦ୍ୱାର ଭକ୍ତଙ୍କ ନିମନ୍ତେ ଖୋଲାଯାଇଥିଲା। ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହ ଲମ୍ବା ଧାଡ଼ିରେ ଠିଆହୋଇ ବାବାଙ୍କ ଦର୍ଶନ କରିଥିଲେ। ଛୁଟିଦିନ ଥିବାରୁ ପାଖରେ ଥିବା ମୃଗବିହାର, ବିଜ୍ଞାନ ପାର୍କରେ ମଧ୍ୟ ଅହେତୁକ ଭିଡ଼ ଲାଗିଥିଲା। ସେହିପରି ଗଁଦିଆ ବ୍ଲକର ଅନ୍ନକୋଟେଶ୍ୱର, ବାବା ଦୌଡ଼େଶ୍ୱର, ସ୍ୱପ୍ନେଶ୍ୱର ଆଦି ମନ୍ଦିରରେ ମଧ୍ୟ ସକାଳୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗଁଦିଆ ଥାନା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।





# ଟ୍ରମ୍ପଙ୍କୁ ଝଟ୍‌କା ଦେଲେ ୩ ଭାରତୀୟ ବଂଶୋଦ୍ଭବ



## ନ୍ୟୁୟର୍କରେ ମମ୍‌ଦାନୀ, ସିନ୍‌ସିନାଟିରେ ଆଫ୍‌ତାବ୍, ଭିର୍ଜିନିଆରେ ଗଜାଲା

ନ୍ୟୁୟର୍କ,୫ ।୧୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟ୍ ପାର୍ଟି ପ୍ରାର୍ଥୀ ଜୋହରାନ ମମ୍‌ଦାନୀ ଆମେରିକାର ଅନ୍ୟତମ ବୃହତ୍ତମ ସହର ନ୍ୟୁୟର୍କର ମେୟର ନିର୍ବାଚିତ ହୋଇ ଚାଞ୍ଚଲ୍ୟ ଖେଳାଇ ଦେଇଛନ୍ତି । ତାଙ୍କୁ ହରାଇବା ଲାଗି ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସମସ୍ତ ରଣନୀତି ଫେଲ୍ ମାରିଛି । କେବଳ ଏତିକି ନୁହେଁ, ଟ୍ରମ୍ପଙ୍କ ପ୍ରାର୍ଥୀ ତୃତୀୟ ସ୍ଥାନକୁ ଖସିଯାଇଛନ୍ତି । ରାଷ୍ଟ୍ରପତି ନିର୍ବାଚନ ପରେ ଆମେରିକାରେ ପ୍ରଥମ ଥର ଲାଗି ହୋଇଥିବା ଏହି ନିର୍ବାଚନରେ ରିପବ୍ଲିକାନ ପ୍ରାର୍ଥୀଙ୍କ ଶୋଚନୀୟ ପରାଜୟ ଟ୍ରମ୍ପଙ୍କ ପାଇଁ ବଡ଼ ଧରଣର ଝଟକା ହୋଇଛି । କେବଳ ନ୍ୟୁୟର୍କ ନୁହେଁ, ସିନସିନାଟି ଓ ଭିର୍ଜିନିଆରେ ମଧ୍ୟ ଟ୍ରମ୍ପଙ୍କ ପ୍ରାର୍ଥୀଙ୍କୁ ଝଟକା ଦେଇଛନ୍ତି ଆଉ ଦୁଇ ଜଣ ଭାରତୀୟ ବଂଶୋଦ୍ଭବ । ସେମାନେ ହେଲେ ଆଫତାବ ପୁରେଓ୍ୱାଲ ଏବଂ ଗଜାଲା ହାସମୀ

ଗତକାଲି ଅନୁଷ୍ଠିତ ନ୍ୟୁୟର୍କ ମେୟର ନିର୍ବାଚନରେ ବିଜୟୀ ହୋଇ ଇତିହାସ ରଚିଛନ୍ତି ମମଦାନୀ । ୩୪ ବର୍ଷୀୟ ମମ୍‌ଦାନୀ ନ୍ୟୁୟର୍କର ସର୍ବକନିଷ୍ଠ, ପ୍ରଥମ ଭାରତୀୟ ବଂଶୋଦ୍ଭବ ଓ ପ୍ରଥମ ମୁସ୍‌ଲିମ ମେୟର ଭାବେ ନିର୍ବାଚିତ ହୋଇଛନ୍ତି । ଗତ ଗତ ୧୦୦ ବର୍ଷରେ ପ୍ରଥମ ଥର ଲାଗି ନ୍ୟୁୟର୍କରେ ଏଭଳି ବ୍ୟକ୍ତି ମେୟର ନିର୍ବାଚିତ ହୋଇଥିବା କୁହାଯାଉଛି । ଜାନୁଆରୀ ପହିଲାରେ ସେ ନ୍ୟୁୟର୍କର ମେୟର ଭାବେ ଦାୟିତ୍ୱ ଗ୍ରହଣ କରିବେ ।

ଏହା ଡେମୋକ୍ରାଟିକ ଦଳ ପାଇଁ ଏବ ବଡ଼ ବିଜୟ ବିବେଚିତ ହେଉଛି । ୧୯୬୯ ପରେ ନ୍ୟୁୟର୍କରେ ପ୍ରଥମଥର ପାଇଁ କୌଣସି ନେତାଙ୍କୁ ୧୦ ଲକ୍ଷ ଭୋଟ ମିଳିଛି । ମମ୍‌ଦାନୀଙ୍କୁ ୧୦ ଲକ୍ଷରୁ ଅଧିକ ଭୋଟ ମିଳିଛି । ମମ୍‌ଦାନୀ ନିର୍ବାଚନ ଜିତିବା ପରେ ନିଜ ଭାଷଣରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ

### ଆମେରିକାରେ ମେୟର ନିର୍ବାଚନ

ଜବାହରଲାଲ ନେହରୁଙ୍କ ବିଷୟରେ ଉଲ୍ଲେଖ କରିଥିଲେ । ମେୟର ଭାବେ ମମଦାନୀଙ୍କ ଅନେକ କ୍ଷମତା ଓ ଦାୟିତ୍ୱ ରହିଛି । ତାଙ୍କ ଅଧୀନରେ ତିନି ଲକ୍ଷ କର୍ମଚାରୀ କାମ କରିବେ । ସେ ବିଭିନ୍ନ ବିଭାଗ ପାଇଁ ମୁଖ୍ୟ ନିଯୁକ୍ତ କରିବା ସହିତ ଜଜ ନିଯୁକ୍ତ କରିବାର କ୍ଷମତା ମଧ୍ୟ ରହିଛି ।

ମମ୍‌ଦାନୀ ହେଉଛନ୍ତି ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ । ତାଙ୍କ ପିତା ହେଉଛନ୍ତି ବିଶିଷ୍ଟ ଲେଖକ ଉଗାଣ୍ଡାରେ ଜନ୍ମିତ ମହମୁଦ ମମଦାନୀ । ମମଦାନୀଙ୍କ ପୂର୍ବପୁରୁଷ ଗୁଜରାଟରେ ରହୁଥିଲେ । ସେ ୧୯୯୧ ଅକ୍ଟୋବର ୧୮ରେ ଉଗାଣ୍ଡାର କାମ୍ପାଲାରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମେ ସେ ନିଜ ପରିବାର ସହ ଉଗାଣ୍ଡାରୁ ଦକ୍ଷିଣ ଆଫ୍ରିକା ଓ ପରେ ନ୍ୟୁୟର୍କ ସିଟିରେ ଆସି ରହିଥିଲେ ।

ଆଉ ଜଣେ ଭାରତୀୟ ବଂଶୋଦ୍ଭବ ୪୩ ବର୍ଷୀୟ ଆଫତାବ ପୁରେଓ୍ୱାଲ ପୁଣିଥରେ ଇତିହାସ ସୃଷ୍ଟି କରିଛନ୍ତି । ସେ ଆମେରିକା ଓହିଓ ରାଜ୍ୟର ସିନ୍‌ସିନାଟି ସହରର ମେୟର ନିର୍ବାଚିତ ହୋଇଛନ୍ତି । ସେ ଦ୍ୱିତୀୟଥର ପାଇଁ ବିଜୟୀ ହୋଇ ଏହି ହାଇପ୍ରୋଫାଲ ପଦକୁ ନିର୍ବାଚିତ ହୋଇଛନ୍ତି । ଡେମୋକ୍ରାଟିକ ଦଳ ତରଫରୁ ନିର୍ବାଚନ ଲଢ଼ିଥିବା ଆଫତାବ୍ ରିପବ୍ଲିକାନ ପ୍ରତିଦ୍ୱନ୍ଦ୍ୱୀ ତଥା ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସାବତ୍ ଭାଇ କୋରି ବୋମ୍ୟାନଙ୍କୁ ପରାସ୍ତ କରିଛନ୍ତି । ସେ ଏହାପୂର୍ବରୁ ୨୦୨୧ରେ ପ୍ରଥମ ଏସୀୟ ଆମେରିକୀୟ ଭାବେ ସିନ୍‌ସିନାଟିର ମେୟର ଭାବେ ନିର୍ବାଚିତ ହୋଇଥିଲେ । ସେ ଓହିଓରେ ଜଣେ ପଞ୍ଜାବୀ ପିତା ଓ ତିବ୍ବତୀୟ ମାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ ।

ସେହିଭଳି ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟ ପ୍ରାର୍ଥୀ ଗଜାଲା ହାସ୍‌ମୀ ଆମେରିକାର ଦକ୍ଷିଣପୂର୍ବ ରାଜ୍ୟ ଭିର୍ଜିନିଆର ଉପରାଜ୍ୟପାଳ ଭାବେ ନିର୍ବାଚିତ ହୋଇଛନ୍ତି । ସେ ରିପବ୍ଲିକାନ ପ୍ରାର୍ଥୀ ଜନ୍ ରେଡଙ୍କୁ ପରାସ୍ତ କରି ବାଜି ମାରିଛନ୍ତି । ହାସ୍‌ମୀ ପ୍ରଥମ ମୁସ୍‌ଲିମ ଓ ଦକ୍ଷିଣ ଏସିଆ ଆମେରିକୀୟ ଭାବେ ଭିର୍ଜିନିଆ ସିନେଟ୍‌କୁ ନିର୍ବାଚିତ ହୋଇଛନ୍ତି । ୧୯୬୪ରେ ସେ ଭାରତର ହାଇଦରାବାଦ୍‌ରେ ଜିଆ ହାସମୀ ଓ ତନବୀର ହାସମୀଙ୍କଠାରୁ ଜନ୍ମଗ୍ରହଣ କରିଥିଲେ । ମହଲକପେଟ୍‌ରେ ସେ ନିଜର ଅଜା ଓ ଆଇ ଘରେ ବାଲ୍ୟକାଳ ବିତାଇଥିଲେ । ୪ ବର୍ଷ ବୟସରେ ସେ ନିଜର ମା ଓ ବଡ଼ ଭାଇଙ୍କ ସହ ଆମେରିକା ଚାଲିଆସିଥିଲେ ଓ ଜର୍ଜିଆରେ ନିଜ ପିତାଙ୍କ ସହ ରହିଥିଲେ । ଗଜାଲାଙ୍କ ପିତା ଜିଆ ହାସ୍‌ମୀ ଜଣେ ପ୍ରଫେସର ଥିଲେ ।

## ପକ୍ସୋ ଆଇନର ଦୁରୁପଯୋଗ ହେଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୫ ।୧୧(ଏଜେନ୍ସି): ପକ୍ସୋ ନିୟମର ଦୁରୁପଯୋଗ ହେବା ନେଇ ସୁପ୍ରିମକୋର୍ଟ ସୋମବାର ଚିନ୍ତା ପ୍ରକଟ କରିଛନ୍ତି । ବୈବାହିକ ବିବାଦ ଓ ଝିଅ ଘରୁ ପଳାଇବା ମାମଲାରେ ଏହି ନିୟମର ଦୁରୁପଯୋଗ ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଝିଅର ପରିବାର ଦ୍ୱାରା ଝିଅ ଯେଉଁ ପୁଅ ସହିତ ପଳାଇ ଯାଇଛି ତା ବିରୋଧରେ ଦାଏର ହୋଇଥିବା ମାମଲାରେ ଏହି ନିୟମକୁ ଅନୁଚିତ ଭାବେ ବ୍ୟବହାର କରାଯାଉଛି । ଯୌନ ଅପରାଧୀଙ୍କଠାରୁ ଛୋଟପିଲାଙ୍କୁ ସଂରକ୍ଷଣ ଦେବାର ଅଧିନିୟମକୁ ପକ୍ସୋ ଆକ୍ଟ ବୋଲି କୁହାଯାଇଥାଏ । ଜଷ୍ଟିସ ବିବି ନାଗରତ୍ନା ଓ ଜଷ୍ଟିସ୍ ଆର ମହାଦେବନଙ୍କ ଖଣ୍ଡପୀଠ ଏକ ଆବେଦନର ଶୁଣାଣି କରିବା ଅବସରରେ ଏହି କଥା କହିଛନ୍ତି । ଏଥିସହ ବଳାତ୍କାର ବିରୋଧୀ ଆଇନ୍ ବିଷୟରେ ସଚେତନତାର ଆବଶ୍ୟକତା ଥିବା ସଂକ୍ରାନ୍ତରେ କିଛି ନୂଆ ନିର୍ଦ୍ଦେଶ ଜାରି କରାଯିବ ବୋଲି ଏହି ଖଣ୍ଡପୀଠ ସଂକେତ ଦେଇଛନ୍ତି । ପକ୍ସୋ ନିୟମ ନେଇ ପୁରୁଷ ଓ ପୁଅମାନଙ୍କ ମଧ୍ୟରେ ସଚେତନତା ପ୍ରଚାର କରିବା ଉପରେ ବିଚାରପତି ଜୋର ଦେଇଛନ୍ତି ।

## ଆସାମରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

ଗୌହାଟୀ,୫ ।୧୧(ଏଜେନ୍ସି): ଆସାମର ତିନସୁକିଆ ଜିଲ୍ଲାରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଗଣ ଦୁଷ୍କର୍ମର ଶିକାର ହୋଇଛନ୍ତି । ସୋମବାର ଅପରାହ୍ଣ ୩ଟାରେ ନାବାଳିକା ଛାତ୍ରୀ ସ୍କୁଲରୁ ଘରକୁ ଫେରୁଥିଲା । ଏହି ସମୟରେ ୩ଜଣ ବ୍ୟକ୍ତି ବାଇକ୍‌ରେ ଆସି ତାଙ୍କୁ ଅପହରଣ କରି ନେଇ ଚା ବଗିଚାରେ ତାଙ୍କୁ ଦୁଷ୍କର୍ମ କରିଥିଲେ । ଏହାପରେ ସେମାନେ ପୀଡିତାଙ୍କୁ ରାସ୍ତା କଡ଼ରେ ଫାପାଡି ଚାଲିଯାଇଥିଲେ । ଘରକୁ ନ ଫେରିବା କରାଣରୁ ଛାତ୍ରୀଙ୍କ ପରିବାର ଲୋକେ ବ୍ୟସ୍ତ ହୋଇପଡିଥିଲେ । ସନ୍ଧ୍ୟା ୫ଟାରେ ଜଣେ ଇ- ରିକ୍ସା ଡ୍ରାଇଭର ପୀଡିତାଙ୍କ ପରିବାରକୁ ସେ ଚା ବଗିଚା ପାଖ ରାସ୍ତାରେ ପଡିଥିବାର ସୂଚନା ଦେଇଥିଲେ । ଏହାପରେ ପରିବାର ଲୋକ ଛାତ୍ରୀଙ୍କୁ ବେହୋଶ ଅବସ୍ଥାରେ ଉଦ୍ଧାର କରିଥିଲେ । ତୁରନ୍ତ ପୁଲିସକୁ ଏ ନେଇ ସୂଚନା ଦିଆଯାଇଥିଲା । ଏହାପରେ ପୀଡିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗମ୍ଭୀର ବୋଲି ଡାକ୍ତର କରିଛନ୍ତି । ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ । ପୁଲିସ ସେମାନଙ୍କୁ ଖୋଜିବା ଜାରି ରଖିଛି । ଗତ ୩୮ ଦିନ ମଧ୍ୟରେ ଆସାମରେ ଏପରି ଦ୍ୱିତୀୟ ଘଟଣା ଘଟିଛି । ଏହାପୂର୍ବରୁ ଦିବ୍ରୁଗଡ଼ ଜିଲ୍ଲାରେ ସେପ୍ଟେମ୍ବର ୨୨ରେ ଦୁଇଜଣ ବ୍ୟକ୍ତି ଜୁଲିୟାଜାନସ୍ଥିତ ଦିରିୟଲ ଚା ବଗିଚାରେ ଜଣେ ୮ ବର୍ଷୀୟ ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିବା ଘଟଣା ସାମ୍ନାକୁ ଆସିଥିଲା ।

## ଅଭିନେତା ବିଜୟ ଟିଭିକେର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

ଚେନ୍ନାଇ,୫ ।୧୧(ଏଜେନ୍ସି): ତାମିଲ ଅଭିନେତା ବିଜୟ ଥଲପତିଙ୍କ ନୂଆ ରାଜନୈତିକ ଦଳର ତାମିଲିଗା ଭେଟ୍ରି କାଝଗମ (ଟିଭିକେ) ବୁଧବାର ତା’ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ତାମିଲନାଡୁରେ ୨୦୨୬ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ମହାବଳିପୁରମର ଏକ ହୋଟେଲରେ ଟିଭିକେର ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ବିଜୟଙ୍କୁ ପାର୍ଟି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇଥିଲା । ଏଥିସହ ତାଙ୍କୁ ନିର୍ବାଚନ ମେଣ୍ଟ ପାଇଁ ବିଜୟଙ୍କୁ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରାଯାଇଥିଲା । ନିର୍ବାଚନରେ ଶାସକ ଡିଏମ୍‌କେ ଓ ଟିଭିକେ ମଧ୍ୟରେ ମୁକାବିଲା ହେବ ଓ ଏଥିରେ ଟିଭିକେ ବାଜି ମାରିବ ବୋଲି ସେ କହିଥିଲେ ।

## ଭୋଟଚୋରିକୁ ନେଇ ରାହୁଲ-ବିଜେପି ମୁହାଁମୁହିଁ

- ହରିୟାଣାରେ ୨୫ ଲକ୍ଷ ଭୋଟ ଚୋରି ହୋଇଛି: ରାହୁଲ
- ରାହୁଲଙ୍କ ବୋମା କେବେ ବିସ୍ଫୋରଣ ହୁଏନି: ବିଜେପି
- ଭୋଟବେଳେ କଂଗ୍ରେସ ଏଜେଣ୍ଟ କଣ କରୁଥିଲେ : କମିସନ

ନୂଆଦିଲ୍ଲୀ,୫ ।୧୧(ଏଜେନ୍ସି): ମହାରାଷ୍ଟ୍ର ଓ କର୍ଣ୍ଣାଟକ ପରେ ହରିୟାଣାରେ ମଧ୍ୟ ଭୋଟ ଚୋରି ହୋଇଛି । ୨୦୨୪ରେ ଅନୁଷ୍ଠିତ ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସକୁ ହରାଇବା ଲାଗି ସୁନିୟୋଜିତ ଭାବେ ଷଡଯନ୍ତ୍ର କରାଯାଇଥିଲା । ରାଜ୍ୟରେ ୨୫ ଲକ୍ଷ ଭୋଟ୍ ଜାଲିଆତି କରି କଂଗ୍ରେସକୁ ହରାଯାଇଛି । ନିର୍ବାଚନ କମିସନଙ୍କ ବିରୋଧରେ ଏଭଳି ଗୁରୁତର ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଏହାକୁ ହାଇ ।ଡ୍ରୋଜେନ ବୋମା ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଭୋଟ ଜାଲିଆତି ସଂପର୍କରେ ତାଙ୍କ ପାଖରେ ଶତ ପ୍ରତିଶତି ପ୍ରମାଣ ରହିଛି ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟ ଜାଲିଆତି ଅଭିଯୋଗ ଆଣି ଅନେକ ଚାଞ୍ଚଲ୍ୟକର ତଥ୍ୟ ଉପସ୍ଥାପନ କରିଛନ୍ତି ରାହୁଲ ଗାନ୍ଧୀ । ସେ କହିଛନ୍ତି ଯେ ରାଜ୍ୟରେ ଦୁଇ କୋଟି ମତଦାତା ଥିବା ବେଳେ ୨୫ ଲକ୍ଷ ଭୋଟ ଜାଲିଆତି ହୋଇଛି । ଅର୍ଥାତ ୧୨ ପ୍ରତିଶତ ଭୋଟ ଚୋରି ହୋଇଛି । ବିଜେପିକୁ ଜିତାଇବା ପାଇଁ କମିସନ ପୂରା ପ୍ରସ୍ତୁତ ରହିଥିଲେ । ସେ କହିଲେ ଯେ ଲୋକସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଭଲ ଥିଲା । ବିଧାନସଭା ନିର୍ବାଚନରେ ମଧ୍ୟ କଂ ।ଗ୍ରେସ ଜିତିବ ବୋଲି ବିଭିନ୍ନ ଜନମତ ସର୍ଭେ ରିପୋର୍ଟ କହୁଥିଲା । କିନ୍ତୁ ଫଳାଫଳ ଓଲଟିଗଲା କେମିତି? ଏହାପଛରେ ନିର୍ବାଚନ କମିସନଙ୍କର ଜାଲିଆତି ରହିଛି ବୋଲି ସେ ଅଭିଯୋଗ କରିଛନ୍ତି । ଭୋଟ ଜାଲିଆତିର ଉଦାହରଣ ଦେବାକୁ ଯାଇ ରାହୁଲ କହିଛନ୍ତି ଯେ ହରିୟାଣାରେ ୨୨ଟି ଭୋଟର ପରିଚୟପତ୍ରରେ ଜଣେ ମହିଳାଙ୍କ ଫଟୋ ରହିଛି । ସେ ମହିଳା ହେଉଛନ୍ତି ବ୍ରାଜିଲର ଜଣେ ମଡେଲ । ଏହି ଭୋଟର କାର୍ଡ ଜରିଆରେ ୧୦ଟି ବିଭିନ୍ନ ବୁଥରେ ମତଦାନ କରାଯାଇଛି । ତେବେ ୨୨ଟି ପରିଚୟପତ୍ରରେ ସେହି ମଡେଲଙ୍କ ଫଟୋ ଥିଲେ ମଧ୍ୟ ନାମ ଅଲଗା ଅଲଗା ରହିଛି । ଯେମିତି ସ୍ୱିଟି, ସୀମା, ସରସ୍ୱତୀ, ରଶ୍ମି, ବିମଳା.... । ଏହା କେମିତି ସମ୍ଭବ ହେଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି । ସେହିଭଳି ରାଜ୍ୟରେ ଶହେଟି ଭୋଟର ପରିଚୟପତ୍ରରେ ଜଣେ ମହିଳାଙ୍କ ଫଟୋ ବିଭିନ୍ନ ନାମରେ ରହିଛି । ଆଉ ଜଣେ ମହିଳାଙ୍କ ଫଟୋ ଭୋଟର ତାଲିକାର ୨୨୩ଟି ସ୍ଥାନରେ ରହିଛି । ବିଭିନ୍ନ ନାମରେ ସେ ଦୁଇଟି ପୋଲିଂ ବୁଥରେ ମତଦାନ କରିଛନ୍ତି । କଂଗ୍ରେସକୁ ହରାଇ ବିଜେପିକୁ ଜିତାଇବା ଲାଗି ଏହା ଥିଲା କମିସନଙ୍କର ଷଡ଼ଯନ୍ତ୍ର । ଏହି କାରଣରୁ ନିର୍ବାଚନ କମିସନ ମତଦାନ କେନ୍ଦ୍ରର ସିସିଟିଭି ଫୁଟେଜକୁ ନଷ୍ଟ କରିଦେଇଛନ୍ତି ।

ରାହୁଲ ଆହୁରି ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ପ୍ରାର୍ଥୀମାନେ ବହୁତ କମ୍ ଭୋଟ୍ ବ୍ୟବଧାନରେ ହାରିଛନ୍ତି । ସବୁଠାରୁ କମ୍ ଭୋଟ୍ ବ୍ୟବଧାନ ଥିଲା ୩୨ । ଏଭଳି ଭୋଟ ବ୍ୟବଧାନକୁ ମିଶାଇଲେ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ୨୨ ହଜାର ୭୭୯ ଖଣ୍ଡ ଭୋଟରେ ହାରିଛି ।


ତେବେ ଭାରତୀୟ ନିର୍ବାଚନ କମିସନ ରାହୁଲଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । କମିସନ କହିଛନ୍ତି ଯେ ମତଦାନ କେନ୍ଦ୍ରରେ ଯଦି ଜାଲିଆତି ଚାଲିଥିଲା, ତାହାହେଲେ କଂଗ୍ରେସ ଏଜେଣ୍ଟ ଏହାର ବିରୋଧ କଲେନାହିଁ କାହିଁକି? ଏଭଳି ଭୋଟ ଜାଲିଆତିକୁ ରୋକିବା ଲାଗି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) କରାଯାଉଛି । ଏହାକୁ ରାହୁଲ ବିରୋଧ କରିବେ କି ବୋଲି କମିସନ ପ୍ରଶ୍ନ କରିଛନ୍ତି । କମିସନ ଆହୁରି କହିଛନ୍ତି କିଛି ସ୍ଥାନରେ ମତଦାନରେ ହୋଇଥିବା ଅନିୟମିତତା ନେଇ ଅଭିଯୋଗ ଆସିଥିଲା ଏବଂ ଏହାର ଯାଞ୍ଚ କରାଯାଉଛି ।

ସେପଟେ ରାହୁଲ ଗାନ୍ଧୀଙ୍କ ଏହି ଅଭିଯୋଗର ଜବାବ ଦେଇଛି ବିଜେପି । କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ, ଆମେ ମଧ୍ୟ ନିର୍ବାଚନ ହାରିଛୁ । କିନ୍ତୁ ଏଥିପାଇଁ ବିଜେପି କେବେ ନିର୍ବାଚନ କମିସନଙ୍କୁ ଦୋଷ ଦେଇନାହିଁ । ରାହୁଲ ସାମ୍ବାଦିକ ସମ୍ମିଳନୀରେ ଜଣେ ବିଦେଶୀ ମହିଳାଙ୍କ କଥା କହିଛନ୍ତି । ନିର୍ବାଚନ ବେଳେ ସେ ବିଦେଶ ଚାଲିଯାଇଥାନ୍ତି । ବିଦେଶରୁ ଯେଉଁ ପ୍ରେରଣା ମିଳେ ତାହାକୁ ସେ ଉପସ୍ଥାପନା କରି ସମୟ ନଷ୍ଟ କରିଥାନ୍ତି । ରାହୁଲ ସବୁବେଳେ କୁହନ୍ତି ଯେ, ସେ ପରମାଣୁ ବୋମା ବିସ୍ଫୋରଣ କରିବେ । କିନ୍ତୁ ତାଙ୍କ ବୋମା କେବେବି ବିସ୍ଫୋରଣ ହୁଏନାହିଁ ବୋଲି ରିଜିଜୁ କହିଛନ୍ତି । ବିହାର ନିର୍ବାଚନ ପାଇଁ କିଛି ପ୍ରସଙ୍ଗ ନଥିବାରୁ ଏଥିରୁ ଧ୍ୟାନ ହଟାଇବା ଲାଗି ରାହୁଲ ଏଭଳି ଉଦ୍ୟମ କରୁଥିବା ସେ କହିଛନ୍ତି ।



## ୟୁପିରେ ଟ୍ରେନ୍‌ରେ କଟିଗଲେ ୬ ମହିଳା

ମିର୍ଜାପୁର,୫ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ମିର୍ଜାପୁରରେ ବୁଧବାର କାଲକା ଏକ୍ସପ୍ରେସ୍ ଟ୍ରେନ୍ ଦ୍ୱାରା କଟି ୬ ଜଣ ମହିଳା ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଦୁଇ ଭଉଣୀ ମଧ୍ୟ ସାମିଲ ରହିଛନ୍ତି । ସକାଳ ୯.୩୦ରେ ଚୁନାର ରେଳ ଷ୍ଟେସନରେ ଏହି ଦୁର୍ଘଟଣା ଘଟିଥିଲା । ଚୋପନରୁ ପାସେଞ୍ଜର ଟ୍ରେନ୍ ୩ ନଂ ପ୍ଲାଟଫର୍ମରେ ଲାଗିଥିଲା । ଭିଡ଼ ଅଧିକ ହେବା କାରଣରୁ କିଛି ଶ୍ରଦ୍ଧାଳୁ ପ୍ଲାଟ୍‌ଫର୍ମ୍‌ରେ ନ ଓହ୍ଲାଇ ଅରପକ୍ଷରେ ଥିବା ଟ୍ରାକ୍‌ରେ ଓହ୍ଲାଇଥିଲେ । ଏତିକି ବେଳେ ବିପରୀତ ପଟୁ କାଲକା ଏକ୍ସପ୍ରେସ ଆସିଥିଲା । ଚୁନାର ଷ୍ଟେସନରେ କାଲକା ଏକ୍ସପ୍ରେସର ଷ୍ଟପେଜ ନଥିଲା । ତେଣୁ ଟ୍ରେନ୍ ଗତି ଅଧିକ ଥିଲା । ଅଚାନକ ଟ୍ରେନ୍ ଆସୁଥିବା ଦେଖି ଯାତ୍ରୀ ଡରିଯାଇଥିଲେ । ପୁରୁଷମାନେ ଦ୍ରୁତ ଗତିରେ ପ୍ଲାଟଫର୍ମ ଉପରେ ଚଢିଯାଇଥିଲେ । କିନ୍ତୁ ମହିଳାମାନେ ଚଢ଼ିପାରି ନଥିଲେ, ଫଳରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲେ । ମୃତଦେହଗୁଡିକର କେତେକ ଖଣ୍ଡ ବିଖଣ୍ଡିତ ଅଂଶ ଟ୍ରାକ୍‌ରେ ୫୦ ମିଟର ପର୍ଯ୍ୟନ୍ତ କ୍ଷତବିକ୍ଷତ ହୋଇ ପଡିଥିଲା । କାର୍ତ୍ତିକ ପୂର୍ଣ୍ଣିମା କାରଣରୁ ଷ୍ଟେସନରେ ପ୍ରବଳ ଭିଡ଼ ଥିଲା ଓ ମହିଳାମାନେ ଗଙ୍ଗା ସ୍ନାନ କରିବାକୁ ଟ୍ରାକ ପାର କରୁଥିବା ବେଳେ ଏହି ଘଟଣା ଘଟିଥିଲା । ଦୁର୍ଘଟଣା ଏତେ ଶୀଘ୍ର ହୋଇଥିଲା ଯେ, କେହି କିଛି ବୁଝିବା ପୂର୍ବରୁ ସବୁ ଶେଷ ହୋଇଯାଇଥିଲା ।



## ପୁଲିସ ବାବୁଙ୍କ ଶହେ କୋଟିର ସାମ୍ରାଜ୍ୟ

- କାନପୁର ଡିଏସ୍‌ପିଙ୍କ କଳାକାରନାମା
- ଏନକାଉଣ୍ଟର ଧମକ ଦେଇ ବଟି ଆଦାୟ
- ଶହଶହ କୋଟି ଟଙ୍କା ସମ୍ପତ୍ତିର ମାଲିକ

କାନପୁର, ୫ ।୧୧(ଏଜେନ୍ସି): ଉତ୍ତରପ୍ରଦେଶ କାନପୁରର ଡେପୁଟି ସୁପରିଟେଣ୍ଡେଣ୍ଟ (ଡିଏସ୍‌ପି) ଋଷିକାନ୍ତ ଶୁକ୍ଲା ଦୁର୍ନୀତିର ସବୁ ସୀମା ପାର କରି ସାରା ଦେଶରେ ଏବେ ଚର୍ଚ୍ଚିତ ହୋଇଛନ୍ତି । ନିଜ କ୍ଷମତାର ଦୂରୁପୋଯୋଗ କରି ସେ ଶହଶହ କୋଟି ଟଙ୍କାର ସମ୍ପତ୍ତି ଏକାଠି କରିବା ସହ ଖାକି ପୋଷାକରେ କଳା ଦାଗ ଲଗାଇଛନ୍ତି । ଦୀର୍ଘବର୍ଷ ଧରି ସେ କାନପୁରରେ ପଦବୀରେ ରହି ବ୍ୟାପକ ଦୁର୍ନୀତି କରି ଶହଶହ କୋଟି ଟଙ୍କାର ସମ୍ପତ୍ତି ଏକାଠି କରିଛନ୍ତି । ଏହା ସମ୍ନାକୁ ଆସିବା ପରେ ପ୍ରଶାସନରେ ହଇଚଇ ସୃଷ୍ଟି ହୋଇଛି । ତରବରରେ ତାଙ୍କୁ ସସ୍‌ପେଣ୍ଡ କରାଯାଇଛି ଓ ତାଙ୍କ ବିରୋଧରେ ଭିଜିଲାନ୍ସ ଯାଞ୍ଚର ଆଦେଶ ଦିଆଯାଇଛି । ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି)ର ତଦନ୍ତ ପରେ ତାଙ୍କ କଳା ସାମ୍ରାଜ୍ୟର ବହୁ ତଥ୍ୟ ସାମ୍ନାକୁ ଆସିଛି । ଏକଦା ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଋଷିକାନ୍ତ ସାଧାରଣ ପୁଲିସ କର୍ମଚାରୀରୁ ଡିଏସ୍‌ପି ହେବାର ଯାତ୍ରା ବେଶ ରୋଚକ ଥିଲା । ସେ ଜଣାଶୁଣା ବିଲ୍ଡର, ବ୍ୟବସାୟୀ, ପ୍ରପର୍ଟି ଓନରଙ୍କୁ ଯୋଜନାବଦ୍ଧ ଭାବେ ଧମକ ଦେଇ ନିଜର ଲକ୍ଷ୍ୟ ସାଧନ କରୁଥିଲେ । ସେ ଲୋକଙ୍କ ମିଛ ମାମଲାରେ ଫସାଇ ସେମାନଙ୍କୁ ବ୍ଲାକ୍‌ମେଲ କରିବା ସହ ସେମାନଙ୍କର ସମ୍ପତିକୁ ନିଜ ନାମରେ ଲେଖାଇ ନେଉଥିଲେ ବୋଲି କେତେକ କହିଛନ୍ତି । ତାଙ୍କର ଏହି କୁକର୍ମରେ ଜଣେ ଓକିଲ ଓ ରାଜନେତାମାନେ ତାଙ୍କୁ ସହାୟତା ପ୍ରଦାନ କରୁଥିଲେ । ତାଙ୍କ ୧୦୦ ନୁହେଁ ୨୦୦ରୁ ୩୦୦ କୋଟି ଟଙ୍କା ସମ୍ପତି ରହିଛି ବୋଲି ଏସ୍‌ଆଇଟି ଯାଞ୍ଚରୁ ଜଣାପଡ଼ିଛି । ନୋଏଡା, ପଞ୍ଜାବ, ଚଣ୍ଡିଗଡ଼ ସମେତ ଅନ୍ୟ କେତୋଟି ସହରରେ ତାଙ୍କ ନାମରେ ବେନାମୀ ସମ୍ପତ୍ତି ରହିଛି । କାନପୁରର ଆର୍ଯ୍ୟନଗରରେ ତାଙ୍କର ୧୧ଟି ଦୋକାନ ଓ କେତୋଟି ପ୍ଲଟ୍ ରହିଛି । ଏହାକୁ ବାଦ୍ ଦେଲେ ଉନ୍ନାଓ ଫତେପୁରରେ ବିଲ୍ଡରଙ୍କ ସହ ସାଥି ହୋଇ ଜମି ଉପରେ କବ୍‌ଜା କରିବା ସହ ନିବେଶ କରିଥିବାର ପ୍ରମାଣ ମିଳିଛି । ତାଙ୍କ ପୁଅ ବିଶାଳ ଶୁକ୍ଲା ମଧ୍ୟ ଅଖିଳେଶ ଦୁବେ ନାମକ ଜଣେ ଅପରାଧୀଙ୍କ ସହ ମିଶି ୩୩ଟି କମ୍ପାନୀ ଗଠନ କରିଥିଲେ । ଏହି କମ୍ପାନୀଗୁଡିକ ଦ୍ୱାରା କଳା ଧନକୁ ଧଳା କରାଯାଉଥିଲା ବୋଲି ଅଭିଯୋଗ ହୋଇଛି । ଯାଞ୍ଚ୍ ଆଗକୁ ବଢ଼ିଲେ ତାଙ୍କର ସମ୍ପତ୍ତି ତାଲିକା ଆହୁରି ବୃଦ୍ଧି ପାଇବ । ସେ ଏବେ ମେନପୁରୀ ଡିଏସ୍‌ପି ଭାବେ ଦାୟିତ୍ୱରେ ଥିଲେ ।

## ଭୂକମ୍ପ, ସୁନାମୀର ପ୍ରାକ୍ ସୂଚନା ଦେବ ନିସାର୍ ଉପଗ୍ରହ

ନୂଆଦିଲ୍ଲୀ, ୫ ।୧୧(ଏଜେନ୍ସି): ଇସ୍ରୋ ଓ ନାସାର ମିଳିତ ଉଦ୍ୟମରେ ନିର୍ମାଣ ହୋଇଥିବା ନିସାର (ନାସା-ଇସ୍ରୋ ସିନ୍ଥେଟିକ୍ ଆପେରଚର ରାଡାର) ଉପଗ୍ରହ ନଭେମ୍ବର ୭ରୁ କାର୍ଯ୍ୟ କରିବା ଆରମ୍ଭ କରିବ । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ସତୀଶ ଧାୱନ ସ୍ପେଶ ସେଣ୍ଟରରେ ଏହି ଉପଗ୍ରହକୁ ଜୁଲାଇ ୩୦ରେ ଅନ୍ତରୀକ୍ଷକୁ ଛଡାଯାଇଥିଲା । କାର୍ଯ୍ୟକ୍ଷମ ହେବା ପରେ ଏହି ଉପଗ୍ରହ ଭୂକମ୍ପ, ଆଗ୍ନେୟଗିରି, ଭୂସ୍ଖଳନ, ତୁଷାରପାତ, ଜଙ୍ଗଲ, କୃଷି କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ବୈଜ୍ଞାନିକମାନଙ୍କୁ ଅବଗତ କରାଇବ । ପ୍ରତି ୧୨ ଦିନରେ ଏହା ସମଗ୍ର ପୃଥିବୀ ଚିତ୍ର ଉତ୍ତୋଳନ କରିବ । ଏହି ଉପଗ୍ରହରେ ଦୁଇଟି ସ୍ୱତନ୍ତ୍ର ରାଡାର, ନାସାର ଏଲ୍- ବ୍ୟାଣ୍ଡ ଓ ନାସାର ଏସ୍- ବ୍ୟାଣ୍ଡ ସଂଯୋଗ କରାଯାଇଛି । ଏହା ଦ୍ୱାରା ପୃଥିବୀର ଅତି ସ୍ପଷ୍ଟ ଚିତ୍ର ଓ ସବିଶେଷ ଚିତ୍ର ଉତ୍ତୋଳନ ହୋଇପାରିବ ।

## ୩୬ ଦିନରେ ଆମେରିକା ସଟ୍‌ଡାଉନ୍ | ୪ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଣ ବନ୍ଦ

ୱାସିଂଟନ, ୫ ।୧୧(ଏଜେନ୍ସି): ଆମେରିକାରେ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ସଟ୍‌ଡାଉନ୍ ବୁଧବାର ୩୬ ଦିନରେ ପହଞ୍ଚିଛି । ଏହା ଆମେରିକା ଇତିହାସରେ ସବୁଠାରୁ ଲମ୍ବା ସଟ୍‌ଡାଉନ୍ ହୋଇଛି । ଏହାପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ୩୫ ଦିନ ପର୍ଯ୍ୟନ୍ତ ସଟ୍‌ଡାଉନ ଦେଖିବାକୁ ମିଳିଥିଲା । ସଟ୍‌ଡାଉନ କାରଣରୁ ୪୨ ମିଲିଅନ୍ ଅର୍ଥାତ ପାଖାପାଖି ୪.୨ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଣ ଠପ୍ ହୋଇଛି । ଆମେରିକାର କୃଷି ବିଭାଗ (ୟୁଏସ୍‌ଡିଏ) ପାଖରେ ଏହି କାର୍ଯ୍ୟକ୍ରମ ପାଇଁ କେବଳ ୫୦୦ କୋଟି ଡଲାରର ରିଜର୍ଭ ଫଣ୍ଡ ରହିଛି । କିନ୍ତୁ ନଭେମ୍ବରରେ ଏହି ଖାଦ୍ୟ ଯୋଗାଣ ଜାରି ରଖିବାକୁ ହେଲେ ୯.୨ ଶହ କୋଟି ଡଲାରର ଆବଶ୍ୟକତା ରହିଛି । ସଟ୍‌ଡାଉନ କାରଣରୁ ୬.୭ ଲକ୍ଷ ସରକାରୀ କର୍ମଚାରୀ ଛୁଟିରେ ଯାଇସାରିଛନ୍ତି । ଏବେ ୭.୩ ଲକ୍ଷ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ଫଳରେ ୧୪ ଲକ୍ଷ ଲୋକ ଋଣ ନେଇ ଘର ଚଳାଉଛନ୍ତି । ଉଲ୍ଲେଖଥାଉ କି, ଟ୍ରମ୍ପ ହେଲଥ କେୟାର ପ୍ରୋଗ୍ରାମ ପାଇଁ ସବ୍‌ସିଡ୍ ବୃଦ୍ଧି କରିବାକୁ ପ୍ରସ୍ତୁତ ନାହାନ୍ତି । ଏହି କାରଣରୁ ଆମେରିକାର ସଂସଦର ଉଚ୍ଚ ସଦନର ସିନେଟ୍‌ରେ ଫଣ୍ଡିଂ ବିଲ୍ ଗୃହିତ ହୋଇପାରୁ ନାହିଁ । ଏହି ବିଲ୍‌କୁ ନେଇ ଏପର୍ଯ୍ୟନ୍ତ ୧୪ଥର ଭୋଟିଂ ହୋଇସାରିଲାଣି । କିନ୍ତୁ ପ୍ରତିଥର ବହୁମତ ପାଇଁ ଜରୁରୀ ୬୦ଟି ଭୋଟ ମିଳିପାରୁ ନାହିଁ । ଟ୍ରମ୍ପଙ୍କ ଜିଦ୍ ଯୋଗୁଁ ଏଭଳିସ୍ଥିତି ସୃଷ୍ଟି ହୋଇଛି । ଏଥିପାଇଁ ୨୫ଟି ରାଜ୍ୟରେ ଟ୍ରମ୍ପଙ୍କ ବିରୋଧରେ କେସ୍ କରାଯାଇଛି । ପ୍ରତିଦିନ ୩୩୦୦ କୋଟି ଡଲାରର ଦରମା କ୍ଷତିଗ୍ରସ୍ତ ହେଉଛି । ଏଥିପାଇଁ ଆମେରିକାରେ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି । ୧୬, ୭୦୦ ବିମାନର ଉଡାଣ ବିଳମ୍ବିତ ହୋଇଛି । ଆଉ କେତେକ ବିମାନଗୁଡିକର ଉଡାଣକୁ ବାତିଲ ମଧ୍ୟ କରାଯାଇଛି । ଏପର୍ଯ୍ୟନ୍ତ ୧୧, ୦୦୦ ଏୟାର ଟ୍ରାଫିକ କଣ୍ଟ୍ରୋଲର ସେମାନଙ୍କ ପାଉଣା ପାଇନାହାନ୍ତି ।

ଏହି ସଟ୍‌ଡାଉନ୍ ଦେଶର ଅର୍ଥନୀତିକୁ ପ୍ରଭୁତ କ୍ଷତି ପହଞ୍ଚାଉଛି । କଂଗ୍ରେସନାଲ ବଜେଟ ଅଫିସ୍ (ସିବିଓ) ଅନୁଯାୟୀ ଏପର୍ଯ୍ୟନ୍ତ ୧୧ ବିଲିଅନ ଡଲାର ଅର୍ଥାତ ଏକ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇସାରିଛି । ଯଦି ଏହି ସଟ୍‌ଡାଉନ୍ ଖୁବ୍‌ଶୀଘ୍ର ଶେଷ ନ ହେବ, ତେବେ ଆମେରିକାର ଜିଡିପି ଚତୁର୍ଥ କ୍ୱାର୍ଟରରେ ୧ରୁ ୨ ପ୍ରତିଶତକୁ ଖସିବ । ସରକାରୀ କର୍ମଚାରୀମାନେ ଛୁଟିରେ ଯାଇଥିବାରୁ ପ୍ରତିଦିନ ପାଉଣା ବାବଦରେ ୪୦୦ ମିଲିଅନ ଡଲାର ବା ୩, ୩୦୦ କୋଟି ଟଙ୍କାର କ୍ଷତି ହେଉଛି ବୋଲି ସିବିଓ ତରଫରୁ କୁହାଯାଇଛି । ସଟ୍‌ଡାଉନ କାରଣରୁ ସରକାର ଖର୍ଚ୍ଚ କରୁ ନଥିବାରୁ ଦେଶର ଅର୍ଥନୀତି କ୍ଷତି ସହୁଛି ।

## ରାଷ୍ଟ୍ରପତିଙ୍କୁ ଚୁମ୍ବନ ଦେବାକୁ ନିଶାଡ଼ିର ପ୍ରୟାସ

ମେକ୍ସିକୋ ସିଟି, ୫ ।୧୧(ଏଜେନ୍ସି): ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍‌ଙ୍କୁ ବୁଧବାର ଜଣେ ବ୍ୟକ୍ତି ଚୁମ୍ବନ ଦେବାକୁ ପ୍ରୟାସ କରିଛନ୍ତି । ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଛି । ରାଜଧାନୀ ମେକ୍ସିକୋ ସିଟିର ପୁରୁଣା ଅଞ୍ଚଳରେ ସେ ଲୋକଙ୍କ ସହ କଥା ହେଉଥିବା ବେଳେ ବ୍ୟକ୍ତି ଜଣକ ତାଙ୍କ ପଛପଟୁ ଆସି ତାଙ୍କ ଅଣ୍ଟାରେ ହାତ ରଖି ତାଙ୍କୁ ଛୁଇଁବା ସହ ଅସଦାଚରଣ କରିଥିଲେ । କିନ୍ତୁ ଏଥିରେ ସେନବାଉମ ବେଶ୍ ଶାନ୍ତିର ସହ ବ୍ୟକ୍ତିଙ୍କ ହାତ ହଟାଇଥିଲେ ଓ ତାଙ୍କ ଆଡକୁ ଅନାଇ ଚିନ୍ତା କରନାହିଁ ବୋଲି କହିଥିଲେ । ଏହା ଦେଖିବା ପରେ ଜଣେ ସୁରକ୍ଷାକର୍ମୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେଠାରୁ ହଟାଇ ଦେଇଥିଲେ । ବ୍ୟକ୍ତିଜଣକ ନିଶାରେ ଥିବା ଜଣାଯାଇଛି । ଏ ନେଇ ରାଷ୍ଟ୍ରପତି କାର୍ଯ୍ୟାଳୟ ତରଫରୁ କିଛି କୁହାଯାଇନାହିଁ ।

# ନିର୍ବନ୍ଧରେ ହାଲୁକା ମେକ୍‌ଅପ୍

ନିର୍ବନ୍ଧ ପ୍ରତ୍ୟେକ ଯୁବତୀଙ୍କ ପାଇଁ ଖାସ୍ ହୋଇଥାଏ। ଏହିଦିନ ସମସ୍ତେ ସୁନ୍ଦର ଦିଶିବାକୁ ଚାହାଁନ୍ତି। ହେଲେ, ବ୍ୟସ୍ତତା ଭିତରେ ସଜେଇ ହେବାପାଇଁ ସମୟ ପାଆନ୍ତିନି। ତେଣୁ ଅନେକ ଯୁବତୀ ନିବର୍ନ୍ଧରେ ହାଲୁକା ମେକ୍‌ଅପ୍ କରିବାକୁ ପସନ୍ଦ କରୁଛନ୍ତି। ଏହି ମେକ୍‌ଅପ୍‌ରେ କମ୍ ସମୟ ଲାଗିବା ସହ ଏକ ସୁନ୍ଦର୍ ଲୁକ୍ ମିଳିଥାଏ।



### ପ୍ରାକୃତିକ ଚମକ

ହାଲୁକା ମେକ୍‌ଅପ୍ ପସନ୍ଦ କରୁଥିବା ମହିଳାଙ୍କୁ ନାଚୁରାଲ୍ ଗ୍ଲୋ ଲୁକ୍ ସୁନ୍ଦର୍ ମାନିଥାଏ। ଏଥିରେ ତ୍ୱଚାର ପ୍ରାକୃତିକ ରଙ୍ଗ ଓ ଚମକ ଆସିଥାଏ। ଏଥିରେ ଆଖିକୁ ହାଲୁକା ଆଇସ୍ୟାଡୋ ଓ ଲାଇନର ଲଗାଇ ସଜା ଯାଇଥାଏ। ସେହିପରି ମସ୍କାରା ଲଗାଇ ଆଖିକୁ ବଡ଼ ଓ ଆକର୍ଷଣୀୟ ଦେଖାଯାଇଥାଏ। ଏଥିସହ ନ୍ୟୁଡ୍ କିମ୍ବା ହାଲୁକା ପିଙ୍କ୍ ଲିପ୍‌ଷ୍ଟିକ୍ ଲଗାଇପାରିବେ।

### ଫ୍ରେସ୍ ପିଙ୍କ୍ ଲୁକ୍

ପିଙ୍କ୍ ଲୁକ୍ ଚେହେରାକୁ ହାଲୁକା ଦେଖାଇବା ସହ ତ୍ୱଚାରେ ଚମକ ଆଣିଥାଏ। ଏହା ଦେଖିବାକୁ ମଧ୍ୟ ସୁନ୍ଦର ହୋଇଥାଏ। ଏହା ଅନୁଯାୟୀ ମୁହଁରେ ହାଲୁକା ଫାଉଣ୍ଡେସନ୍ ଓ ଟିଣ୍ଟେଣ୍ଟ ପିଙ୍କ୍ ବ୍ଲଶ୍ ଲଗାଯାଇଥାଏ। ଏହାଦ୍ୱାରା ତ୍ୱଚା କୋମଳ ହେବା ସହ ପ୍ରାକୃତିକ ଚମକ ଆସିଥାଏ। । ଏଥିସହ ଗାଲ ଓ ଓଠରେ ହାଲୁକା ପିଙ୍କ୍ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି। ଏହି ଲୁକ୍ ବିଶେଷ କରି ଦିନ ନିର୍ବନ୍ଧରେ ବେଶୀ ସୁନ୍ଦର ଦିଶିଥାଏ।

### ସଫ୍ଟ ଗ୍ଲାମ୍

ଏହା ତ୍ୱଚାକୁ ଆକର୍ଷଣୀୟ କରିଥାଏ। ଏଥିପାଇଁ ଯୁବତୀମାନେ ମୁହଁର ବେସ୍‌କୁ ହାଲୁକା ରଖିବା ପାଇଁ ଫାଉଣ୍ଡେସନ୍ ଓ କନ୍‌ସିଲର୍ ବ୍ୟବହାର କରିଥାନ୍ତି। ଏହାଦ୍ୱାରା ତ୍ୱଚାରେ ଥିବା ଦାଗ , ବ୍ରଣ ସମସ୍ୟାକୁ ଲୁଚା ଯାଇଥାଏ। ଆଖିରେ ନ୍ୟୁଟ୍ରାଲ୍ ଓ ହାଲୁକା ୱିଙ୍ଗ୍ ଲାଇନର ଲଗାଯାଏ। ଏଥିରୁ ଆଖିକୁ ଏକ ସୁନ୍ଦର ଲୁକ୍ ମିଳିଥାଏ।

# ଝୋଟି ଚିତାରେ ଆଧୁନିକତା

ଓଡ଼ିଆ ଘରେ ମାଣବସା ଓ ଝୋଟି ଚିତାର ଏକ ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ଓଡ଼ିଆଣୀ ଏହାକୁ ଶ୍ରଦ୍ଧା, ଭକ୍ତି ସହକାରେ ପାଳନ କରିଥାନ୍ତି। ମାର୍ଗଶୀର ମାସ ପଶିବା କ୍ଷଣି ପ୍ରସ୍ତୁତିରେ ଲାଗିପଡ଼ନ୍ତି ମହିଳା। ପ୍ରତ୍ୟେକ ଗୁରୁବାର ଘର, ଦୁଆର, ଅଗଣା, ଚଉରା ଆଦି ସ୍ଥାନରେ ଶୋଭାପାଏ ଭଳିକି ଭଳି ଚାଉଳବଟା ଝୋଟି ଚିତା ସାଙ୍ଗକୁ ଲକ୍ଷ୍ମୀପାଦ। ଝୋଟି ଚିତା ମହିଳାଙ୍କ ହସ୍ତକଳା ଭାବେ ପରିଚିତ। ମାଣବସା ପୂଜାକୁ ନେଇ ମହିଳାଙ୍କ ମଧ୍ୟରେ ଯେତିକି ଶ୍ରଦ୍ଧା ରହିଛି, ଘରକୁ ସୁନ୍ଦର କରି ସଜାଇବାରେ ମଧ୍ୟ ଅଛି ସେତିକି ଉତ୍କଣ୍ଠା। ପୂଜାଶୈଳୀରେ ଯଦିଓ ଆଧୁନିକତାର ଢ଼ାଞ୍ଚା ପରିଲକ୍ଷିତ ହୁଏ ନାହିଁ; କିନ୍ତୁ ଝୋଟି ଚିତାରେ ଏହି ପରିବର୍ତ୍ତନ ଦେଖିବାକୁ ମିଳିଛି। ଏବେ ଝୋଟି ଚିତାକୁ ଘରେ ଅଧିକ ଦିନ ରଖିବା ପାଇଁ ଅଧିକାଂଶ ମହିଳା ଧଳାରଙ୍ଗରେ ଚିତା କରୁଛନ୍ତି। ସମୟାନୁସାରେ ଝୋଟି ଚିତାରେ ହେଉଥିବା ଆଧୁନିକତାକୁ ନେଇ ଏହି ଉପସ୍ଥାପନା।







### ଚାଉଳ ପିଠଉ ଚିତା



ମାଣବସା ପୂଜା ସାମାଜିକ ପ୍ରଥା, ସଂସ୍କୃତି ଓ ପରମ୍ପରା ଭାବେ ଜଣାଯାଏ। ଓଡ଼ିଆ ଘରେ ଏହା ବର୍ଷ ବର୍ଷ ଧରି ପାଳିତ ହୋଇଆସୁଛି। ମାଟିଘର ହେଉ ଅବା ଗୋବର ଲିପା ଘର ପିଠଉ ଚିତା ପକାଇଲେ ଖୁବ୍ ସୁନ୍ଦର ଦେଖାଯାଏ। ତେଣୁ ପରମ୍ପରା ଅନୁଯାୟୀ ମାର୍ଗଶୀର ମାସର ପ୍ରତ୍ୟେକ ବୁଧବାର ରାତିରେ ଘରଦ୍ୱାର ଲିପାପୋଛା କରି ଝୋଟିଚିତା ପକାଉ। ପୂଜାସ୍ଥାନଠୁ ନେଇ ଘର ଏରୁଣ୍ଡି, ପିଣ୍ଡା, ଅଗଣା ଆଦିରେ ଏହା ପକାଯାଏ। ଅବଶ୍ୟ ଏବେ ଆଉ ସେ ମାଟି ଘର ନାହିଁ। ସମସ୍ତଙ୍କର ସିମେଣ୍ଟ,ଟାଇଲ ଓ ମାର୍ବଲ ଘର। ଅବଶ୍ୟ ଏବେ ଘରକୁ ସୁନ୍ଦର କରି ସଜାଇବା ପାଇଁ ଅନେକେ ଚାଉଳବଟା ସହ ଧଳାରଙ୍ଗରେ ଚିତା କରୁଛନ୍ତି। ଏହା ସୁନ୍ଦର ଦିଶିବା ସହ ଛ' ସାତମାସ ରହିଥାଏ।

ଯାଜ୍ଞସିନୀ ସାହୁ, ସୋରଡ଼ା, ଗଞ୍ଜାମ

### ରଙ୍ଗତୂଳୀ ଚିତା



ସାଧାରଣତଃ ମାଣବସା ପୂଜାପାଇଁ ବୁଧବାରଠୁ ଘରଦ୍ୱାର ଲିପାପୋଛା ଆରମ୍ଭ ହୁଏ। ଗାଁ ଗହଳିରେ ଏକବର୍ଣ୍ଣୀ ଗାଈ ଗୋବରରେ ମାଟିଘରକୁ ଚିକ୍କଣ କରି ପୋଛିବା ପରମ୍ପରା ରହିଛି। ପରେ ଚାଉଳ ପିଠଉରେ ଭଳିକି ଭଳି ପଦ୍ମଫୁଲ, ଲକ୍ଷ୍ମୀପାଦ ସମେତ ଧାନ ଛିଟା କରାଯାଇଥାଏ। ଅଧିକାଂଶ ଲୋକ ପୂଜାକୋଠିରେ ଚାଉଳ ବଟାରେ ଝୋଟି ଚିତା କରିଥାନ୍ତି। ହେଲେ ଘର, ଦୁଆର ଆଦିରେ ରଙ୍ଗରେ ଚିତା କରନ୍ତି। ଏହି ଚିତା ଦୀର୍ଘ ଦିନ ରହିଥାଏ। ଘର ପରିବେଶ ସୁନ୍ଦର ଦିଶିବା ସହ ମନକୁ ଶାନ୍ତି ମିଳିଥାଏ।

ରଶ୍ମିତା ବେହେରା , ପୁରୀ

### ମାଣବସା ଝୋଟିଚିତା ସୁନ୍ଦର



ଓଡ଼ିଆମାନେ ବାରମାସରେ ତେର ପର୍ବ ପାଳନ କରନ୍ତି। ସେଥିରୁ ମାଣବସା ଗୁରୁବାର ଶ୍ରେଷ୍ଠ। ଏହାକୁ ନିତିନିଷ୍ଠାର ସହ ମହିଳାମାନେ ପାଳନ କରିଥାନ୍ତି। ଝିଅ ଥିଲାବେଳେ ଘରେ ମାଆଙ୍କୁ ପୂଜା କରିବାର ଦେଖିଥିଲି। ବାହାଘର ପରେ ଶାଶୁଙ୍କ ଠାରୁ ଦେଖି ଏହି ପୂଜା କଲି। ମାଣବସାରେ ମହିଳାମାନେ ବଡ଼ିଭୋର୍‌ରୁ ଉଠି ନିତ୍ୟକର୍ମସାରି ଘରଅଗଣା ଆଦିରେ ଗୋବରପାଣି ସିଞ୍ଚନ କରି ପୂଜା ପ୍ରସ୍ତୁତି କରନ୍ତି। ଏହାପରେ ମାଣ ବସାଇ ପିଠାପଣା, ଫଳମୂଳ ଦେଇ ମାଆ ଲକ୍ଷ୍ମୀଙ୍କୁ ଆରଧନା କରିଥାନ୍ତି। ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ଘରେ ଧନଧାନ୍ୟ ବୃଦ୍ଧି ସହ ସୁଖସମୃଦ୍ଧି ପ୍ରାପ୍ତ ହୁଏ। ସେହିପରି ପୂର୍ବରୁ ପୂଜାବିଧି ପାଇଁ ଲୋକେ ଚିତା ପକାଉଥିଲେ। କିନ୍ତୁ ସମୟ ବଦଳିବା ସହ ଅନେକେ ରଙ୍ଗରେ ଚି ତ। କରିବାକୁ ପସନ୍ଦ କରୁଛନ୍ତି।

ରମା ମହାରଣା , ପୁରୀ

# ଲ୍ୟାମ୍ପ୍ ଇୟରିଙ୍ଗ୍

ସମୟ ଅନୁସାରେ ଫେଶନ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଆଉଟ୍‌ଫିଟ୍‌ଠୁ ନେଇ ଅଳଙ୍କାର ସବୁଥିରେ ଆଧୁନିକ ଛାପ ଦେଖାଯାଉଛି। ଏହି କ୍ରମରେ ଏବେ ଯୁବତୀଙ୍କ ମଧ୍ୟରେ ଲ୍ୟାମ୍ପ୍ ଇୟରିଙ୍ଗ୍ ଲୋକପ୍ରିୟ ରହିଛି। ଏହା ଏକ ନିଆରା ଡିଜାଇନ। ଏଥିରେ ଏକ ଛୋଟ ଏଲ୍ଇଡି ବଲ୍‌ବ ଥାଏ। ଯାହା ବ୍ୟାଟେରୀ ଦ୍ୱାରା ଚାଲେ।



- ସାମାଜିକ ଗଣମାଧ୍ୟମରେ ଏହି କାନଫୁଲ ଖୁବ୍ ଲୋକପ୍ରିୟ ହୋଇଛି। ଏହାକୁ ବିଶେଷ କରି ଯୁବତୀମାନେ ପୂଜା, ଉତ୍ସବ ଆଦିରେ ପିନ୍ଧିବାକୁ ପସନ୍ଦ କରନ୍ତି।
- ଏହା ଛୋଟ ବଡ଼ ବିଭିନ୍ନ ଡିଜାଇନ୍‌ରେ ଉପଲବ୍ଧ। ଏହା ଓଜନିଆ ଆଉଟଫିଟ୍ ତଥା ଶାଢ଼ି, ଲେହେଙ୍ଗା ଓ ଗାଉନ ଆଦିରେ ସୁନ୍ଦର ମାନିଥାଏ।
- ଏହି ଇୟରିଙ୍ଗ୍ ହାଲୁକା ହେବା ସହ ବଜେଟ୍ ଅନୁଯାୟୀ ମିଳିଥାଏ। ଏହାକୁ ରୟାଲ ଲୁକ୍ ଦେବା ପାଇଁ ଏଥିରେ ଷ୍ଟୋନ୍ ମାଳି ଆଦି ଖଚିତ ହୋଇଥାଏ।

# କେଶ ପାଇଁ କଦଳୀ ଚୋପା

ଅଧିକାଂଶ ଲୋକେ କଦଳୀ ଚୋପାକୁ ଅଦରକାରୀ ଭାବି ଫୋପାଡ଼ି ଦିଅନ୍ତି; କିନ୍ତୁ ଏଥିରେ ଅଧିକ ପୋଷକ ତତ୍ତ୍ୱ ରହିଥାଏ। ଏହା କେଶ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ସେହିପରି ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଓ ଖଣିଜ ପଦାର୍ଥ ଆଦି ଥାଏ। ଏହା କେଶକୁ ପୋଷଣ ଦେବା ସହ କେଶ ସମସ୍ୟା ଦୂର କରି କେଶ ବଢ଼ାଇଥାଏ। ତେବେ କଦଳୀ ଚୋପାକୁ କିପରି ଲଗାଇବେ ଜାଣିବା ସେ ବିଷୟରେ।

### ଫାଇଦା

- ଏହା ଶୁଷ୍କକେଶକୁ ନରମ ରଖିବାରେ ସହାୟକ ହୋଇଥାଏ। ଏଥିସହ ରୂପି ସମସ୍ୟା ମଧ୍ୟ ଦୂର କରିଥାଏ। ଏଥିସହ କେଶକୁ ମଜଭୂତ କରିଥାଏ।
- କଦଳୀ ଚୋପା କେଶମୂଳରେ ରକ୍ତ ସଞ୍ଚାଳନ ମାତ୍ରା ବୃଦ୍ଧି କରିଥାଏ। ଏହା କେଶ ବଢ଼ିବାରେ ବେଶ୍ ସହାୟକ ହୋଇଥାଏ। ସେହିପରି କଦଳୀ ଚୋପାରେ ଥିବା ନାନା ପୌଷ୍ଟିକ ତତ୍ତ୍ୱ କେଶକୁ ପ୍ରାକୃତିକ ଚମକ ଓ ନରମ କରିଥାଏ। ଏହାଦ୍ୱାରା କେଶଝଡ଼ା ସମସ୍ୟା ମଧ୍ୟ କମିଥାଏ।

### ନଡ଼ିଆ ତେଲ ଓ ଚୋପା

ପାଚିଲା କଦଳୀ ଚୋପା ଦୁଇଟି, ନଡ଼ିଆ ତେଲ ଦୁଇ ଚାମଚ ଓ ମହୁ ଏକ ଚାମଚ ନିଅନ୍ତୁ। ଏହାକୁ ଏକତ୍ର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ କେଶ ଓ କେଶମୂଳରେ ଭଲ ଭାବେ ଲଗାଇ ୨୦ -୩୦ ମିନିଟ୍ ରଖି ପାଣିରେ ଧୋଇ ଦିଅନ୍ତୁ। ଏହାପରେ ମାଇଲ୍ଡ ସାମ୍ପୁରେ କେଶ ସଫା କରନ୍ତୁ।



### ଘିକୁଆଁରୀ ଓ କଦଳୀ

କଦଳୀ ଚୋପାରେ ଘିକୁଆଁରୀ ମିଶାଇ ଗ୍ରାଇଣ୍ଡିଂ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ହାଲୁକା ହାତରେ ଏହାକୁ କେଶରେ ଲଗାଇ କୋଡ଼ିଏ ମିନିଟ୍ ପରେ ଧୋଇ ଦିଅନ୍ତୁ। ଅଧିକ ସୁଫଳ ଚାହୁଁଥିଲେ ଏହାକୁ ସପ୍ତାହରେ ୨ ଥର ଲଗାନ୍ତୁ।



# ଫେଶନରେ ବାମ୍ବୋ ବ୍ୟାଗ୍

ପୋଷାକ, ମେକ୍‌ଅପ୍ ଓ ଜୋତା ଭଳି ହ୍ୟାଣ୍ଡବ୍ୟାଗ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଧିକାଂଶ ମହିଳା ନୂଆ ଡିଜାଇନର ହ୍ୟାଣ୍ଡବ୍ୟାଗ୍ ଧରିବାକୁ ପସନ୍ଦ କରନ୍ତି । ଏହି କ୍ରମରେ ଏବେ ବାମ୍ବୋ ବ୍ୟାଗ୍‌ର ଚାହିଦା ରହିଛି। ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ।

### ହାପ ମୁନ୍ ବାମ୍ବୋ ବ୍ୟାଗ୍

ଷ୍ଟାଇଲିଶ୍ ଆଉଟ୍‌ଫିଟ୍‌ରେ ହ୍ୟାଣ୍ଡବ୍ୟାଗ୍ କ୍ୟାରି କରିବାକୁ ଚାହୁଁଥିଲେ ହାପ୍ ମୁନ ବାମ୍ବୋ ଟୋଟ୍ ବ୍ୟାଗ୍ ଧରିପାରିବେ। ଏହି ବ୍ୟାଗ୍ ଏବେ ଖୁବ୍ ଲୋକପ୍ରିୟ ରହିଛି। ଅଧିକାଂଶ ମହିଳାଙ୍କର ଏହା ପ୍ରଥମ ପସନ୍ଦ ପାଲଟିଛି। ଏଥିରେ ନିଜ ଆବଶ୍ୟକତା ଅନୁଯାୟୀ ଜିନିଷ ରଖିପାରିବେ।



### ବଞ୍ଜାରା ଜୁଟ୍

ଆଉଟଫିଟ୍ ଅନୁଯାୟୀ ଅଧିକ ଆକର୍ଷଣୀୟ ଦିଶିବାକୁ ଚାହୁଁଥିଲେ ସାଥିରେ ବଞ୍ଜାରା ଜୁଟ୍ ବ୍ୟାଗ୍ ନେଇପାରିବେ। ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ।

# ସକାରାତ୍ମକ ପରିବେଶ ପାଇଁ ସଜାନ୍ତୁ ଘର

ଘରେ ଶାନ୍ତି ଓ ସକାରମ୍କ ପରିବେଶ ଥିଲେ ସମସ୍ତଙ୍କୁ ଭଲ ଲାଗେ। ଏହା ମନ, ଭାବନା ଓ ଜୀବନ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ। କିନ୍ତୁ ଅସଜଡ଼ା ଥିଲେ ମନ ଅଶାନ୍ତ ଓ ଚିଡ଼ଚିଡ଼ା ଲାଗିଥାଏ। ତେଣୁ ଘରେ ସକାରମ୍କ ପରିବେଶ ରଖିବାକୁ ଚାହୁଁଥିଲେ ନିମ୍ନ ପ୍ରଦତ୍ତ ଟିପ୍‌ସ ଆପଣାଇପାରିବେ।



### ସୁଗନ୍ଧ ମହମବତୀ

ସୁଗନ୍ଧ ମନରେ ଏକ ପ୍ରକାର ଆନନ୍ଦ ଉଲ୍ଲାସ ଖେଳିଯାଏ। ତେଣୁ ଘରେ ଲାଭେଣ୍ଡର, ଗୋଲାପ ଓ ସ୍ୟାଣ୍ଡଲ୍‌ଉଡ୍ ସୁଗନ୍ଧଯୁକ୍ତ ମହମବତୀ ଲଗାଇପାରିବେ। । ସେହିପରି ସନ୍ଧ୍ୟା ସମୟରେ ଘରେ ପରଫ୍ୟୁମ୍ କ୍ୟାଣ୍ଡେଲ୍ ଜଳାଇଲେ ଏହା ଘର ପରିବେଶକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥାଏ। ଏଥିସହ ନକାରାତ୍ମକ ଶକ୍ତି ଦୂର କରିଥାଏ।

### କାନ୍ଥରେ କଳାକୃତି

ସେହିପରି ଘର କାନ୍ଥରେ ଲାଗିଥିବା ଫଟୋ ଓ ଉକ୍ତି ମଣିଷର ଚିନ୍ତାଧାରା ଉପରେ ଗଭୀର ପ୍ରଭାବ ପକାଇଥାଏ। ତେଣୁ ଘରେ ପ୍ରେରଣାଦାୟୀ ଧାଡ଼ି ଲେଖାଥିବା ଫଟୋ ଫ୍ରେମ୍ କିମ୍ବା କଳାକୃତି ମଧ୍ୟ ଲଗାଇପାରିବେ।

### ଇଣ୍ଡୋର୍ ପ୍ଲାଣ୍ଟ

ଗଛଘରର ସୁନ୍ଦରତା ବୃଦ୍ଧି କରିବା ସହ ଘରେ ସତେଜ ବାତାବରଣ ରଖିଥାଏ। ଏଥିସହ ଅମ୍ଳଜାନ ମଧ୍ୟ ଦେଇଥାଏ। ଏଥିପାଇଁ ମନିପ୍ଲାଣ୍ଟ, ସ୍ନେକ୍‌ପ୍ଲାଣ୍ଟ ଓ ଘିକୁଆଁରୀ ଭଳି ଗଛ ଲଗାଇପାରିବେ।

ମୋ ହାଣ୍ଡିଶାଳରୁ...

# ସୋୟାବିନ୍ କୋପ୍ତା

### ଆବଶ୍ୟକ ସାମଗ୍ରୀ

ସୋୟାବିନ୍ - ୨୦୦ ଗ୍ରାମ୍, କଟା ପିଆଜ - ଏକ କପ୍, ଅଦା ରସୁଣ ପେଷ୍ଟ - ଏକ ବଡ଼ ଚାମଚ, ଭୃସଙ୍ଗପତ୍ର, ଗୋଟା ଗରମ ମସଲା, ଲଙ୍କାଗୁଣ୍ଡ - ଏକ ଚାମଚ, ଧନିଆଗୁଣ୍ଡ - ଏକ ଚାମଚ, ହଳଦୀଗୁଣ୍ଡ - ଏକ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗରମ ପାଣିରେ ସୋୟାବିନ୍‌କୁ ବତୁରାନ୍ତୁ। ଏହାପରେ ସୋୟାବିନ୍‌କୁ ଛାଣି ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ହାଲୁକା ଗୁଣ୍ଡ ହୋଇଯିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ସେଥିରେ ବେସନ, ଲଙ୍କାଗୁଣ୍ଡ, ଭୃସଙ୍ଗପତ୍ର, ଅଦା ରସୁଣ ପେଷ୍ଟ ଓ ପାନମଧୁରୀ ଦେଇ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ। ଏହାପରେ କଡ଼େଇରେ ତେଲ ଦେଇ ଗୁଳାକୁ ଛାଣନ୍ତୁ। ଏହା ସୁନେଲି ରଙ୍ଗ ହୋଇଗଲେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦେଇ ତେଜପତ୍ର ଗୋଟା ଗରମମସଲା ଦିଅନ୍ତୁ। ପରେ ସେଥିରେ କଟା ପିଆଜ, ଅଦା, ରସୁଣ ଓ ଟମାଟୋ ଦେଇ ଭାଜନ୍ତୁ। ପରେ ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ, ଗରମ ମସଲା ଦେଇ କଷି ଦିଅନ୍ତୁ। ମସଲା କଷି ହୋଇଗଲେ ପ୍ରସ୍ତୁତ କରି ରଖିଥିବା ଛଣାବଡ଼ି ସବୁକୁ ଦିଅନ୍ତୁ। ଏହାପରେ ଅଳ୍ପ ସମୟ ଗ୍ୟାସ୍‌ରେ ବସାଇ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ସୋୟାବିନ୍ କୋପ୍ତା'।



### ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଟି-୨୦ ଆଜି: ଦଳରେ ନାହାନ୍ତି କୁଲଦୀପ, ହେଡ୍

# ସିରିଜ୍ ଅଗ୍ରଣୀ ଲକ୍ଷ୍ୟରେ ଖେଳିବ ଭାରତ

ଗୋଲ୍ଡ କୋଷ୍ଟ, ୫।୧୧(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ବରାବର ସ୍ଥିତିରେ ରହିଛି। ସିରିଜ୍‌ରେ ୩ଟି ମ୍ୟାଚ ପରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ଅବସ୍ଥାରେ ରହିଛନ୍ତି। ଏହା ମଧ୍ୟରେ ଆସନ୍ତାକାଲି ବା ଗୁରୁବାର ଚତୁର୍ଥ ଏବଂ ଶନିବାର ପଞ୍ଚମ ତଥା ଶେଷ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତି ଉଭୟ ଦଳ ଅଗ୍ରଣୀ ନେବା ଲକ୍ଷ୍ୟରେ ରହିଛନ୍ତି। ବିଶେଷ କରି ଘରୋଇ ଦଳର ପ୍ରତିଷ୍ଠିତ ଖେଳାଳି ଜୋଶ ହାଜ୍‌ଲେଉଡ୍, ଟ୍ରାଭିସ ହେଡ ଓ ସିନ ଆବଟ ଦଳରେ ନାହାନ୍ତି। ଏମାନେ ସମସ୍ତେ ପର୍ଥରେ ନଭେମ୍ବର ୨୧ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଆସେସ ସିରିଜ୍‌ର ପ୍ରଥମ ଟେଷ୍ଟ ଲାଗି ଦଳରେ ସାମିଲ ହୋଇଛନ୍ତି। ଏହି ଦଳରେ ସାମିଲ ହୋଇଥିବା କେବଳ ଜଣେମାତ୍ର ଖେଳାଳି ୱିକେଟରକ୍ଷକ ଜୋଶ ଇଂଲିଶ ଏବେ ଟି-୨୦ ଦଳରେ ଖେଳୁଛନ୍ତି। ଅନ୍ୟ ପକ୍ଷରେ ଆସନ୍ତାକାଲିଠାରୁ ଦକ୍ଷିଣ ଆଫ୍ରିକା-ଏ' ସହ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଖେଳିବାକୁ କୁଲଦୀପ ଯାଦବ ଭାରତରେ ପହଞ୍ଚି ପ୍ରସ୍ତୁତ ହୋଇଛନ୍ତି। ଶୁବମନ ଗିଲ୍ ଟେଷ୍ଟ ଦଳର ନେତୃତ୍ୱ ନେଉଥିଲାବେଳେ ଏଠାରେ ସଂଘର୍ଷ କରୁଛନ୍ତି। ଦୁଇ ସ୍ପିନର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର କିମ୍ବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ନଭେମ୍ବର ୧୪ରୁ ଆରମ୍ଭ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସ୍ଥାନ ପାଇପାରନ୍ତି। କିନ୍ତୁ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତ ଏଠାରେ ଆଉ ଏକ ସିରିଜ୍ ଜିତିବାକୁ ସୁଯୋଗ ପାଇଛି। ଅଷ୍ଟ୍ରେଲିଆ ମାଟିରେ ଭାରତ ୨୦୦୮ ପରଠାରୁ ଟି-୨୦ ଫର୍ମାଟରେ ସିରିଜ୍ ହାରିନାହିଁ।



## ଗିଲ୍‌ଙ୍କ ଉପରେ ନଜର

ଏହି ସିରିଜ୍‌ରେ ଟି-୨୦ ଦଳର ଉପଅଧିନାୟକ ଶୁବମନ ଗିଲ୍ ରନ୍ ଲାଗି ସଂଘର୍ଷ କରୁଛନ୍ତି। ଏହି ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରେ ଇନିଂସ ଓପନ କରି ଯଥାକ୍ରମେ ଅପରାଜିତ ୩୭, ୫ ଓ ୧୫ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏହାକୁ ନେଇ ସମର୍ଥକମାନେ କ୍ଷୁବ୍ଧ ହୋଇଥିଲେ ମଧ୍ୟ ଗିଲ ଦଳରେ ତିଷ୍ଠି ରହିଛନ୍ତି। ଅଷ୍ଟ୍ରେଲିଆ ଭଳି ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଘରୋଇ ମାଟିରେ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଥିଲା। କିନ୍ତୁ ତାହା ସେ ନ କରି ଟି-୨୦ ଫର୍ମାଟରେ ସଘର୍ଷ କରୁଥିଲେ ମଧ ଖେଳୁଛନ୍ତି। ଗିଲ୍‌ଙ୍କୁ ଦଳରେ ସାମିଲ କରାଯାଇଥିବାରୁ ସେ ଆଉ ଜଣେ ପ୍ରତିଭାବାନ ଖେଳାଳିଙ୍କ ରାସ୍ତା ବନ୍ଦ କରିଥିଲାବେଳେ ଆଉ ଜଣେ ଖେଳାଳିଙ୍କ କ୍ୟାରିୟର ଶେଷ କରିଦେଇଛନ୍ତି ବୋଲି ସିଧାସଳଖ ଅଭିଯୋଗ ଆଣିଛନ୍ତି ଭାରତର କିଂବଦନ୍ତୀ କ୍ରିକେଟର କେ. ଶ୍ରୀକାନ୍ତ। ଦଳରେ ଗିଲ ସାମିଲ ହୋଇଥିବାରୁ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ନିଆଯାଉନାହିଁ। ସେହିପରି ଗିଲ ଇନିଂସ ଓପନ କରିବା ଫଳରେ ସଞ୍ଜୁ ସାମସନଙ୍କ କ୍ୟାରିୟର ମଧ୍ୟ ଏକପ୍ରକାର ଶେଷ ହୋଇଯାଇଛି। ଏଭଳି ସ୍ଥିତିରେ ତାଙ୍କ ଉପରେ ନଜର ରହିବା ସ୍ୱାଭାବିକ୍। ଏହା ମଧ୍ୟରେ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଫିଟ୍ ହୋଇଯାଇଛନ୍ତି। ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲଙ୍କ କହିବା ଅନୁଯାୟୀ ବ୍ୟାଟିଂ, ଫିଲ୍ଡିଂ ଓ ବୋଲିଂ କରିବାରେ ରେଡ୍ଡୀ କୌଣସି ଅସୁବିଧାର ସମ୍ମୁଖୀନ ହୋଇନାହାନ୍ତି। କିନ୍ତୁ ସେ କେତେ ପରିମାଣରେ ମ୍ୟାଚ୍ ଫିଟ୍ ଅଛନ୍ତି ତାହାକୁ ଜାଣିବା ପରେ ଦଳରେ ସାମିଲ କରାଯିବ କି ନାହିଁ ସ୍ଥିର ହେବ। ତୃତୀୟ ଟି-୨୦ରେ ଭାରତ ଅଭିଷେକ ଶର୍ମାଙ୍କୁ ଶୀଘ୍ର ହରାଇଥିଲେ ମଧ୍ୟ ଅନ୍ୟମାନଙ୍କ ମିଳିତ ସଫଳତା ଯୋଗୁ ଭାରତ ମ୍ୟାଚ୍ ଜିତିଥିଲା। ବିଶେଷ କରି ପ୍ରଥମ ମ୍ୟାଚ୍ ଖେଳି ୱାଶିଂଟନ ସୁନ୍ଦର ବଡ଼ ବଡ଼ ସଟ୍ ଖେଳି ସର୍ବାଧିକ ସ୍କୋର କରିଥିଲାବେଳେ ସାମସନ୍‌ଙ୍କ ସ୍ଥାନରେ ଖେଳିଥିବା ଜିତେଶ ଶର୍ମାଙ୍କ ଆତ୍ମବିଶ୍ୱାସଭରା ବ୍ୟାଟିଂ ତାଙ୍କୁ ଦଳରେ ରଖିବାକୁ ବାଧ କରିଛି। ବୋଲିଂରେ ଦଳର ସେପରି କିଛି ପରିବର୍ତ୍ତନ ହେବ ବୋଲି ଆଶା କରାଯାଉନାହିଁ। ଅଲରାଉଣ୍ଡର ଶିବମ ଦୁବେଙ୍କ ସ୍ଥାନରେ ଫିଟ୍ ହୋଇଥିଲେ ନୀତୀଶଙ୍କୁ ସାମିଲ କରାଯିବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳରୁ ହାଜ୍‌ଲେଉଡ୍, ହେଡ୍ ଓ ସିନ ଆବଟଙ୍କୁ ପ୍ରତ୍ୟାହାର କରିନିଆଯାଇଛି। ଏମାନଙ୍କ ସ୍ଥାନରେ ବେନ୍ ଡ୍ୱାରଶୁଇସ୍ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ସାମିଲ କରାଯାଇଛି। ଉଭୟ ମ୍ୟାଚ୍ ଫିଟ୍ ନାହାନ୍ତି। ଏଣୁ ସେମାନଙ୍କୁ ଦଳରେ ସାମିଲ କରାଯିବ କି ନାହିଁ ତାହା ଶେଷ ମୁହୂର୍ତ୍ତରେ ସ୍ଥିର ହେବ। ତୃତୀୟ ମୁକାବିଲାରେ ଟିମ୍ ଡେଭିଡ୍‌ଙ୍କ ବିଗ୍ ହିଟିଂ ଓ ମାର୍କସ ଷ୍ଟୋଇନିସ୍‌ଙ୍କ ଚମତ୍କାର ଇନିଂସ ଅଷ୍ଟ୍ରେଲିଆକୁ ଫାଇଦାରେ ରଖିବ। ହେଡ୍‌ଙ୍କ ଅନୁପସ୍ଥିତିରେ ମାଥ୍ୟୁ ସର୍ଟ ଇନିଂସ ଓପନ କରିବେ। ଉପରୋକ୍ତ ଦୁଇ ଖେଳାଳିଙ୍କୁ ନେଇ ଦଳ ପରିବର୍ତ୍ତନ ହୋଇପାରେ।

**ଆରମ୍ଭ : ଅପରାହ୍ଣ ୧ଟା ୪୫**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ସମ୍ଭାବ୍ୟ ଦଳ

**ଭାରତ** - ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଜିତେଶ ଶର୍ମା (ୱିକେଟରକ୍ଷକ), ଶିବମ ଦୁବେ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା ଓ ବରୁଣ ଚକ୍ରବର୍ତ୍ତୀ।

**ଅନ୍ୟ ଖେଳାଳି**- ନୀତୀଶ କୁମାର ରେଡ୍ଡୀ, ସଞ୍ଜୁ ସାମସନ, ରିଙ୍କୁ ସିଂ, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ** - ମାଥ୍ୟୁ ସର୍ଟ, ମିଚେଲ ମାର୍ଶ (ଅଧିନାୟକ), ଜୋଶ ଇଂଲିଶ (ୱିକେଟ ରକ୍ଷକ), ଟିମ୍ ଡେଭିଡ୍, ମିଚେଲ ଓଏନ, ମାର୍କସ ଷ୍ଟୋଇନିସ, ଗ୍ଲେନ୍ ମ୍ୟାକ୍ସୱେଲ, ଜାଭିୟର ବାର୍ଟଲେଟ, ବେନ୍ ଡ୍ୱାରଶୁଇସ୍, ନାଥାନ ଏଲିସ, ମାଥ୍ୟୁ କୁନେମାନ୍।

**ଅନ୍ୟ ଖେଳାଳି**- ମାହଲି ବିୟର୍ଡମ୍ୟାନ୍, ତନ୍‌ବୀର ସାଙ୍ଘା, ଜୋଶ ଫିଲିପ୍।

### ■ ଭାରତ- ଦ.ଆଫ୍ରିକା ସିରିଜ୍ ୧୪ରୁ

## ଟେଷ୍ଟ ଦଳକୁ ଫେରିଲେ ରଷଭ ପନ୍ତ୍

ଗୋଲ୍ଡ କୋଷ୍ଟ, ୫।୧୧(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଆହତ ହୋଇଥିବା ୱିକେଟରକ୍ଷକ/ ବ୍ୟାଟର ରଷଭ ପନ୍ତ୍ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ଖେଳାଯିବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳକୁ ଫେରିଛନ୍ତି। କୋଲକାତାରେ ନଭେମ୍ବର ୧୪ରୁ ଓ ଆସାମର ବର୍ସାପଡାରେ ନଭେମ୍ବର ୨୨ରୁ ଖେଳାଯିବାକୁ ଥିବା ମ୍ୟାଚ୍ ଲାଗି ବିସିସିଆଇର ବରିଷ୍ଠ ଚୟନ କମିଟି ଆଜି ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ପନ୍ତ୍‌ଙ୍କ ପ୍ରତ୍ୟାବର୍ତ୍ତନ ହେବା ସହ



ପୂର୍ବପରି ଉପଅଧିନାୟକ ରହିଛନ୍ତି। ସୂଚନାଯୋଗ୍ୟ ଗତ ଜୁଲାଇରେ ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଟେଷ୍ଟ ଖେଳୁଥିଲାବେଳେ ବଲ ବାଜି ପନ୍ତ୍‌ଙ୍କ ଗୋଡ ସାମାନ୍ୟ ଫାଟି ଯାଇଥିଲା। ଏହା ଫଳରେ ତାଙ୍କୁ ବିଶ୍ରାମ ନେବାକୁ କୁହାଯାଇଥିଲା। ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷରେ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳି ପନ୍ତ୍ ତାଙ୍କ ଫିଟ୍‌ନେସ ସହ ମ୍ୟାଚ୍ ଫିଟ୍ ବୋଲି ପ୍ରମାଣ ଦେଇଛନ୍ତି। ସେ ମଧ୍ୟ ୯୦ ରନ୍ କରି ଦୀର୍ଘ ସମୟ କ୍ରିଜ୍‌ରେ ରହିପାରିବେ ବୋଲି ଜଣାଇଛନ୍ତି। ସେହିପରି ଇଂଲଣ୍ଡ ସିରିଜ୍‌ରେ ଆହତ ହୋଇଥିବା ଅନ୍ୟତମ ଖେଳାଳି ତଥା ଫାଷ୍ଟ ବୋଲର ଆକାଶ ଦୀପ୍‌ଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ୍ ସହ ଖେଳିଥିବା ଦୁଇ ଖେଳାଳି ତଥା ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ୱିକେଟ ରକ୍ଷକ ଏନ୍ ଜଗଦୀଶନଙ୍କୁ ଦଳରୁ ବାଦ୍ ଦିଆଯାଇଛି।

**ଘୋଷିତ ଦଳ:** ଶୁବମନ ଗିଲ (ଅଧିନାୟକ), ରଷଭ ପନ୍ତ (ୱିକେଟରକ୍ଷକ/ ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ଆକାଶ ଦୀପ୍।

## 'ଏ' ଦିନିକିଆ ସିରିଜ୍‌ରେ ତିଳକ ଅଧିନାୟକ

ନୂଆଦିଲ୍ଲୀ, ୫।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ତିଳକ ବର୍ମାଙ୍କୁ ଭାରତ-ଏ' ଦଳର ଅଧିନାୟକ ମନୋନୀତ କରାଯାଇଛି। ରାଜକୋଟରେ ନଭେମ୍ବର ୧୩ରୁ ଖେଳାଯିବାକୁ ଥିବା ଏହି ସିରିଜ୍ ଲାଗି ଋତୁରାଜ ଗାଏକ୍ୱାଡ୍‌ଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଅଭିଷେକ ଶର୍ମା, ରିୟାନ ପରାଗ, ଇଶାନ କିସାନଙ୍କ ଭଳି



ଫ୍ରଣ୍ଟଲାଇନ୍ ବ୍ୟାଟରଙ୍କୁ ଦଳରେ ନିଆଯାଇଛି। ଟେଷ୍ଟ ଦଳରେ ସ୍ଥାନ ପାଇ ନ ଥିବା ଫାଷ୍ଟ ବୋଲର ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣା ମଧ୍ୟ ଏହି ଦଳରେ ମନୋନୀତ ହୋଇଛନ୍ତି। ରାଜକୋଟରେ ସମସ୍ତ ୩ଟି ଯାକ ମ୍ୟାଚ୍ ନଭେମ୍ବର ୧୩, ୧୬ ଓ ୧୯ରେ ଖେଳାଯିବ।

**ଭାରତ-ଏ' ଦଳ:** ତିଳକ ବର୍ମା(ଅଧିନାୟକ), ଋତୁରାଜ ଗାଏକ୍ୱାଡ୍ (ଉପଅଧିନାୟକ), ଅଭିଷେକ ଶର୍ମା, ରିୟାନ ପରାଗ, ଇଶାନ କିସାନ ଓ ପ୍ରଭସିମରନ ସିଂହ (ୱିକେଟ ରକ୍ଷକ), ଆୟୂଷ ବଦୋନୀ, ନିଶାନ୍ତ ସିନ୍ଧୁ, ବିପରାଜ ନିଗମ, ମାନବ ସୁତାର, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ ରାଣା, ଖଲୀଲ ଅହମ୍ମଦ୍।

### ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍

## ଆଜି ଖେଳାଳି ନିଲାମ


ଭୁବନେଶ୍ୱର, ୫।୧୧(ସମିସ): ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଥିବା ସମ୍ମାନଜନକ ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍) ଲାଗି ଖେଳାଳି ନିଲାମ ଆସନ୍ତାକାଲି ବା ଗୁରୁବାର ଅନୁଷ୍ଠିତ ହେବ। ଏଥିଲାଗି ରାଜ୍ୟ ଓ ରାଜ୍ୟ ବାହାରର ଖେଳାଳି ନାମ ପଞ୍ଜୀକରଣ କରିଛନ୍ତି। ୧୨ଟି ଦଳକୁ ନେଇ ଏହି ଲିଗ ନଭେମ୍ବର ୧୪ରୁ ୧୬ ଯାଏ ଅନୁଷ୍ଠିତ ହେବ। ଆସନ୍ତାକାଲି ଖେଳାଳି ନିଲାମ ଭୁବନେଶ୍ୱରର ହୋଟେଲ ଲେମନ ଟ୍ରି'ରେ ଓ ନଭେମ୍ବର ୧୪ରୁ ଟୁର୍ଣ୍ଣାମେଣ୍ଟ ହୋଟେଲ ଲାଇଫ୍‌ରେ ଖେଳାଯିବ। ଅଲ୍ ଓଡ଼ିଶା ଚେସ ସଂଘ ଓ ଆଇକନିକ ସ୍ପୋର୍ଟ୍ସ ଫେଡେରେସନର ମିଳିତ ସହଯୋଗରେ ଏହି ପ୍ରିମିୟର ଟୁର୍ଣ୍ଣାମେଣ୍ଟ ଓଡ଼ିଶା ଚେସ୍ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଏହାର ଇଭେଣ୍ଟ ନିର୍ଦ୍ଦେଶକ ତଥା ନିଖିଳ ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ କହିଛନ୍ତି। ଆଇପିଏଲ୍-ଷ୍ଟାଇଲ ଫର୍ମାଟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ଓ ଆସନ୍ତାକାଲିର ନିଲାମିରେ ଖେଳାଳି, ପ୍ରାୟୋଜକ ଓ ଆୟୋଜକମାନେ ଉପସ୍ଥିତ ରହିବେ। ପଦ୍ମଶ୍ରୀ ଇଦା ଆର୍‌ଏସ୍‌ଆଇ ପୁତ୍ର ମାନୁବା ମୁଖ୍ୟ ଅତିଥିଭାବେ ଯୋଗ ଦେବେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଚେସ୍ ସଂଘ ବା ଏଆଇସିଏଫ୍‌ର ଅପରେସନ ହେଡ୍ ଅଜିତ କୁମାର ବର୍ମା, ଯୁଗ୍ମ ସମ୍ପାଦକ ମନୀଷ କୁମାର ଅନ୍ୟତମ ଅତିଥିଭାବେ ଉପସ୍ଥିତ ରହିବେ। ଅଙ୍କିତ କୁମାର ଦଲାଲ ନିଲାମ ପରିଚାଳନା କରିବେ।



ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ଅବସରରେ ଟ୍ରଫି ସହ ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା କ୍ରିକେଟ୍ ଦଳ

## ୩୮ ବର୍ଷରେ 'କିଙ୍ଗ୍ କୋହଲି'

ନୂଆଦିଲ୍ଲୀ, ୫।୧୧ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସୁପରଷ୍ଟାର୍ ତଥା ମହାନ ବ୍ୟାଟର୍ ବିରାଟ କୋହଲି ବୁଧବାର ୩୮ ବର୍ଷରେ ପାଦ ଥାପିଛନ୍ତି। ଏହି ଅବସରରେ ସାଥୀ ଖେଳାଳିଙ୍କଠାରୁ ଆରମ୍ଭ କରି ବହୁ ପୂର୍ବତନ କ୍ରିକେଟର୍ ଓ ଆଇପିଏଲ୍‌ରେ ତାଙ୍କ ଦଳ ଆର୍‌ସିବି ପକ୍ଷରୁ 'କିଙ୍ଗ୍ କୋହଲି'ଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଆର୍‌ସିବି କୋହଲିଙ୍କ କ୍ରିକେଟ୍ କ୍ୟାରିୟରର ଉପଲବ୍ଧିକୁ ଉଲ୍ଲେଖ କରି ଶୁଭେଚ୍ଛା ଜଣାଇଛି। ବିରାଟ ୫ ନଭେମ୍ବର ୧୯୮୮ରେ ଦିଲ୍ଲୀର ଏକ ପଞ୍ଜାବୀ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୨୦୦୮ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା କୋହଲି ଅଦ୍ୟାବଧି ୧୨୩ ଟେଷ୍ଟ, ୩୦୫ ଦିନିକିଆ ଓ ୧୨୫ ଟି-୨୦ ମ୍ୟାଚ୍ ଖେଳିସାରିଛନ୍ତି। ତିନୋଟି ଯାକ ଫର୍ମାଟ୍‌ରେ ତାଙ୍କ ନାମରେ ୮୨ ଶତକ ଓ ୨୮ ହଜାରରୁ ଊର୍ଦ୍ଧ୍ୱ ରନ ଲିପିବଦ୍ଧ ରହିଛି। ୧୭ ବର୍ଷର କ୍ୟାରିୟରରେ ସେ ଆଇସିସି ଦିନିକିଆ ଓ ଟି-୨୦ ବିଶ୍ୱକପ୍ ସହ ଚାମ୍ପିଅନ୍ସ ଟ୍ରଫି, ଆଇପିଏଲ୍ ଚାମ୍ପିଅନ ଓ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟ୍ରଫି ଜିତିଛନ୍ତି। ଟେଷ୍ଟ ଓ ଟି-୨୦ ଫର୍ମାଟ୍‌ରୁ ଅବସର ନେଇସାରିଥିବା କୋହଲି ଏବେ କେବଳ ଦିନିକିଆ ଫର୍ମାଟ୍‌ରେ ଖେଳ ଜାରି ରଖିଛନ୍ତି।



### ସିକେ ନାଇଡୁ ଟ୍ରଫି

## ବିଦର୍ଭଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୫।୧୧(ସମିସ): ଯାହା ଆଶଙ୍କା କରାଯାଇଥିଲା ତାହା ହୋଇଛି। କଟକର ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ ଗ୍ରାଉଣ୍ଡରେ ଚାଲିଥିବା ସିକେ ନାଇଡୁ ଟ୍ରଫିରେ ଭ୍ରମଣକାରୀ ବିଦର୍ଭଠାରୁ ଆୟୋଜକ ଓଡ଼ିଶା ୮୭ ରନ୍‌ରେ ହାରିଯାଇଛି। ଏହା ଫଳରେ ଦଳ ଗୋଟିଏ ହେଲେ ପଏଣ୍ଟ ହାସଲ କରିପାରି ନାହିଁ। ଏହି ମ୍ୟାଚ୍ ଜିତିବାକୁ ଓଡ଼ିଶା ଆଗରେ ୩୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଓମ୍ ଟି ମୁଣ୍ଡେ ସର୍ବାଧିକ ୯୮ ଓ ଶ୍ରେୟାଂଶ ଭରଦ୍ୱାଜ ୭୫ ରନ୍ କରିଥିଲେ ମଧ୍ୟ ଅନ୍ୟ ବ୍ୟାଟରଙ୍କଠାରୁ ଭଲ ସହଯୋଗ ମିଳି ନ ଥିଲା। ଯାହା ଫଳରେ ବିନା ଲଢ଼େଇରେ ଓଡ଼ିଶା ଏହି ମ୍ୟାଚ୍‌କୁ ହାରିଯାଇଥିଲା। ବିଜୟୀ ଦଳର ଗୌରବ ଓ ଜଗଜ୍ୟୋତ ୪ଟି ଲେଖାଏଁ ୱିକେଟ ନେଇ ଓଡ଼ିଶାକୁ ପରାଜିତ କରିଥିଲେ।

ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଦର୍ଭର ୧୬୬ ରନ୍ ଜବାବରେ ଘରୋଇ ମାଟିରେ ଖେଳି ମଧ୍ୟ ଓଡ଼ିଶା ମାତ୍ର ୧୨୮ରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସରେ ଅଭିଷେକ ଅଗରୱାଲଙ୍କ ୧୩୪ ଓ ଜଗଜୋତଙ୍କ ୫୪ ରନ୍ ବଳରେ ବିଦର୍ଭର ଦ୍ୱିତୀୟ ଇନିଂସରେ ୩୧୬ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ଆୟୂଷ ବାରିକ୍ ୩ଟି ଓ ସୌମ୍ୟରଞ୍ଜନ ଲେଙ୍କା ୨ଟି ୱିକେଟ ପାଇଥିଲେ।

## ଆର୍‌ସିବିକୁ ମିଳିବ ନୂଆ ମାଲିକ

ମୁମ୍ବଇ, ୫।୧୧ (ଏଜେନ୍ସି): ଆଇପିଏଲ୍‌ରେ ଦର୍ଶକଙ୍କ ସବୁଠୁ ପସନ୍ଦଯୋଗ୍ୟ ଫ୍ରାଞ୍ଚାଇଜ୍ ତଥା ସୁପରଷ୍ଟାର ବିରାଟ କୋହଲିଙ୍କ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ବିକିବା ଲାଗି ଆନୁଷ୍ଠାନିକ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ମହିଳା ପ୍ରିମିୟର ଲିଗ୍ ଓ ଆଇପିଏଲ୍‌ରେ ଆର୍‌ସିବିର ମାଲିକ ରହିଥିବା ବ୍ରିଟେନର ମଦ କମ୍ପାନୀ 'ଡିଆଜିଓ' ପକ୍ଷରୁ ଫ୍ରାଞ୍ଚାଇଜକୁ ବିକ୍ରି ଲାଗି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ଓ ଆରସିବିକୁ ନୂଆ ମାଲିକ ମିଳିବା ଆଶା କରାଯାଉଛି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୟୁନାଇଟେଡ ସ୍ପିରିଟ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ କମ୍ପାନୀ ରୟାଲ ଚ୍ୟାଲେଞ୍ଜର୍ସ ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍‌ରେ ଏହାର ନିବେଶର 'ଷ୍ଟ୍ରାଟେଜିକ ରିଭ୍ୟୁ' କରୁଛି।

### ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫି

## ଓମ୍‌ଙ୍କୁ ଓଡ଼ିଶା ଦଳର ନେତୃତ୍ୱ

ଭୁବନେଶ୍ୱର, ୫।୧୧ (ସମିସ): ଆଗାମୀ ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫି ଲାଗି ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରଥମ ୩ଟି ମ୍ୟାଚ୍ ଲାଗି ୧୮ ଜଣିଆ ଦଳ ଘୋଷିତ ହୋଇଥିବାବେଳେ ବ୍ୟାଟର୍ ଓମ୍ ଟି. ମୁଣ୍ଡେଙ୍କୁ ନେତୃତ୍ୱ ଦିଆଯାଇଛି। ଓଡ଼ିଶା ନଭେମ୍ବର ୯ରେ ଗୋଆକୁ ଭେଟିବ। **ଘୋଷିତ ଓଡ଼ିଶା ଦଳ:** ସାଇଦୀପ୍ ମହାପାତ୍ର, ଓମ୍ ଟି. ମୁଣ୍ଡେ (ଅଧିନାୟକ), ପାନକଳ ଶଶାଙ୍କ, ଶ୍ରେୟାଂଶ ଭରଦ୍ୱାଜ, ସୁଜଳ ସିଂ, ଦୀନେଶ ମାଝୀ ଓ ଆଶୀର୍ବାଦ ସ୍ୱାଇଁ, ବିମଳ କୁମାର, ଏମ୍‌ଡି ଦାନିଶ, ସୌମ୍ୟରଞ୍ଜନ ଲେଙ୍କା, ଆୟୂଷ ବାରିକ, ସୟେଦ ଟଫେଲ ଅହମ୍ମଦ, ସମ୍ବିତ ବେଜ, ଆଶୁତୋଷ ଛୁରିଆ, ବିଭାଶ ଶ', ଜ୍ଞାନରଞ୍ଜନ ନାୟକ, ଅଂଶୁମାନ ବେଜ ଓ ଶୁଭମ ପ୍ରିୟଦର୍ଶୀ।

## ଜୁନିଅର ହକି ବିଶ୍ୱକପ୍ ଟ୍ରଫି ଉନ୍ମୋଚିତ




ଚେନ୍ନଇ, ୫।୧୧ (ଏଜେନ୍ସି): ଚଳିତ ମାସ ଶେଷ ଭାଗରେ ଖେଳାଯିବାକୁ ଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ଟ୍ରଫିକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ବୁଧବାର ଉନ୍ମୋଚିତ କରିଛନ୍ତି। ଏଥିଲାଗି ତାମିଲନାଡୁ ସେକ୍ରେଟାରୀଏଟ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ତାମିଲନାଡୁ କ୍ରୀଡ଼ାମନ୍ତ୍ରୀ ଥୀରୁ ଉଦୟନିଧି ଷ୍ଟାଲିନ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ସମ୍ପାଦକ ଭୋଲାନାଥ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ଦୁଇ ସହର ଚେନ୍ନଇ ଓ ମଦୁରାଇରେ କନିଷ୍ଠ ହକି ବିଶ୍ୱକପ୍ ଖେଳାଯିବ। ଜୁନିଅର ପୁରୁଷ ବିଶ୍ୱକପ୍ ଇତିହାସରେ ଏଥର ପ୍ରଥମଥର ଲାଗି ୨୪ଟି ଦଳ ଅଂଶଗ୍ରହଣ କରିବେ। ଓମାନ, ଚିଲି ଓ ସୁଇଜରଲାଣ୍ଡ ସହ ଆୟୋଜକ ଭାରତ ପୁଲ୍-ବି'ରେ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଚିଲି ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ, ଭାରତ ଦୁଇଥର (୨୦୦୧ ଓ ୨୦୧୬) ଜୁନିଅର ହକି ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛି।

### ପ୍ରଥମ ଟି-୨୦: ସାଣ୍ଟନରଙ୍କ ଲଢୁଆ ଅର୍ଦ୍ଧଶତକ ବିଫଳ

## ୱେଷ୍ଟଇଣ୍ଡିଜ ବିଜୟୀ

ଅକ୍‌ଲାଣ୍ଡ, ୫।୧୧ (ଏଜେନ୍ସି): ଅଧିନାୟକ ମିଚେଲ ସାଣ୍ଟନରଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ବୁଧବାର ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଘରୋଇ ନ୍ୟୁଜିଲାଣ୍ଡ ୭ ରନରେ ୱେଷ୍ଟଇଣ୍ଡିଜ ନିକଟରୁ ପରାସ୍ତ ହୋଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍‌ଙ୍କ ୫୩ ରନ ଏବଂ ରୋଭମାନ ପାୱେଲ (୩୩ ରନ) ଓ ରୋଷ୍ଟନ ଚେଜ୍ (୨୮ ରନ)ଙ୍କ ଉପଯୋଗୀ ପାଳି ବଳରେ ୬ ୱିକେଟ୍ ହରାଇ ୧୬୪ ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ନିୟମିତ ବ୍ୟବଧାନରେ ୱିକେଟ ହରାଇବା ଫଳରେ ୧୬.୪ ଓଭରବେଳକୁ ୧୦୭ ରନରେ ଦଳର ୯ଜଣ ବ୍ୟାଟର୍ ପ୍ୟାଭିଲିୟନ ଫେରିଯାଇଥିଲେ। ବିଜୟ ଲାଗି ଶେଷ ୨୦ଟି ବଲରେ ନ୍ୟୁଜିଲାଣ୍ଡକୁ ୫୮ ରନ ଆବଶ୍ୟକ ହେଉଥିଲା। ଅନ୍ତିମ ୱିକେଟରେ ଏହା ଅସମ୍ଭବ ମନେ ହେଉଥିଲେ ମଧ୍ୟ ୧୧ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଜ୍ୟାକବ ଡଫିଙ୍କୁ ସାଥୀ କରି ସାଣ୍ଟନର ୫୦ ରନ ସଂଗ୍ରହ କରିଥିଲେ। ୮ଟି ଚୌକା ଓ ୨ଟି ଛକା ବଳରେ ସାଣ୍ଟନର ଅପରାଜିତ ୫୫ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ୨୮ ରନ ସହ ବୋଲିଂରେ ୩ଟି ୱିକେଟ ନେଇଥିବା ରୋଷ୍ଟନ ଚେଜ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS